# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, September 9/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 285 | ମୂଲ୍ୟ ₹୭/-




## ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ ?

20 ପେନ୍ ଇନ୍ ବୁକ୍ସ ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍‌ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ?





ଓଡ଼ିଶାର ଲୋକକଥା, କିମ୍ବଦନ୍ତୀ ଓ ଜଗନ୍ନାଥଙ୍କୁ ନେଇ ୩୦ଟି ଆଲେଖ
ମୂଲ୍ୟ ୨୯୯/-





ଶୃଙ୍ଗାର, ମଧୁର ଓ ହାସ୍ୟ ରସରେ ଉଭାର୍ଣ୍ଣ ୧୩ଟି ଲକ୍ଷ୍ମୀ-ଜଗନ୍ନାଥ କଳି
ମୂଲ୍ୟ ୩୪୯/-




ଶାସ୍ତ୍ର ଆଧାରିତ ଶ୍ରୀମନ୍ଦିର ସମ୍ପର୍କିତ ୩୪ଟି ସଚିତ୍ର କାହାଣୀ
ମୂଲ୍ୟ ୨୪୯/-




ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଅନୁଭୂତିମୂଳକ ଗଳ୍ପ ସଂକଳନ
ମୂଲ୍ୟ ୩୩୯/-




ଶ୍ରୀଜଗନ୍ନାଥଙ୍କୁ ନେଇ ଲିଖିତ ୨୦ଟି ପ୍ରସିଦ୍ଧ ଓଡ଼ିଆ କାହାଣୀ
ମୂଲ୍ୟ ୩୬୯/-

ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ ୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ **୯୯୯ ଟଙ୍କା**

ପ୍ରାୟ ୩୮ % ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

୧ ଯେକୌଣସି ୟୁପିଆଇ ଆପ୍‌ରେ (ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ) ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍‌କୁ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@icici ମାଧ୍ୟମରେ ୯୯୯ ଟଙ୍କା ପଇଠ କରନ୍ତୁ।
୨ ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
୩ ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।*
୪ ଯୋଜନା ୧୫ ସେପ୍ଟେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ।
୫ ବୈଧ ତାରିଖ ପରେ ଅଥବା ୯୯୯ ଭିନ୍ନ ଅନ୍ୟ କୌଣସି ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182




OMPL/2509/AD35

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅଭିଯୋଗ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ସୋମବାର ୫୬ତମ ଇଇପିସି ଇଣ୍ଡିଆ ନ୍ୟାଶନାଲ ଆୱାର୍ଡ୍ସ ଫର୍ ଏକ୍ସପୋର୍ଟ ଏକ୍ସିଲେନ୍ସ ଏବଂ ଇଇପିସି ଇଣ୍ଡିଆ କ୍ୱାଲିଟି ଆୱାର୍ଡ୍ସ ୫ମ ସଂସ୍କରଣର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଇଇପିସି ଇଣ୍ଡିଆ ଅଧ୍ୟକ୍ଷ ପଙ୍କଜ ଚଢ଼ା ସମ୍ମାନିତ କରୁଛନ୍ତି। ନିକଟରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ଜେରୁଜେଲମ୍ ବସ୍‌ଷ୍ଟାଣ୍ଡରେ ପାଲେଷ୍ଟିନୀୟଙ୍କ ଗୁଳି: ୬ ମୃତ

ଜେରୁଜେଲମ୍,୮।୯

ଉତ୍ତର ଜେରୁଜେଲମ୍‌ର ଏକ ବସ୍‌ଷ୍ଟାଣ୍ଡରେ ପାଲେଷ୍ଟିନୀୟ ବନ୍ଧୁକଧାରୀ ସୋମବାର ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ୧୨ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଅଛନ୍ତି। ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ଟାର୍ଗେଟ କରି ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ୨ ବନ୍ଧୁକଧାରୀ ନିହତ ହୋଇଥିବା ପୋଲିସ କହିଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୭ ଜଣ ଗୁରୁତର ଥିବା ଇସ୍ରାଏଲୀ ଜରୁରୀ ସେବା ମେଗାନ ଡେଭିଡ ଆଡମ୍ (ଏମ୍‌ଡିଏ) ପକ୍ଷରୁ କୁହାଯାଇଛି। ନିରୀହ ମହିଳା, ପୁରୁଷ ଓ ପିଲାଙ୍କୁ ବସ୍‌ରେ ଗୁଳିକରି ହତ୍ୟା କରାଯିବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ବୋଲି ଇସ୍ରାଏଲ୍ ରାଷ୍ଟ୍ରପତି ଇସାକ୍ ହେରଜୋଗ୍ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ଏହା ଆତଙ୍କବାଦୀଙ୍କ ଘୃଣିତ ଓ ଅନୈତିକ କାର୍ଯ୍ୟ ବୋଲି ସେ କହିଛନ୍ତି। ଗାଜାରେ ଯୁଦ୍ଧ ଜାରି ରହିଥିବାବେଳେ ଇସ୍ରାଏଲ୍ ଅଧିକୃତ ୱେଷ୍ଟବ୍ୟାଙ୍କ୍ ଏବଂ ଇସ୍ରାଏଲ୍‌ରେ ହିଂସା ବଢ଼ିବାରେ ଲାଗିଛି। ପାଲେଷ୍ଟିନୀୟ ଆତଙ୍କବାଦୀମାନେ ଇସ୍ରାଏଲୀଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି।

# ଏସି ବିସ୍ଫୋରଣ: ୩ ମୃତ

ଫରିଦାବାଦ, ୮।୯

ହରିୟାଣାର ଫରିଦାବାଦସ୍ଥିତ ଗ୍ରୀନ୍‌ଫିଲ୍ଡ କଲୋନୀରେ ଥିବା ଏକ ବିଲ୍ଡିଂର ପ୍ରଥମ ମହଲାରେ ରବିବାର ରାତିରେ ଏୟାର କଣ୍ଡିଶନର (ଏସି) ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡର ପ୍ରଭାବରେ ବିଲ୍ଡିଂର ଦ୍ୱିତୀୟ ମହଲାରେ ରହୁଥିବା ଗୋଟିଏ ପରିବାରର ୩ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ସେହିପରି ବିସ୍ଫୋରଣରେ ପରିବାରର ପୋଷା କୁକୁରର ମଧ୍ୟ ମୃତ୍ୟୁ ଘଟିଛି। ୩ ମୃତକ ହେଉଛନ୍ତି ସଚିନ କପୁର, ତାଙ୍କ ସ୍ତ୍ରୀ ରିଙ୍କୁ କପୁର ଓ ତାଙ୍କ ଝିଅ ସୁଜାନ କପୁର। ତେବେ ଆଉ ଏକ ରୁମ୍‌ରେ ଶୋଇଥିବା ସଚିନଙ୍କ ପୁଅ ଦ୍ୱିତୀୟ ମହଲାରୁ ଡେଇଁପଡ଼ି ନିଜ ଜୀବନ ବଞ୍ଚାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ୩ ମୃତଦେହକୁ ଜବତ କରାଯାଇଛି। ଶର୍ଟ-ସର୍କିଟ୍ ଯୋଗୁ ଏହି ବିସ୍ଫୋରଣ ଘଟିଥିବା ନେଇ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

# କ୍ରସ୍‌ଭୋଟିଂ ଉପରେ ନଜର

## ଉପରାଷ୍ଟ୍ରପତି ନିର୍ବାଚନ



ସି.ପି. ରାଧାକ୍ରିଷ୍ଣନ୍ (ଏନ୍‌ଡିଏ ପ୍ରାର୍ଥୀ)



ବି. ସୁଦର୍ଶନ ରେଡ୍ଡୀ (ଇଣ୍ଡିଆ ବ୍ଲକ୍ ପ୍ରାର୍ଥୀ)

ନୂଆଦିଲ୍ଲୀ,୮।୯(ପି.ଟି.)

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବାବେଳେ ଶାସକ ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ୍ ଏବଂ ବିରୋଧୀ ଦଳର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବାକୁ ଯାଉଛି। ପାର୍ଲାମେଣ୍ଟର ଉଭୟ ସଦନର ସଦସ୍ୟମାନେ ସଂସଦ ଭବନରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ମତଦାନରେ ଭାଗନେବେ। ସନ୍ଧ୍ୟା ୬ଟାରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଗୁପ୍ତ ବାଲଟ ବ୍ୟବସ୍ଥାରେ ମତଦାନ ହେବାକୁ ଥିବାବେଳେ ଭୋଟ ଦେବା ପାଇଁ ସଦସ୍ୟମାନେ ଦଳୀୟ ହୁଇପ୍ ମାନିବାକୁ ବାଧ୍ୟ ନୁହନ୍ତି।

ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍ ସେମାନଙ୍କ ଏମ୍‌ପିମାନଙ୍କୁ ସୋମବାର ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବା ସହ ମକ୍ ପୋଲ୍ କରାଇଛନ୍ତି। ନିର୍ବାଚନ ନିୟମାବଳୀ ଅନୁଯାୟୀ, ଏମ୍‌ପିମାନଙ୍କୁ ୨ ପ୍ରାର୍ଥୀଙ୍କ ନାମ ଥିବା ବାଲଟ ପେପର ଦିଆଯିବ। ସେମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କ ନାମ ପାର୍ଶ୍ୱରେ '୧' ଲେଖିବେ। ସେମାନେ ଭାରତୀୟ, ରୋମାନ୍ କିମ୍ବା ଅନ୍ୟ ଅନ୍ତର୍ଜାତୀୟ ଭାଷାରେ ଅଙ୍କରେ ଉକ୍ତ ସଂଖ୍ୟା ଲେଖିବେ, ଅକ୍ଷରରେ ନୁହେଁ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ କଲେଜର ମୋଟ ସଦସ୍ୟ ସଂଖ୍ୟା ୭୮୮। ସେମାନଙ୍କ ମଧ୍ୟରୁ ୨୪୫ ଜଣ ରାଜ୍ୟ ସଭା ଓ ୫୪୩ ଜଣ ଲୋକ ସଭା ସଦସ୍ୟ। ରାଜ୍ୟ ସଭାର ୧୨ ମନୋନୀତ ସଦସ୍ୟ ମଧ୍ୟ ଭୋଟ ଦେବେ। ସମ୍ପ୍ରତି ରାଜ୍ୟ ସଭାରେ ୬ ଏବଂ ଲୋକ ସଭାର ଗୋଟିଏ ଆସନ ଖାଲି ପଡ଼ିଥିବାରୁ ଇଲେକ୍ଟୋରାଲ କଲେଜର ସଦସ୍ୟ ସଂଖ୍ୟା ୭୮୧କୁ ହ୍ରାସ ପାଇଛି। ଏହା ବ୍ୟତୀତ ଓଡ଼ିଶାର ବିଜେଡି ଏବଂ କେ. ଚନ୍ଦ୍ରଶେଖର ରାଓଙ୍କ ବିଆର୍‌ଏସ୍ ଭୋଟଦାନରୁ ବିରତ ରହିବେ ବୋଲି ଘୋଷଣା କରିଛନ୍ତି। ଫଳରେ ମୋଟ ୭୭୦ ସଦସ୍ୟ ଭୋଟ ଦେବାକୁ ଥିବାରୁ ନିର୍ବାଚନ ଜିତିବା ପାଇଁ କୁହୁକ ସଂଖ୍ୟା ୩୮୬ ହୋଇଥିବାବେଳେ ଏନ୍‌ଡିଏ ପାଖରେ ୪୨୫ ଏବଂ ବିରୋଧୀ କ୍ୟାମ୍ପ୍‌ରେ ୩୨୪ ସଦସ୍ୟ ରହିଛନ୍ତି। ଶାସକ ଏବଂ ବିରୋଧୀ ମେଣ୍ଟ ବାହାରେ ରହିଥିବା ୱାଇଏସ୍‌ଆର୍‌ସିପିର ୧୧ ସଦସ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ହଠାତ୍ ଇସ୍ତଫା ଦେବାରୁ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ଏନ୍‌ଡିଏ ପ୍ରାର୍ଥୀ ରାଧାକ୍ରିଷ୍ଣନ୍ ତାମିଲନାଡୁର ବରିଷ୍ଠ ଭାଜପା ନେତା ତଥା ମହାରାଷ୍ଟ୍ର ରାଜ୍ୟପାଳ। ସେହିପରି ବିରୋଧୀ ପ୍ରାର୍ଥୀ ରେଡ୍ଡୀ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ହୋଇଥିବାବେଳେ ତେଲଙ୍ଗାନା ବାସିନ୍ଦା। ସାଲୱା ଜୁଡୁମ୍ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପାଇଁ ସେ ବେଶ୍ ଜଣାଶୁଣା। ଜିତିବା ପାଇଁ ଏନ୍‌ଡିଏ ପାଖରେ ଯଥେଷ୍ଟ ସଂଖ୍ୟା ରହିଥିବାବେଳେ ବିରୋଧୀମାନେ ଏହି ନିର୍ବାଚନକୁ ଆଦର୍ଶଗତ ଲଢ଼େଇ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ରେ ଜଗଦୀପ ଧନ୍‌କର ଏନ୍‌ଡିଏ ସମେତ ଅନ୍ୟ ସମଭାବାପନ୍ନ ଦଳଗୁଡ଼ିକର ସମର୍ଥନ ପାଇ ୩ ଦଶନ୍ଧି ମଧ୍ୟରେ ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତାଙ୍କୁ ପାଖାପାଖି ୭୫ ପ୍ରତିଶତ ଭୋଟ ମିଳିଥିଲା। ତେବେ ଏଥର ଭୋଟ ବ୍ୟବଧାନ ତାହା ତୁଳନାରେ ବହୁତ କମ୍ ରହିବ। କ୍ରସ୍ ଭୋଟିଂକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ପ୍ରତି ଭୋଟ ଉପରେ ଏନ୍‌ଡିଏ ନଜର ରଖିଛି। ଅନ୍ୟପକ୍ଷରେ ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକର ନେତା ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଏକାଠି ହୋଇ ଏକତାର ପ୍ରଦର୍ଶନ କରିଛନ୍ତି। କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଆର୍‌ଜେଡି, ଜେଏମ୍‌ଏମ୍, ଶିବସେନା (ୟୁବିଟି), ଏନ୍‌ସିପି(ଏସ୍‌ପି), ସିପିଆଇ, ସିପିଆଇ(ଏମ୍)ର ଶୀର୍ଷ ନେତାମାନେ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ଏକାଠି ହୋଇଥିଲେ। ବିରୋଧୀ ଏମ୍‌ପିମାନଙ୍କୁ ଭୋଟଦାନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଗତଥର କେତେକ ଭୋଟ ନାକଚ ହୋଇଯାଇଥିବାରୁ ଏଥର ଯେପରି ଗୋଟିଏ ଭୋଟ ନଷ୍ଟ ନ ହୁଏ, ତାହା ସୁନିଶ୍ଚିତ କରିବାକୁ ବିରୋଧୀ ଏମ୍‌ପିମାନଙ୍କୁ କୁହାଯାଇଛି।

# ୨ ଆତଙ୍କବାଦୀ, ୨ ଯବାନ ମୃତ

## କୁଲ୍‌ଗାମ୍ ଏନ୍‌କାଉଣ୍ଟର

ଶ୍ରୀନଗର,୮।୯

ଜମ୍ମୁ-କଶ୍ମୀରର କୁଲ୍‌ଗାମ୍ ଜିଲାରେ ସୋମବାର ଗୁଳି ବିନିମୟବେଳେ ୨ ଆତଙ୍କବାଦୀ ଓ ୨ ଯବାନ ନିହତ ହୋଇଛନ୍ତି। କୁଲ୍‌ଗାମର ଗୁଦାର ଜଙ୍ଗଲରେ ଆତଙ୍କବାଦୀ ରହିଥିବାର ଗୋଇନ୍ଦା ସୂଚନା ପାଇବା ପରେ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ସେଠାରେ ତଲାସି ଅଭିଯାନ ଚାଲିଥିଲା। ଆତଙ୍କବାଦୀମାନେ ସୁରକ୍ଷାବଳ ଉପରକୁ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟର ରୂପ ନେଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଗୁଳି ବିନିମୟ ବେଳେ ଜଣେ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ)ଙ୍କ ସମେତ ୩ ଯବାନ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ହସ୍ପିଟାଲରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ୨ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଅଞ୍ଚଳର ହୋଇଥିବାବେଳେ ଅନ୍ୟ ଜଣେ ବିଦେଶୀ ଓ ରେହମାନ ଭାଇ ସାଙ୍କେତିକ ନାମରେ ପରିଚିତ।

# ଟେଲିଗ୍ରାଫ୍ ସମ୍ପାଦକ ଶଙ୍କର୍ଷଣ ଠାକୁରଙ୍କ ପରଲୋକ

ନୂଆଦିଲ୍ଲୀ,୮।୯(ପି.ଟି.)



ବର୍ଷୀୟାନ ସାମ୍ବାଦିକ ତଥା ଦି ଟେଲିଗ୍ରାଫ୍‌ର ସମ୍ପାଦକ ଶଙ୍କର୍ଷଣ ଠାକୁରଙ୍କର ସୋମବାର ଗୁରୁଗ୍ରାମ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୩ ବର୍ଷ ହୋଇଥିଲା ଓ ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ୧୯୬୨ରେ ପାଟନାରେ ଜନ୍ମିତ ଶଙ୍କର୍ଷଣ ୧୯୮୪ରେ ସନ୍‌ଡେ ମାଗାଜିନ୍‌ରୁ ତାଙ୍କର ସାମ୍ବାଦିକତା କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ଇଣ୍ଡିଆନ୍ ଏକ୍ସପ୍ରେସ୍, ତେହେଲ୍‌କା ଏବଂ ଦି ଟେଲିଗ୍ରାଫ୍‌ରେ କାର୍ଯ୍ୟ କରିଥିଲେ। ତୀକ୍ଷ୍ଣ ରାଜନୈତିକ ଟିପ୍ପଣୀ ଏବଂ ସହାନୁଭୂତିପୂର୍ଣ୍ଣ ଲେଖା ପାଇଁ ଶଙ୍କର୍ଷଣ ଭାରତୀୟ ରାଜନୀତି ବିଶେଷ କରି ବିହାରରେ ଉତ୍ସାହୀ ଅଭିଲେଖକ ଭାବେ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ ବହୁ ରାଜନେତା ଶୋକବ୍ୟକ୍ତ କରିଛନ୍ତି।

# ସ୍ୱଦେଶୀ ମେଳା କରିବାକୁ ଏନ୍‌ଡିଏ ଏମ୍‌ପିଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

ନୂଆଦିଲ୍ଲୀ,୮।୯(ପି.ଟି.)




ଭାରତ ତିଆରି ସାମଗ୍ରୀଗୁଡ଼ିକର ପ୍ରଚାରପ୍ରସାର କରାଇବା ସହ ଜିଏସ୍‌ଟି ହ୍ରାସ ଉପରେ ବ୍ୟବସାୟୀ ଓ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା ପାଇଁ ଏନ୍‌ଡିଏ ଏମ୍‌ପିମାନେ ନିଜ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ସ୍ୱଦେଶୀ ମେଳା ଆୟୋଜନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପରାମର୍ଶ ଦେଇଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସୋମବାର ଅନୁଷ୍ଠିତ ଏନ୍‌ଡିଏ ଏମ୍‌ପିମାନଙ୍କ ବୈଠକରେ ଉଦ୍‌ବୋଧନ ଦେବା ଅବସରରେ ସ୍ୱଦେଶୀ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ସରକାର ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି)ରେ ପୂର୍ବରୁ ଥିବା ୧୨ ଏବଂ ୨୮ ପ୍ରତିଶତ ସ୍ଲାବ୍‌କୁ ହଟାଇଦେଇ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ ରଖିଛନ୍ତି। ଆସନ୍ତା ୨୨ରୁ ଏହା ଲାଗୁ ହେବାକୁ ଯାଉଛି। ଜିଏସ୍‌ଟି ହ୍ରାସ ନାଗରିକଙ୍କ ଟିକସ ବୋଝ କମାଇବା ସହ ଆର୍ଥିକ ଅଭିବୃଦ୍ଧି ବଢ଼ାଇବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି। ସେଥିପାଇଁ ସ୍ଥାନୀୟ ବ୍ୟବସାୟୀମାନଙ୍କ ସହ ୨୦ରୁ ୩୦ ସମ୍ମିଳନୀ ଆୟୋଜନ କରି ସେମାନଙ୍କୁ ଟିକସ ବ୍ୟବସ୍ଥା ସରଳୀକରଣର ଫାଇଦା ସମ୍ପର୍କରେ ଅବଗତ କରାଇବାକୁ ପ୍ରଧାନମନ୍ତ୍ରୀ ଏମ୍‌ପିମାନଙ୍କୁ କହିଛନ୍ତି। ନବରାତ୍ରୀ ଓ ଦୀପାବଳି ମଧ୍ୟରେ ସ୍ୱଦେଶୀ ମେଳା ଆୟୋଜନ କରି ଲୋକମାନଙ୍କୁ ଭାରତରେ ପ୍ରସ୍ତୁତ ସାମଗ୍ରୀ କିଣିବା ଦିଗରେ ପ୍ରୋତ୍ସାହିତ କରିବାକୁ କୁହାଯାଇଛି।

# ଆମେରିକାରେ ଭାରତୀୟଙ୍କୁ ଗୁଳିକରି ହତ୍ୟା

## ଖୋଲାରେ ପରିସ୍ରା କରିବାକୁ ବାରଣ କରିଥିଲେ

ୱାଶିଂଟନ, ୮।୯

ଆମେରିକାରେ ହରିୟାଣାର ଜିନ୍ଦ ନିବାସୀ କପିଲ (୨୬)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ସେ କାଲିଫର୍ନିଆରେ ଏକ ଷ୍ଟୋରର ସୁରକ୍ଷା ଗାର୍ଡ ଭାବେ ନିୟୋଜିତ ଥିଲେ। ରବିବାର ଉକ୍ତ ଷ୍ଟୋର ନିକଟସ୍ଥ ଏକ ସାର୍ବଜନୀନ ସ୍ଥାନରେ ପରିସ୍ରା କରୁଥିବା ଜଣେ ବ୍ୟକ୍ତିଙ୍କୁ ସେ ଅଟକାଇଥିଲେ। ଘଟଣାକୁ ନେଇ ବିବାଦ ବଢ଼ିଥିଲା ଏବଂ ଅଭିଯୁକ୍ତଙ୍କ ସହ କପିଲଙ୍କର ଯୁକ୍ତିତର୍କ ହୋଇଥିଲା। ଅଭିଯୁକ୍ତ ଜଣକ ଉତ୍ତେଜିତ ହୋଇ କପିଲଙ୍କୁ ଗୁଳିକରି ହତ୍ୟା କରିଥିଲେ। ଘଟଣାସ୍ଥଳରେ କପିଲଙ୍କର ମୃତ୍ୟୁ ହୋଇଥିଲା। ଜିନ୍ଦସ୍ଥିତ ବରାହ କଲାନ୍ ଗ୍ରାମର ମୁଖିଆ ସୁରେଶ କୁମାର ଗୌତମ ସୋମବାର ଏହି ସୂଚନା ଦେଇଛନ୍ତି। କପିଲ ୨୦୨୨ରେ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ବେଆଇନ୍ ଡଙ୍କି ରୁଟ୍ ଦେଇ ଆମେରିକା ପହଞ୍ଚିଥିଲେ। ସେତେବେଳେ ତାଙ୍କୁ ଗିରଫ କରାଯାଇଥିଲା। ଆଇନଗତ ପ୍ରକ୍ରିୟା ପରେ ସେ ମୁକୁଳିଥିଲେ।



# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୯/୨୦୨୫ | Bhubaneswar, Tuesday, September 9/2025 | ପୃଷ୍ଠା-୧




## ଅଲ୍‌କାରାଜଙ୍କୁ ୟୁଏସ୍ ଓପନ ଟାଇଟଲ

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ସ୍ପେନର କାର୍ଲୋସ ଅଲ୍‌କାରାଜ।

## ୧୨ ୦୨

## କାର୍ତ୍ତିକଙ୍କ ଘରେ ଶ୍ରୀଲୀଲା

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଘରେ ହୋଇଥିବା ଗଣେଶ ବିସର୍ଜନ ଉତ୍ସବରେ ଅଭିନେତ୍ରୀ ଶ୍ରୀଲୀଲା ସାମିଲ ହୋଇଛନ୍ତି।



# ବାଣୀବିହାରରୁ ବିଦାହେଲେ ଅଣଛାତ୍ର

ଭୁବନେଶ୍ୱର,୮।୯(ସତ୍ୟଜିତ୍ ରାଉତ)

### ପୋଲିସ ସହାୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ

### ହଷ୍ଟେଲ ରୁମ୍‌ରୁ ମିଳିଲା ମଦ ବୋତଲ, ହୁକା ବଙ୍କ୍, ଫ୍ରିଜ୍, ହିଟର

ବାଣୀବିହାର ହଷ୍ଟେଲରେ ଅନଧିକୃତ ଭାବେ ରହୁଥିବା ଅଣଛାତ୍ରମାନେ ଶେଷରେ ବିଦା ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୋମବାର ଏପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେପ୍ଟେମ୍ବର ୪ ସୁଦ୍ଧା କ୍ୟାମ୍ପସ ଛାଡ଼ିବାକୁ ୧ ନମ୍ବର (ଗୋପବନ୍ଧୁ), ୨ ନମ୍ବର (ମଧୁସୂଦନ) ଓ ୩ ନମ୍ବର (ଫକୀର ମୋହନ) ଛାତ୍ରାବାସରେ ରହୁଥିବା ଅଣଛାତ୍ରମାନଙ୍କୁ ସେପ୍ଟେମ୍ବର ୧ରେ ନୋଟିସ କରାଯାଇଥିଲା। ଏହି କଣ୍ଟ ପୂରିଥିଲେ ମଧ ବହୁ ଅଣଛାତ୍ର ହଷ୍ଟେଲ ଛାଡ଼ିବା ତ ଦୂରର କଥା, ଅଧିକ ଉତ୍ପାତ କରୁଥିଲେ। ଶେଷରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କମିଶନରେଟ୍ ପୋଲିସ ସହାୟତାରେ ମୋଟ ୪ଟି ହଷ୍ଟେଲରେ ଚଢ଼ାଉ ଓ ଯାଞ୍ଚ ପରେ ଅଣଛାତ୍ରଙ୍କୁ ବାହାର କରିବାରେ ସଫଳ ହୋଇଛନ୍ତି। ସ୍ପେଶାଲ କ୍ରାଇମ୍ ୟୁନିଟ୍‌ର ଡିସିପି ଅନୁପ କାନୁନ୍‌ଗୋଙ୍କ ନେତୃତ୍ୱରେ ପ୍ରାୟ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ହଷ୍ଟେଲଗୁଡ଼ିକରୁ ଅଣଛାତ୍ରଙ୍କ ଆସବାବପତ୍ରକୁ କଢ଼ାଯାଇଥିବାବେଳେ ଫକୀରମୋହନ ହଷ୍ଟେଲକୁ ସିଲ୍ କରାଯାଇଛି। ଗୋପବନ୍ଧୁ ହଷ୍ଟେଲରେ ୨୩ ରୁମ୍, ମଧୁସୂଦନ ହଷ୍ଟେଲରେ ୩୦ ରୁମ୍ ଓ ଫକୀରମୋହନ ହଷ୍ଟେଲରେ ପ୍ରାୟ ସବୁ ରୁମ୍‌କୁ ଅଣଛାତ୍ରମାନେ ଦୀର୍ଘଦିନ ହେବ ଅକ୍ତିଆର କରି ରଖିଥିଲେ। ଏପରିକି କିଛି ରାଜନୈତିକ ଦଳର ଛାତ୍ରନେତା ଓ ଅପରାଧୀମାନେ କେତେକ ରୁମ୍‌ରେ ରହିବା ସହ ସେମାନଙ୍କ ସହଯୋଗୀଙ୍କୁ ରଖି ବାଣୀବିହାର କ୍ୟାମ୍ପସ ଓ ବାହାରେ ରାଜନୈତିକ ତଥା ଆପରାଧିକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଥିଲା। ତେବେ ଉଚ୍ଛେଦ ଖବର ଶୁଣି ହଷ୍ଟେଲ ଅକ୍ତିଆର କରି ରଖିଥିବା ଅଣଛାତ୍ରମାନେ ରୁମ୍‌ରେ ତାଲା ପକାଇ ପଳାଇଥିଲେ। ଆଉ କିଛି ରୁମ୍‌ରେ ତାଲା ପଡି ନ ଥିଲା। ସକାଳ ପ୍ରାୟ ୧୦ଟା ୩୦ରୁ ହଷ୍ଟେଲ ରୁମକୁ ଖାଲି କରିବା ଅଭିଯାନ ଆରମ୍ଭ ହୋଇଥିଲା। ☞ପୃଷ୍ଠା-୨



କାଠମାଣ୍ଡୁରେ ସୋମବାର ବିକ୍ଷୋଭକାରୀଙ୍କୁ ଲାଠିମାଡ଼ କରି ଘଉଡ଼ାଉଛି ପୋଲିସ।

# ନେପାଳରେ ସୋସିଆଲ ମିଡିଆ ବ୍ୟାନ୍‌କୁ ବିରୋଧ

# ପୋଲିସ ଗୁଳିରେ ୨୦ ମୃତ, ୩୫୦ ଆହତ

**ନେପାଳ ସରକାର ଦେଶରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ ଜାରି କରିଥିବା ନିଷେଧାଦେଶକୁ ବିରୋଧକରି ସୋମବାର ଅନେକ ହଜାର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନ ବିରୋଧରେ ବିକ୍ଷୋଭ ବେଳେ ମୁତୟନ ହୋଇଥିବା ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଛି। ଏଥିରେ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫୦ରୁ ଅଧିକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅଣାୟତ୍ତ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ସହରରେ ସେନା ମୁତୟନ କରାଯାଇଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଜରୁରୀ ସୁରକ୍ଷା ବୈଠକ ଡାକିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରମେଶ ଲେଖକ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ପଦରୁ ଇସ୍ତଫା ଦେଇଛନ୍ତି। ଆସନ୍ତା ୯, ୧୦ ଓ ୧୧ ତାରିଖରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।**

- **ସରକାର-ବିକ୍ଷୋଭକାରୀ ମୁହାଁମୁହିଁ**
- **କାଠମାଣ୍ଡୁ ସମେତ ବିଭିନ୍ନ ସହରରେ କର୍ଫ୍ୟୁ**
- **ଜରୁରୀ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ ଓଲି**
- **ଇସ୍ତଫା ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ**

କାଠମାଣ୍ଡୁ,୮।୯(ଏ.ପି./ଏ.ଏଫ୍.ପି./ପି.ଟି)

ଆମେରିକା, ୟୁରୋପୀୟ ସଂଘ (ଇୟୁ), ବ୍ରାଜିଲ, ଭାରତ, ଚାଇନା ଓ ଅଷ୍ଟ୍ରେଲିଆ ସମେତ ବିଶ୍ୱର ବିଭିନ୍ନ ଭାଗରେ ଅପପ୍ରଚାର, ଡେଟା ପ୍ରିଭେସି, ଅନ୍‌ଲାଇନ୍ ସେଫ୍ଟି ଓ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରମାନେ କଟକଣା ଲଗାଉଥିବାବେଳେ ନେପାଳ ମଧ ଅନୁରୂପ ପନ୍ଥା ଆପଣାଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ସିପିଏନ୍(ୟୁଏନ୍‌ଏଲ୍)-କଂଗ୍ରେସ ମେଣ୍ଟ ସରକାର ଗତ ଗୁରୁବାରଠାରୁ ନେପାଳରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, X, ୟୁଟ୍ୟୁବ୍, ହ୍ୱାଟ୍ସଆପ୍, ଲିଙ୍କେଡ୍‌ଇନ୍, ରେଡିଟ୍ ସମେତ ୨୬ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସାମାଜିକ ଗଣମାଧ୍ୟମ ମଞ୍ଚଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ସ୍ତରରେ ପଞ୍ଜୀକରଣ କରିବାରେ ବିଫଳ ହୋଇଥିବା ଦର୍ଶାଇ ଉପରୋକ୍ତ ନିଷ୍ପତ୍ତି ନେଇଛି। ଟିକ୍‌ଟକ୍, ଭାଇବର, ୱିଟକ୍ ଓ ନିମ୍ବୁଜ ଭଳି କେତେକ ପ୍ଲାଟ୍‌ଫର୍ମ ପଞ୍ଜୀକୃତ ହୋଇସାରିଥିବାବେଳେ ଟେଲିଗ୍ରାମ୍ ଓ ଗ୍ଲୋବାଲ୍ ଡାଇରି ଆଦିର ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ତେବେ ନେପାଳୀ ନିୟମାନୁସାରେ ପଞ୍ଜୀକରଣ ଶେଷ ହେବା ପରେ ସେସବୁ ଉପରୁ ବ୍ୟାନ୍ ହଟାଯିବ ବୋଲି ଅଧିକାରୀମାନେ କହୁଛନ୍ତି। ଅନ୍ୟପକ୍ଷେ ସାମାଜିକ ଗଣମାଧ୍ୟମ ଉପରେ ଏପରି କଠୋର କଟକଣାକୁ ଯୁବପିଢ଼ି ନାପସନ୍ଦ କରିଛନ୍ତି। ସରକାର ଏସବୁକୁ ବ୍ୟାନ୍ କରି ଦୁର୍ନୀତି ବିରୋଧୀ ସ୍ୱରକୁ ଚପାଇଦେବାକୁ ଉଦ୍ୟମ କରୁଥିବା ଦର୍ଶାଇ ସୋମବାର ଅନେକ ହଜାର ଛାତ୍ରୀଛାତ୍ର ଜେନ୍ ଜେଡ୍ (୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ପିଢ଼ି) ବ୍ୟାନରରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସୋମବାର ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ଖବରଦାତା ଓ ସାମାଜିକ ଅଧିକାର କର୍ମୀମାନେ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି କାଠମାଣ୍ଡୁ କେନ୍ଦ୍ରସ୍ଥଳରେ ଥିବା ପାର୍ଲାମେଣ୍ଟ ଆଗରେ ଏକତ୍ରିତ ହୋଇଥିଲେ। ସେମାନେ ସେଠାରେ ସରକାର ବିରୋଧୀ ସ୍ଲୋଗାନ ଦେଇ ତୁରନ୍ତ ସୋସିଆଲ ମିଡିଆ ଉପରୁ ନିଷେଧାଦେଶ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ପରିସରକୁ ଧସେଇ ପଶିବାବେଳେ ଆନ୍ଦୋଳନ ହିଂସାର ରୂପ ନେଇଥିଲା। ପୋଲିସ ସେମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ପ୍ରୟୋଗ କରିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ବିକ୍ଷୋଭକାରୀ ନେପାଳର ଜାତୀୟ ପତାକା ଧରି ଜାତୀୟ ସଙ୍ଗୀତ ଗାନ କରି ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ଇତିମଧ୍ୟରେ ପୋଲିସର ଗୁଳିମାଡ଼ରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ସିଭିଲ୍ ହସ୍ପିଟାଲ, ଟ୍ରମା ସେଣ୍ଟର, ଏଭରେଷ୍ଟ ହସ୍ପିଟାଲ, କାଠମାଣ୍ଡୁ ମେଡିକାଲ କଲେଜ, ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲ ଆଦିରେ ଭର୍ତ୍ତି କରାଯାଇଛି। ଏଥିରେ କେତେଜଣ ପୋଲିସ କର୍ମଚାରୀ ମଧ ଆହତ ହୋଇଛନ୍ତି। ସ୍ଥିତି ଅଣାୟତ୍ତ ହେବା ପରେ ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ସେନାକୁ ମୁତୟନ କରିଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ପ୍ରଶାସନ କର୍ଫ୍ୟୁ ଜାରି କରିଛି। ଅନ୍ୟ ସହରଗୁଡ଼ିକୁ ମଧ ଆନ୍ଦୋଳନର ନିଆଁ ବ୍ୟାପିବାରେ ଲାଗିଛି। କାଠମାଣ୍ଡୁ ଜିଲା ପ୍ରଶାସନ ପାର୍ଲାମେଣ୍ଟ ବିଲ୍ଡିଂ ଚାରିପଟେ ଲୋକଙ୍କୁ ରୁଣ୍ଡ ନ ହେବାକୁ ବାରଣ କରିଛି। ନିଷିଦ୍ଧ ଜୋନ୍‌ରେ କାହାକୁ ଏକତ୍ରିତ ହେବାକୁ, ବିକ୍ଷୋଭ ବା ବୈଠକ କରିବାକୁ ଓ ଧାରଣା ଦେବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲାପାଳ ଛବିଲାଲ ରିଜାଲ ଏକ ନୋଟିସରେ ଦର୍ଶାଇଛନ୍ତି। ଏପରିକି ରାଷ୍ଟ୍ରପତି ଭବନ, ଉପରାଷ୍ଟ୍ରପତିଙ୍କ ବାସଭବନ ଓ ପ୍ରଧାନମନ୍ତ୍ରୀଙ୍କ ଅଫିସ ଅଞ୍ଚଳରେ ମଧ କଡ଼ା ସୁରକ୍ଷା ବନ୍ଦୋବସ୍ତ ସହ ଜନଗହଳିକୁ ବାରଣ କରାଯାଇଛି। ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବାରୁ ସୋସିଆଲ ମିଡିଆ ଉପରେ ଅଙ୍କୁଶ ଲଗାଉଛନ୍ତି। ଏହାକୁ ଯୁବପିଢ଼ି ବିରୋଧ କରୁଛନ୍ତି ବୋଲି ଛାତ୍ର ଯୁଜନ ରାଜଭଣ୍ଡାରୀ(୨୪) କହିଛନ୍ତି। ଅନ୍ୟ ଜଣେ ଛାତ୍ରୀ ଇକ୍ଷମା ତୁମ୍‌ରୋକ୍ (୨୦) କହିଛନ୍ତି, ସରକାରଙ୍କ ଏକଚ୍ଛତ୍ରବାଦୀ ମନୋଭାବ ବିରୋଧରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଛି। ଆମେ ପରିବର୍ତ୍ତନ ଦେଖିବାକୁ ଚାହୁଁଛୁ।

ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବରରେ ଆସିଥିବା ସୁପ୍ରିମକୋର୍ଟଙ୍କ ଏକ ରାୟ ଆଧାରରେ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ କେତେକ ନିର୍ଦ୍ଦେଶ ଦିଆଯାଇଥିଲା। ସେଗୁଡ଼ିକ ହେଲା ଯୋଗାଯୋଗ କେନ୍ଦ୍ର ସ୍ଥାପନ କରିବା, ସ୍ଥାନୀୟ ଅଭିଯୋଗ ଶୁଣାଣି ଅଧିକାରୀ ଏବଂ କମ୍ପ୍ଲିଆନ୍ସ ଅଫିସରଙ୍କୁ ନିଯୁକ୍ତି ଦେବା। ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ଏଗୁଡ଼ିକର ଅନୁପାଳନ କରି ନ ଥିବାରୁ ସମ୍ପୃକ୍ତ ପ୍ଲାଟ୍‌ଫର୍ମଗୁଡ଼ିକୁ ସରକାର ବ୍ଲକ୍ କରିଥିବା ଜଣେ ସରକାରୀ ମୁଖପାତ୍ର ସୂଚନା ଦେଇଛନ୍ତି।

# ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୯(ପି.ଟି.)

### ବିହାର ଏସ୍‌ଆଇଆର୍‌ରେ ଆଧାର ଦ୍ୱାଦଶ ଦସ୍ତାବିଜ

ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଆଧାର କାର୍ଡକୁ ଦ୍ୱାଦଶ ଦସ୍ତାବିଜ ଭାବେ ଗ୍ରହଣ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ମତଦାତାମାନେ ଅନ୍ୟ ନିର୍ଦ୍ଧାରିତ ୧୧ ଦସ୍ତାବିଜ ଭଳି ଆବେଦନ ଫର୍ମରେ ଆଧାର କାର୍ଡକୁ ଏକକ ଦସ୍ତାବିଜ ରୂପେ ସଂଲଗ୍ନ କରି ନିଜ ନାମ ପଞ୍ଜୀକରଣ କରାଇପାରିବେ। ତେବେ ଆଧାର ନାଗରିକତ୍ୱ ପ୍ରମାଣପତ୍ରର ପ୍ରମାଣ ହେବନାହିଁ ଏବଂ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ସକାଶେ ମତଦାତାଙ୍କ ଦ୍ୱାରା କରାଯାଇଥିବା ଆଧାର କାର୍ଡ ନମ୍ବରର ସତ୍ୟାସତ୍ୟ କମିଶନ ଯାଞ୍ଚ କରିପାରିବେ ବୋଲି ଦୁଇଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, ଭୋଟର ତାଲିକାରେ ଇସି ବେଆଇନ ପ୍ରବାସୀଙ୍କ ନାମ ଅନ୍ତର୍ଭୁକ୍ତ କରନ୍ତୁ ବୋଲି କେହି ଚାହାନ୍ତି ନାହିଁ। କେବଳ ପ୍ରକୃତ ନାଗରିକଙ୍କୁ ମତଦାନ ପାଇଁ ଅନୁମତି ଦିଆଯିବ। ଯେଉଁମାନେ ଜାଲ୍ ଦସ୍ତାବିଜ ବଳରେ ନିଜକୁ ପ୍ରକୃତ ଭୋଟର ବୋଲି ଦାବି କରୁଛନ୍ତି, ସେମାନଙ୍କୁ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଆଧାରକୁ ପରିଚୟର ପ୍ରମାଣ ପାଇଁ ଏକ ଦସ୍ତାବିଜ ଭାବେ ଗ୍ରହଣ କରାଯିବା ନେଇ ଇସି ଜରୁରୀ ନିର୍ଦ୍ଦେଶନାମା ଜାରି କରନ୍ତୁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭୋଟରଙ୍କଠାରୁ ଆଧାର କାର୍ଡ ଗ୍ରହଣ କରି ନ ଥିବା ନିର୍ବାଚନ ଅଧିକାରୀମାନଙ୍କୁ ଜାରି କରାଯାଇଥିବା କାରଣଦର୍ଶାଅ ନୋଟିସ ଉପରେ ମଧ ସୁପ୍ରିମକୋର୍ଟ ଇସିଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି।

ଇସିଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, ଚିଠା ଭୋଟର ତାଲିକାରେ ସାମିଲ ୭.୨୪ କୋଟି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ | ଯୁବ ମେଣ୍ଟ**

# ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ



ରାଜେନ୍ଦ୍ର ଢୋଲକିଆ

ନୂଆପଡ଼ା,୮।୯(ମକାରୁ ବେମାଲ)


ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ (୬୮) ସୋମବାର ପୂର୍ବାହ୍ନ ୧୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ପରଲୋକ ଖବର ପ୍ରଚାରିତ ହେଲା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ସେ ଗତ ୩ ମାସ ହେବ ଅସୁସ୍ଥ ହୋଇ ଚେନ୍ନାଇଠାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଅଗଷ୍ଟ ୨୭ରେ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ ☞ପୃଷ୍ଠା-୨

# ଗଜରା ପିନ୍ଧିଥିବାରୁ ଏୟାରପୋର୍ଟରେ ଅଭିନେତ୍ରୀଙ୍କୁ ୧.୧୪ ଲକ୍ଷ ଜରିମାନା

ମେଲବୋର୍ନ,୮।୯

ସାଧାରଣତଃ ଦକ୍ଷିଣ ଭାରତୀୟ ମହିଳାମାନେ କେଶରେ ଗଜରା ଲଗାଇବାକୁ ପସନ୍ଦ କରିଥାନ୍ତି। ତେବେ ମାଲୟାଲମ ଅଭିନେତ୍ରୀ ନାଭ୍ୟା ନାୟାରଙ୍କ ପାଇଁ ଏହା ମହଙ୍ଗା ପଡ଼ିଛି। ୧୫ ସେ.ମି. ଲମ୍ବା ମଲ୍ଲୀଫୁଲର ଗଜରା ପିନ୍ଧିଥିବାରୁ ଅଷ୍ଟ୍ରେଲିଆର ମେଲବୋର୍ନ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କ ଉପରେ ୧୯୮୦ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୧.୧୪ ଲକ୍ଷ ଟଙ୍କା)ର ଜରିମାନା କରାଯାଇଛି। ଅଷ୍ଟ୍ରେଲିଆରେ ମଲ୍ଲୀ ଫୁଲକୁ ନେଇ କଡ଼ା ନିୟମ ରହିଥିବାରୁ ନାଭ୍ୟାଙ୍କ ଉପରେ ଏହି ଜରିମାନା ହୋଇଛି।

ନିକଟରେ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ମାଲୟାଲୀ ଆସୋସିଏଶନ୍ ଦ୍ୱାରା ଆୟୋଜିତ ଓନମ ଉତ୍ସବରେ ଯୋଗଦେବାକୁ ନାଭ୍ୟା ଗତ ୬ରେ ମେଲବୋର୍ନ ଏୟାରପୋର୍ଟରେ ପହଞ୍ଚିଥିଲେ। ସେ କୋଚିରୁ ସିଙ୍ଗାପୁର ଦେଇ ମେଲବୋର୍ନରେ ପହଞ୍ଚିଥିଲେ। ତେବେ ମେଲବୋର୍ନ ଏୟାରପୋର୍ଟରେ ତାଙ୍କୁ ଅଟକାଯାଇଥିଲା ଏବଂ ମଲ୍ଲୀ ଫୁଲର ଗଜରା ପିନ୍ଧିଥିବାରୁ ତାଙ୍କ ଉପରେ ଜରିମାନା ଲଗାଯାଇଥିଲା। ସୋମବାର ଅଷ୍ଟ୍ରେଲିଆର ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦେଇ ନାଭ୍ୟା କହିଛନ୍ତି, ଅଷ୍ଟ୍ରେଲିଆ ଆସିବା ପୂର୍ବରୁ ତାଙ୍କ ବାପା ତାଙ୍କ ପାଇଁ ମଲ୍ଲୀ ଫୁଲର ଗଜରା କିଣିଥିଲେ। ସେ ଏହାକୁ ୨ ଭାଗରେ କାଟିଥିଲେ। ଏହାର ଗୋଟିଏ ଭାଗକୁ ନାଭ୍ୟା କୋଚିରୁ ସିଙ୍ଗାପୁର ଯାତ୍ରା କରିବା ସମୟରେ ପିନ୍ଧିଥିଲେ। ତେବେ ସିଙ୍ଗାପୁରରେ ପହଞ୍ଚିବା ବେଳକୁ ଉକ୍ତ ଗଜରା ନଷ୍ଟ ହୋଇଯିବାରୁ ସେ ତାଙ୍କ ହ୍ୟାଣ୍ଡବ୍ୟାଗ୍‌ରେ ରଖିଥିବା ଅନ୍ୟ ଗଜରାଟିକୁ ପିନ୍ଧି ସିଙ୍ଗାପୁରରୁ ମେଲବୋର୍ନ ଆସିଥିଲେ, ଯେଉଁଠାରେ ତାଙ୍କ ଉପରେ ଜରିମାନା ଲଗାଯାଇଥିଲା। ସେ ଅଜ୍ଞତାବଶତଃ ନିୟମ ଭାଙ୍ଗିଥିବା ନାଭ୍ୟା କହିଛନ୍ତି। ୨୮ ଦିନ ମଧ୍ୟରେ ଜରିମାନା ଭରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ, ଅଷ୍ଟ୍ରେଲିଆ ଏକ ଦ୍ୱୀପ ଦେଶ ହୋଇଥିବାବେଳେ ଏହାର ପରିସଂସ୍ଥା ଅତ୍ୟନ୍ତ ସମ୍ବେଦନଶୀଳ। ତେଣୁ ଏଠାକାର କୃଷି, ପରିବେଶ ଏବଂ ଜୈବ ବିବିଧତାକୁ ବିଦେଶୀ କୀଟପତଙ୍ଗ ଏବଂ ରୋଗରୁ ରକ୍ଷା କରିବା ପାଇଁ ମଲ୍ଲୀ ଫୁଲ ଭଳି ବିଭିନ୍ନ ସାମଗ୍ରୀ ଉପରେ ଅଷ୍ଟ୍ରେଲିଆରେ କଟକଣା ରହିଛି। ବିନା ଅନୁମତିରେ ଅନ୍ୟ ଦେଶରୁ ଅଷ୍ଟ୍ରେଲିଆକୁ ତାଜା ଫୁଲ, ଫଳ, ପନିପରିବା, ମସଲା ଆଦି ଜୈବିକ ପଦାର୍ଥ ଆଣିବା ଉପରେ କଡ଼ା ନିଷେଧ ରହିଛି।



ମାଲୟାଲମ ଅଭିନେତ୍ରୀ ନାଭ୍ୟା ନାୟାର

# ବିଜେଡିର ବିରତ ନିଷ୍ପତ୍ତି

## ଆଜି ଉପରାଷ୍ଟ୍ରପତି ନିର୍ବାଚନ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

- **ନବୀନ ବାବୁ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି: ଜୁଏଲ**
- **ବିଜେଡି ସବୁବେଳେ ସମଦୂରତା ନୀତି ଅବଲମ୍ବନ କରିଛି: ସଞ୍ଜୟ**
- **ଏହା ହେଉଛି ଇଡି, ସିବିଆଇ ଏବଂ ଆଇଟି ଚଢ଼ାଉ ଡର: ସପ୍ତଗିରି**

ଉପରାଷ୍ଟ୍ରପତି ନିର୍ବାଚନ ଲାଗି ମଙ୍ଗଳବାର ପାର୍ଲାମେଣ୍ଟରେ ଭୋଟିଂ ହେବ। ଏନ୍‌ଡିଏ ପକ୍ଷରୁ ସି.ପି. ରାଧାକ୍ରିଷ୍ଣନ୍ ଏବଂ ଇଣ୍ଡିଆ ମେଣ୍ଟ ପକ୍ଷରୁ ବି ସୁଦର୍ଶନ ରେଡ୍ଡୀ ପ୍ରାର୍ଥୀ ହୋଇଛନ୍ତି। ଉଭୟ ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନେ ଏଥିପାଇଁ ଭୋଟ ଦେବେ। ସଂଖ୍ୟା ଦୃଷ୍ଟିରୁ ଏନ୍‌ଡିଏ ସପକ୍ଷରେ ଅଧିକ ଭୋଟ ରହିଥିବା ଚର୍ଚ୍ଚା ହେଉଛି। ଏହି ଭୋଟିଂରେ ବିଜେଡିର ଆଭିମୁଖ୍ୟକୁ ନେଇ ପ୍ରବଳ ଚର୍ଚ୍ଚା ଲାଗି ରହିଥିଲା। ଅନେକ ସମୟରେ ଏନ୍‌ଡିଏକୁ ସମର୍ଥନ କରିଆସୁଥିବା ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ କି ଆଭିମୁଖ୍ୟ ଗ୍ରହଣ କରୁଛି ତାକୁ ନେଇ ତାଙ୍କରି ଦଳର ନେତାଙ୍କ ମଧ୍ୟରେ ଅନେକେ ଅପେକ୍ଷା କରି ରହିଥିଲେ। କାରଣ ବିଜେଡିର ତୃଣମୂଳସ୍ତରରୁ ଆରମ୍ଭ କରି ଉପରସ୍ତର ନେତାଙ୍କ ପର୍ଯ୍ୟନ୍ତ ବହୁ ଜଣ ବିଜେଡି ଏନ୍‌ଡିଏକୁ ସମର୍ଥନ କରିବା ଆଭିମୁଖ୍ୟ ବଦଳାଇବାକୁ ଇଚ୍ଛା କରିଆସୁଥିଲେ। ହେଲେ ବିଜେଡି ଉପରାଷ୍ଟ୍ରପତି ଭୋଟିଂରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛି, ଯାହା ପରୋକ୍ଷରେ ଏନ୍‌ଡିଏକୁ ସୁହାଇଛି ବୋଲି ଚର୍ଚ୍ଚା ହେଉଛି। ଏକଥା ରାଜ୍ୟ ଭାଜପା ମଧ କହିସାରିଛି। ବିଜେଡିର ଏଭଳି ନିଷ୍ପତ୍ତି ବିରୋଧୀ ଇଣ୍ଡିଆ ମେଣ୍ଟ ପାଇଁ ସେଭଳି କିଛି ବିଶେଷ ଲାଭ ଦେଇ ନାହିଁ। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ଅପରାହ୍ନ ୩ଟା।
- କ୍ଲବ ଷ୍ଟ୍ରିମଲାଇନ ତରଫରୁ ଗଣେଶଙ୍କ ଆଜ୍ଞା ଲଡୁ ନିଲାମ ଓ ଭସାଣ ଉତ୍ସବ, ସ୍ଥାନ: ନୂଆପାଟଣା, ଦୁର୍ଗାବଜାର, ତିଗିରିଆ, ସମୟ: ଅପରାହ୍ନ ୪ଟା।
- ଶୀର୍ଷାନନ୍ଦ ଫ୍ୟାନ୍ କ୍ଲବ ଓ ଗଗନ କଳା ସଙ୍ଗମ ପକ୍ଷରୁ ଗୀତିକାର ଶୀର୍ଷାନନ୍ଦ ଦାସକାନୁନ୍‌ଗୋଙ୍କ ଲୋକପ୍ରିୟ ଗୀତର ମ୍ୟୁଜିକାଲ ନାଇଟ୍, ସ୍ଥାନ: ଉଇଣ୍ଡସର ପାଲେସ, ସମୟ: ସନ୍ଧ୍ୟା ୬ଟା ୨୦।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଉପଯୋଜନା କେନ୍ଦ୍ର-୨୮, ହଜାରିଲେନ୍, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ତାଳମଞ୍ଜି ରୋପଣ, ସ୍ଥାନ: କେନାଲ ବନ୍ଧ ଦୁଇ ପାର୍ଶ୍ୱ, ବାଲିଆପାଳ, ସମୟ: ସକାଳ ୮ ଟା।

## ଭଦ୍ରକ
- ନାଟ୍ୟକାର ସ୍ୱର୍ଗତ ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସକାଳ ୯ଟା।

## ମୟୂରଭଞ୍ଜ
- ଜିଲା ବିଦ୍ୟାଳୟ ସମୂହ ଫୁଟବଲ, କବାଡି ଓ ଖୋ-ଖୋ ପ୍ରତିଯୋଗିତାର ଉଦଯାପନୀ ଦିବସ, ସ୍ଥାନ: ବିଶୋଇ ସରକାରୀ ଏସ୍ଏସ୍‌ଡି ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଏବଂ ମ୍ୟାନେଜମେଣ୍ଟର ୨୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାରାଜପୁର ତଖତପୁର ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- କୋଲକାତା ପକ୍ଷରୁ ନାଟକ 'ମାୟା ମ୍ରିଦାଙ୍ଗ', ସ୍ଥାନ: ଶହୀଦ ସ୍ମୃତିଭବନ ବାରିପଦା, ସମୟ ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନିମଖଣ୍ଡି ଯୁବ ସଂଗଠନ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି, ସ୍ଥାନ: ଗଞ୍ଜାମ ବ୍ଲକ୍ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ
- ପ୍ରଶାସନ ପକ୍ଷରୁ ବିକଳ୍ପ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା, ସମୟ: ସକାଳ ୯.୩୦।

## ଅନୁଗୋଳ
- ଜାତୀୟସ୍ତରୀୟ ପଲିଶ୍ରୀ ମେଳା ୨୦୨୫ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ନମ୍ର ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ଦାସ ଜୟନ୍ତୀ ଉତ୍ସବ, ସ୍ଥାନ: ଅନୁଗୋଳ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସନ୍ଧ୍ୟା ୫ ଘଟିକା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ଶ୍ରମିକ କର୍ମଚାରୀ ୟୁନିୟନ ପକ୍ଷରୁ ପିଆଇସିଟି କମ୍ପାନୀ ଫାଟକ ଆଗରେ ବିକ୍ଷୋଭ ଓ ଧାରଣା, ସ୍ଥାନ: ବନ୍ଦର ୫ ନଂ.ଗେଟ ପାଖ, ବଡ଼ପଡ଼ିଆ ପାରାଦୀପ, ସମୟ: ସକାଳ ୯ ଟା।
- କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଘ ମହ୍ଲାର ଓ ମୋନାଲିସା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବର୍ଷା କବିତା ପାଠ କାର୍ଯ୍ୟକ୍ରମ, ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାର ସମସ୍ତ ତହସିଲଦାର ଓ ବିଡିଓମାନଙ୍କ ସହ ରାଜସ୍ୱ ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଜିଲାପାଳଙ୍କ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ,ଜଗତ୍‌ସିଂହପୁର, ସମୟ: ଅପରାହ୍ନ ୩ଟା।
- ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର,ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସାଧକ ରାମଚନ୍ଦ୍ର ମହାନ୍ତିଙ୍କ ଜୟନ୍ତୀ, ପୋର୍ଟ କ୍ଲବ ନୂଆବଜାର, ପାରାଦୀପ ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ, ସ୍ଥାନ: ଭରସିଂ, ଗୋଗୁଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ତୀର୍ଥଯାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା, ସ୍ଥାନ: ଉର୍ଦ୍ଧ୍ୱ ଲାଇବ୍ରେରୀ ସମ୍ମୁଖ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ନୟାଗଡ଼
- ଅପରପକ୍ଷ ପାଇଁ ପିଣ୍ଡ ଦାନ,ସ୍ଥାନ: କଣ୍ଟିଲୋ କୁଣ୍ଡେଶ୍ୱରପାଟଣା, ସମୟ: ସକାଳ ୮ଟା

## ରାୟଗଡ଼ା
- ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ, ସ୍ଥାନ: ସରକାରୀ ନୋଡାଲ ହାଇସ୍କୁଲ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଲିଙ୍ଗଗତ ବିଷମତାକୁ ନେଇ କର୍ମଶାଳ, ସ୍ଥାନ: ଦୁଦୁକାବାହାଲ, ଟିକିରି, ସମୟ: ପୂର୍ବାହ୍ନ ୧୧ଟା ।
- ବିଜେଡିର ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ତେଜସ୍ୱୀ ଗ୍ରାଉଣ୍ଡ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ପରିସର, ସମୟ: ସକାଳ ୮ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଡ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ନବରଙ୍ଗପୁର ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଆଦି ଯୋଗୀ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମଙ୍ଗଳବାର କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ଯୋଜନା ଉପରେ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଉମରକୋଟ, ସମୟ: ମଧ୍ୟାହ୍ନ ୨ ଟା।

## କୋରାପୁଟ
- ରାଜ୍ୟପାଳଙ୍କ ସୁନାବେଡ଼ା ଏବଂ ସେମିଲିଗୁଡ଼ା ଅଞ୍ଚଳ ଗସ୍ତ, ସ୍ଥାନ: କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସୁନାବେଡ଼ା, ସମୟ: ସକାଳ ୯ ଟା।
- ଜଙ୍ଗଲ ଅଧିକାର ଆଇନ ୨୦୦୬ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ,କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଶହୀଦ ଯୀଶୁଦାନ ଖୋସାଲଙ୍କ ୬୦ତମ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦ ଯୀଶୁଦାନ ମେମୋରିଆଲ ପାର୍କ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନ ଶିବିର, ସ୍ଥାନ: ସେମିଲିଗୁଡ଼ା ଗୋପବନ୍ଧୁ ନଗରସ୍ଥିତ ଅଙ୍ଗନବାଡି କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପରିଷଦ ଦ୍ୱାରା ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ ଟା।
- ରାଜ୍ୟପାଳଙ୍କ ଦେଓମାଳି ପରିଦର୍ଶନ, ସ୍ଥାନ: ଦେଓମାଳି ପର୍ଯ୍ୟଟନସ୍ଥଳୀ, ସମୟ: ଅପରାହ୍ନ ୩ଟା ୫୦ ।
- ଜିଲା କଫି ଉନ୍ନୟନ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗରସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତି ସଭା, ସ୍ଥାନ: ନେତ୍ରାନନ୍ଦ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଭାରତୀୟ କଂଗ୍ରେସ କମିଟିର ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲା କଂଗ୍ରେସ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ସାହିତ୍ୟ ଏକାଡେମୀ ଓ ଜିଏମ୍‌ୟୁ ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ଓଡିଶା ସନ୍ଥ ସାହିତ୍ୟ ପରମ୍ପରା ଶୀର୍ଷକ ଆଷାଳୋଚନା ଚକ୍ର, ସ୍ଥାନ : ଜିଏମ୍‌ୟୁ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ -୧, ସମୟ : ପୂର୍ବାହ୍ନ ୧୦ଟା ୩୦।
- ୨୪ତମ ସୈରେନ୍ଦ୍ରି ନାୟକ ଟ୍ରଫି ଫୁଟବଲ ମ୍ୟାଚ, ସ୍ଥାନ : ସିଂହପାଲି-କାଇଁଶିର ଫୁଟବଲ ପଡିଆ, ସମୟ : ପୂର୍ବାହ୍ନ ୩ଟା।
- ଡାକ୍ତର ଜନାର୍ଦ୍ଦନ ପୂଜାରୀ ସ୍ମୃତି କମିଟି ପକ୍ଷରୁ ଗୀତା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ସତସଙ୍ଗ ଆଶ୍ରମ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା।
- ଉତ୍ସର୍ଗର ୪୧ତମ ବାର୍ଷିକ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ସ୍ମୃତିରେ ରାଜେନ୍ଦ୍ର ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା

## ରାଉରକେଲା
- ନିଶା ନିବାରଣ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ସକାଳ ୭ଟା ୩୦।
- ନିଶା ନିବାରଣ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କଲୁଙ୍ଗା ୟୁପି ସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉଚ୍ଚ ପେନଶନ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସାମୂହିକ ବୈଠକ, ସ୍ଥାନ: ସେକ୍ଟର-୪ ବିଏମ୍ଏସ୍ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଭୀମଭୋଇ ସାମର୍ଥନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଆରଏମସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।

## ନୂଆପଡ଼ା
- ନାଗବାଚା ଦାଦ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଶୁକ୍ଳିମୁଣ୍ଡି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।

# କାର୍ତ୍ତିକଙ୍କ ଘରେ ଶ୍ରୀଲୀଲା



**ବଢୁଛି ଡେଟିଂ ଚର୍ଚ୍ଚା**

ମୁମ୍ବାଇ

ଗତ କିଛିଦିନ ଧରି ଅଭିନେତା କାର୍ତ୍ତିକ ଆର୍ଯ୍ୟନ ଓ ଅଭିନେତ୍ରୀ ଶ୍ରୀଲୀଲା ପରସ୍ପରକୁ ଡେଟିଂ କରୁଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହୋଇ ଆସୁଛି। ତେବେ ଏହାକୁ ନେଇ ଉଭୟେ କାର୍ତ୍ତିକ ଓ ଶ୍ରୀଲୀଲା ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେବେ ନିକଟରେ କାର୍ତ୍ତିକଙ୍କ ଘରେ ହୋଇଥିବା ଗଣେଶ ବିସର୍ଜନ ଉତ୍ସବରେ ଶ୍ରୀଲୀଲା ନିଜ ମା' ସ୍ୱର୍ଣ୍ଣଲତାଙ୍କ ସହ ସାମିଲ ହୋଇଥିଲେ। ଏହାର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ ଫଟୋରେ କାର୍ତ୍ତିକ, ତାଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଶ୍ରୀଲୀଲା ଏବଂ ତାଙ୍କ ମା' ସ୍ୱର୍ଣ୍ଣଲତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ଫଟୋରେ ଶ୍ରୀଲୀଲା କାର୍ତ୍ତିକଙ୍କ ମା' ମାଲା ତିୱାରୀଙ୍କ ସହ କଥା ହେଉଥିବାର ନଜରକୁ ଆସିଛନ୍ତି। ଏହି ଫଟୋଗୁଡ଼ିକ ଭାଇରାଲ ହେବା ପରେ ଉଭୟ ତାରକା ପରସ୍ପରକୁ ଡେଟିଂ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ତଳେ ଏକ ଆୱାର୍ଡ ସେରିମୋନିରେ ସେ ତାଙ୍କ ବୋହୂଙ୍କଠାରୁ କ'ଣ ଆଶା ରଖନ୍ତି ବୋଲି କାର୍ତ୍ତିକଙ୍କ ମା' ମାଲାଙ୍କୁ ପଚରାଯାଇଥିଲା। ମାଲା କହିଥିଲେ, ତାଙ୍କ ବୋହୂ ଜଣେ ଭଲ ଡାକ୍ତର ହେବା ଆବଶ୍ୟକ। ଶ୍ରୀଲୀଲାଙ୍କ ନିକଟରେ ଏମ୍‌ବିବିଏସ୍ ଡିଗ୍ରୀ ରହିଛି ଏବଂ ତାଙ୍କ ମା' ସ୍ୱର୍ଣ୍ଣଲତା ବେଙ୍ଗାଲୁରୁରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରନ୍ତି। ଏହାପରଠାରୁ କାର୍ତ୍ତିକ ଓ ଶ୍ରୀଲୀଲାଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବଘାରିଲି ଡାଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିବେ କାହିଁ ପାଇଁ ?**

ଯୌବନ ଚିରସ୍ଥାୟୀ ହୋଇ ନ ଥାଏ। ଯୌବନବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରି ସ୍ଥିତିରେ ବ୍ୟକ୍ତି ଅନ୍ୟ ଆଖିରେ ନିଜର ଆକର୍ଷଣ ହରାଇ ବସିବା ସହ ଅଲୋ ହୋଇଯାଉଥିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାର ଜାତି ତେର ଗୋଲା**
**ବଇଷମ ହେଲେ ସବୁ ଗଲା।**

ଯୋଗୀକୁ ବଇଷମ ବା ବୈଷ୍ଣବ କୁହାଯାଏ। ସେମାନେ ଥାଳ ଧରି ଗାଁ ଦାଣ୍ଡରେ ଗୀତ ବୋଲି ଭିକ୍ଷା ମାଗି ଜୀବିକା ନିର୍ବାହ କରିଥାନ୍ତି। ତାଙ୍କ ଉପରେ ଜାତିଗୋତ୍ର କୁଳର କୌଣସି ପ୍ରଭାବ ପଡ଼ି ନ ଥାଏ। ସେ ସମସ୍ତଙ୍କର ନମସ୍ୟ ତଥା ଆଦରଣୀୟ। ତାଙ୍କ ଥାଳରେ ଉଆ ଉଷୁନା ସବୁ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବାଣୀବିହାରରୁ ବିଦାହେଲେ...

ଲକ୍ ଥିବା ରୁମ୍‌ର ତାଲା ଭଙ୍ଗାଯାଇ ସେଥିରେ ଥିବା ଆସବାବପତ୍ର ବାହାରେ ଫିଙ୍ଗିଦିଆଯାଇଥିଲା। ପରେ ଉକ୍ତ ରୁମ୍‌ଗୁଡିକରେ ନୂଆ ତାଲା ଲଗାଯାଇଥିଲା। ଏପରିକି ରୁମ୍ ଖାଲି କରାଯିବା ବେଳେ ସେଠାରେ ମଦ ବୋତଲ, ହୁକା ବଙ୍କ୍ ଆଦି ମିଳିଥିଲା। ତେବେ ଅଣଛାତ୍ରଙ୍କ କବ୍‌ଜାରେ ଥିବା ଗୋଦାବରୀଶ ହଷ୍ଟେଲ (ନଂ. ୫)ର ୩ଟି ରୁମ୍‌କୁ ମଧ୍ୟ ଖାଲି କରିଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଫକୀରମୋହନ ହଷ୍ଟେଲଟି ସମ୍ପୂର୍ଣ୍ଣ ଅଣଛାତ୍ରଙ୍କ କବ୍‌ଜାରେ ଥିଲା। ସେହିଭଳି ଗୋପବନ୍ଧୁ ଛାତ୍ରାବାସର କ୍ୟାଣ୍ଟିନ୍ ଟେଣ୍ଡର ଅବଧି ଏପ୍ରିଲରୁ ଶେଷ ହୋଇଯାଇଥିବା ବେଳେ ତାହାକୁ ମଧ୍ୟ ଅନଧିକୃତ ଭାବେ ଅକ୍ତିଆରରେ ରଖାଯାଇ ବେପାର ଚାଲିଥିଲା। ତେବେ ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମଗୁଡିକୁ ଖାଲି କରାଯିବା ପରେ ଅସୁରକ୍ଷିତ ମଣୁଥିବା ଛାତ୍ର ଓ ହଷ୍ଟେଲ ଦାୟିତ୍ୱରେ ଥିବା ପ୍ରଫେସରମାନେ ଆଶ୍ୱସ୍ତ ଅନୁଭବ କରିଛନ୍ତି।

ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଥିଲା। ପ୍ରତି ହଷ୍ଟେଲ ପିଛା ଗୋଟିଏ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା କରାଯାଇଥିଲା। ଏଥିସହ ପ୍ରଶାସନିକ ଭବନ ସମେତ କୁଳପତିଙ୍କ ଅଫିସ ସାମ୍ନାରେ ୨ଟି ସେକ୍ସନ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା କନ୍‌ଷ୍ଟେବଲ ମୁତୟନ କରାଯାଇଥିଲା। ମୁଖ୍ୟ ଗେଟ୍ ପାଖରେ ୨ଟି ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା କନ୍‌ଷ୍ଟେବଲ ରହିଥିଲେ। ଅପ୍ରୀତିକର ସ୍ଥିତି ଉପୁଜିଲେ ଛାତ୍ର କିମ୍ବା ଅଣଛାତ୍ରମାନଙ୍କୁ ଧରି ଭୁବନେଶ୍ୱର ରିଜର୍ଭ ପୋଲିସ ପରିସରକୁ ଆଣିବା ପାଇଁ ଅଲଗା ଫୋର୍ସ ପ୍ରସ୍ତୁତ ରଖାଯାଇଥିଲା। ଏପରିକି ସମ୍ଭାବ୍ୟ ଆତ୍ମାହୁତି ଘଟଣାକୁ ଏଡାଇବା ମଧ୍ୟ ପୂର୍ବପ୍ରସ୍ତୁତି କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କୁ ରଖିବାକୁ ରିଜର୍ଭ ବାଟାଲିୟନରେ ଅସ୍ଥାୟୀ ଅଟକ କେନ୍ଦ୍ର କରାଯାଇଥିବ ବେଳେ ସେଠାରେ ଗୋଟିଏ ସେକ୍ସନ ଫୋର୍ସ ସହ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଘଟିନ ଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଡିସିପି ଅନୁପ କାନୁନ୍‌ଗୋ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ କହିଛନ୍ତି, ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କ୍ୟାମ୍ପସରୁ ଅଣଛାତ୍ରଙ୍କୁ ବାହାର କରାଯାଇଛି। ଏବେ କ୍ୟାମ୍ପସରେ ଭାଙ୍ଗିଥିବା ସମସ୍ତ ପାଚେରିକୁ ସଜଡାଯିବ। ମୁଖ୍ୟ ଫାଟକରେ ଯାଞ୍ଚ କରି ପିଲାଙ୍କୁ କ୍ୟାମ୍ପସ ଭିତରକୁ ଛଡାଯିବ। ବିଶ୍ୱବିଦ୍ୟାଳୟରେ କାମ ଥିବା ଲୋକଙ୍କ ବ୍ୟତୀତ ଅନ୍ୟମାନଙ୍କ ପ୍ରବେଶ ଉପରେ କଡା ନଜର ରଖାଯିବ ବୋଲି କୁଳପତି କହିଛନ୍ତି।

## ଆଧାର ନାଗରିକତ୍ୱର...

ଭୋଟରଙ୍କ ମଧ୍ୟରୁ ୯୯.୬% ନିଜ ଦସ୍ତାବିଜ ଦାଖଲ କରିଛନ୍ତି ଏବଂ ଆଧାରକୁ ଦ୍ୱାଦଶ ଦସ୍ତାବିଜ ଭାବେ ଗ୍ରହଣ ପାଇଁ ଆବେଦନକାରୀମାନଙ୍କ ଦାବି କୌଣସି ବ୍ୟବହାରିକ ଉଦ୍ଦେଶ୍ୟ ପୂରଣ

# ପ୍ରଥମ ପୃଷ୍ଠାରୁ...

କରିବ ନାହିଁ। ଏହା ଶୁଣିବା ପରେ ଖଣ୍ଡପୀଠ ୨୦୧୬ର ଆଧାର ଆଇନ ଏବଂ ଜନ ପ୍ରତିନିଧି ଆଇନର ଅବତାରଣା କରି କହିଥିଲେ, ଆଧାର ନାଗରିକତ୍ୱର ପ୍ରମାଣ ନୁହେଁ, କିନ୍ତୁ ପରିଚୟର ପ୍ରମାଣ ରୂପେ ଏହାକୁ ଗ୍ରହଣ କରାଯାଇପାରିବ।

ଉଲ୍ଲେଖଯୋଗ୍ୟ, ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସମୟସୀମା ବୃଦ୍ଧି ନେଇ ଦାଖଲ ପିଟିଶନଗୁଡ଼ିକର ଶୁଣାଣି ବେଳେ ସେପ୍ଟେମ୍ବର ୧ରେ ଇସି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବିହାର ଏସ୍ଆଇଆର୍ ପ୍ରକ୍ରିୟା ଅଧୀନରେ ଚିଠା ତାଲିକାରେ ଦାବି, ଆପତ୍ତି ଓ ସଂଶୋଧନ ଆଗକୁ ମଧ୍ୟ ଚାଲିବ। କିନ୍ତୁ ଭୋଟର ତାଲିକା ଚୂଡ଼ାନ୍ତ ହେଲେ ଯାଇ ଏହାକୁ ବିଚାରକୁ ନିଆଯିବ।

## ବିଧାୟକ ରାଜେନ୍ଦ୍ର...

କରାଯାଇଥିଲା। ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ଘଟିଥିଲା। ରାଜେନ୍ଦ୍ର ଓଡ଼ିଶା ରାଜନୀତିରେ ଜଣେ ପରିଚିତ ଚେହେରା ଥିଲେ। ସମସ୍ତେ ଆଦରରେ ରାଜୁ ଭାଇ ବୋଲି ଡାକୁଥିଲେ। ସେ ୧୯୫୬ ନଭେମ୍ବର ୨୦ରେ ଖରିଆର ରୋଡରେ ଜନ୍ମଗ୍ରହଣ କରିଥିଲେ। ଉଚ୍ଚ ଶିକ୍ଷା ସମ୍ପନ୍ନ କରି ୧୯୯୨ ମସିହାରେ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିଥିଲେ। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ୧୯୯୭ ଓ ୨୦୦୩ରେ ମଧ୍ୟ ଏନ୍ଏସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତତ୍‌ପରେ ୨୦୦୪ରେ ନୂଆପଡା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ସେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୦୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ପରାଜିତ ହୋଇଥିଲେ। ୨୦୧୯ରେ ବିଜେଡି ଟିକେଟରେ ବିଧାୟକ ଭାବରେ ନିର୍ବାଚିତ ହେବା ପରେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇ ଥିଲେ। ୨୦୨୪ରେ ବିଜେଡି ଟିକେଟରୁ ପୁଣି ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କଳ୍ପନା ଢୋଲକିଆ,ପୁତ୍ର ଜୟ ଢୋଲକିଆ, ପୁତ୍ରବଧୂ ସୁମନ ଢୋଲକିଆ, ଭାଇ ଅତୁଲ ଢୋଲକିଆ, ଭାଇବୋହୂ ମିଳନ ଢୋଲକିଆ, ଦୁଇ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀର ମଙ୍ଗଳବାର ସକାଳେ ତାଙ୍କ ପୈତୃକ ବାସଭବନ ଖରିଆର ରୋଡରେ ପହଞ୍ଚିବ। ଏଠାରେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ସମସ୍ତଙ୍କ ଶେଷ ଦର୍ଶନ ପରେ ଖରିଆର ରୋଡ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ସ୍ୱର୍ଗତ ଢୋଲକିଆଙ୍କର କାଞ୍ଚନବେନ ରସିକ ଲାଲ ଢୋଲକିଆ ଚେରିଟେବୁଲ ଟ୍ରଷ୍ଟ ନାମରେ ଖରିଆରରୋଡରେ ଏକ ସେବାସଂସ୍ଥା ରହିଛି। ଏହି ଟ୍ରଷ୍ଟ ଦ୍ୱାରା ବର୍ଷକୁ ୨ଥର ନୂଆପଡା, କଳାହାଣ୍ଡି, ବରଗଡ଼ ଜିଲା ସମେତ ଛତିଶଗଡ଼ ରାଜ୍ୟର ହଜାର ହଜାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ସହ ମାଗଣାରେ ଔଷଧ, ଚଷମା ପ୍ରଦାନ ଓ ଅସ୍ତ୍ରୋପଚାର କରାଉଥିଲେ। ଗରିବ ଅସହାୟ ଯୁବତୀଯୁବକମାନଙ୍କୁ ନେଇ ପ୍ରତିବର୍ଷ ଜାନୁଆରୀ କିମ୍ବା ଫେବୃଆରୀରେ ସାମୂହିକ ବିବାହ କରି ଜାନି ଯୌତୁକ ଦେଇ ବରକନ୍ୟାଙ୍କୁ ସେ ବିଦାୟ କରୁଥିଲେ। ରାଜେନ୍ଦ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ବିଜେଡିର ବିରତ...

ରାଜ୍ୟ ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି, ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ବିରତ ରହିବା ଅର୍ଥ ଏନ୍‌ଡିଏ(ଆମକୁ)କୁ ସମର୍ଥନ କରିବା। ବିଜେଡି ସଭାପତି ନବୀନ ପଟ୍ଟନାୟକ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡିର ଜଣେ ବରିଷ୍ଠ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଲୋକମାନେ ଦଳର ଏହିଭଳି ନିଷ୍ପତ୍ତି ପାଇଁ ଲୋକ ସଭାରୁ ବିଜେଡି ସଂଖ୍ୟା ଶୂନ କରିଦେଲେ। ଆଗକୁ ଦଳର ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଏନ୍‌ଡିଏ ପାଇଁ ରାଜ୍ୟ ସଭାରୁ ମଧ୍ୟ ବିଜେଡିକୁ ଶୂନ କରିଦେବେ। ସେଥିପାଇଁ ଆଉ ବେଶି ଦିନ ନାହିଁ ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଥିବା ନବୀନ ଦଳର ୭ ଜଣ ରାଜ୍ୟ ସଭା ଏମ୍‌ପିଙ୍କ ସହ ଭୋଟିଂରୁ ବିରତି ସମ୍ପର୍କରେ ସୋମବାର ଦ୍ୱିପ୍ରହର ସମୟରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହାପରେ ଦଳର ରାଜନୈତିକ ବ୍ୟାପାର କମିଟି (ପିଏସି) ସଦସ୍ୟ ସଞ୍ଜୟ ଦାସବର୍ମା ଭୁବନେଶ୍ୱର ଶଙ୍ଖ ଭବନଠାରେ ଖବରଦାତା ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ବିଜେଡି ସଭାପତି ସମସ୍ତଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ନେଇଛନ୍ତି, ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦାନରୁ ବିରତ ରହିବ। ବିଜେଡି ସବୁବେଳ ପାଇଁ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି। ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ ଦେବ ନାହିଁ। ରାଜ୍ୟର ସ୍ୱାର୍ଥ ବିରୋଧରେ ବିଜେଡି କେବେ ହେଲେ ସାଲିସ କରିବନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ନିଷ୍ପତ୍ତିକୁ ନେଇ କଂଗ୍ରେସ ବର୍ଷିଛି। କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି, ବିଜେଡି ନିଷ୍ପତ୍ତି ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଏନ୍‌ଡିଏକୁ ସମର୍ଥନ। ସେମାନେ ଇଡି, ସିବିଆଇ ଏବଂ ଆଇଟି ଚଢ଼ାଉ ଡରରେ ଏନ୍‌ଡିଏ ସମର୍ଥନରେ ରହିବାକୁ ଚାହୁଁଛନ୍ତି। ସୁଦର୍ଶନ ରେଡ୍ଡୀ କଂଗ୍ରେସ ନୁହେଁ, ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ହୋଇଛନ୍ତି। ଏମାନେ ଆଗକୁ କେଉଁ ମୁହଁରେ ଓଡ଼ିଶାରେ ଭାଜପାକୁ ବିରୋଧ କରିବେ ବୋଲି ସପ୍ତଗିରି ପ୍ରଶ୍ନ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କେନ୍ଦ୍ରସ୍ଥ ଶୁକ୍ରଙ୍କ ପ୍ରଭାବରୁ ଅର୍ଥ ଓ ଭୋଗବିଳାସ ସମ୍ପର୍କିତ ଦ୍ରବ୍ୟ ପ୍ରତି ଆଗ୍ରହୀ ହେବେ। ଗୃହ, ଭୂମି, ଗାଡ଼ି, ମୋଟର କିଣାବିକାକୁ କେନ୍ଦ୍ରକରି କଳହ ପରିସ୍ଥିତି ସୃଷ୍ଟି ହୋଇପାରେ। ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟା ସମାଧାନ ଆଶା ରହିଛି।

**ବୃଷ**
ମଙ୍ଗଳଙ୍କ ଦୃଷ୍ଟିରେ ଶନି ଓ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟ ସମସ୍ୟାବହୁଳ ହେବ। ପରିବାରରେ ଅସାବଧାନତା ବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ଯିବା ସମୟରେ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ମୁଖଭାବସ୍ଥ ଶୁକ୍ର ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ସଭାସମିତିରେ ଅନ୍ୟର ମନଗଢ଼ା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି ।

**କର୍କଟ**
ଚତୁର୍ଥାଧିପତି ରାଶିରେ ରହିଥିବାରୁ ପାରସ୍ପରିକ ବୁଝାମଣା କ୍ରମେ ପାରିବାରିକ ପରିସ୍ଥିତି ଭଲ ରହିବ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ମିଳିବ। ପରିବହନ, ପ୍ରଶାସନ ଓ ଆଇନ ଅଦାଲତରେ ସମସ୍ୟାର ସମାଧାନ ହୋଇଯିବ।

**ସିଂହ**
ମଙ୍ଗଳ ଦ୍ୱିତୀୟ ଭାବରେ ଥିବାରୁ ଈର୍ଷାପରାୟଣ ବ୍ୟକ୍ତି ବିରୁଦ୍ଧାତ୍ମକ କଥା କହିପାରନ୍ତି। ତରବରିଆ ଯାତ୍ରା ସମୟରେ ସତର୍କ ନ ରହିଲେ ସାମାନ୍ୟ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
କର୍ମ ସ୍ଥାନରେ ବୃହସ୍ପତି ଥିବାରୁ ଆଜି ଆଶା ପୂରଣ ହେବ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାଇଲେ ଆଶା ପୂରଣ ହୋଇପାରିବ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟିକରିବାର ସୂଚନା ରହିଛି। ସାମୟିକ ଜ୍ୱର କିମ୍ବା ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ କୌଣସି କାମ ଶେଷ ମୁହୂର୍ତ୍ତରେ ବିଗିଡ଼ିଯିବା ସମ୍ଭାବନା ରହିଛି। ସପ୍ତମଭାବ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଥିବାରୁ ବାଣିଜ୍ୟ, ବ୍ୟବସାୟରେ ଆଜି ବିଶେଷ ଲାଭ ହେବ। ଦୀର୍ଘଦିନରୁ ଲାଗି ରହିଥିବା କଚେରି ମାମଲା ସକାଶେ ଦୁଶ୍ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇପାରନ୍ତି।

**ବିଛା**
ସାମାଜିକ ସ୍ତରରେ ବନ୍ଧୁଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦରରେ ହୃଦୟ ବିଗଳିତ ହୋଇପଡ଼ିବ। ଶିଳ୍ପ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଶନି ସହ ଚନ୍ଦ୍ର ସଂଯୋଗରୁ ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବେ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ କ୍ରୁର ପ୍ରେରଣାରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ।

**ଧନୁ**
ଦେବଗୁରୁଙ୍କ ଅନୁକମ୍ପାରୁ ସାମାଜିକ ସ୍ତରରେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ। ପ୍ରତିବନ୍ଧକ ଦୂରେଇଯିବା କାରଣରୁ ଶିଳ୍ପ, ବ୍ୟବସାୟରେ ଲାଭ ନିଶ୍ଚିତ ମିଳିବ। ଯାତ୍ରା, ବନ୍ଧୁମିଳନ, ଆନୁଷ୍ଠାନିକ କାମରେ ଅବଶ୍ୟ ସଫଳତା ପାଇପାରିବେ।

**ମକର**
ସପ୍ତମ କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରୁ ଆଲୋଚନା ପରିସରରେ ବନ୍ଧୁଙ୍କ ମତମନ୍ତବ୍ୟ ଗ୍ରହଣୀୟ ହେବ। କୌଶଳ ପ୍ରୟୋଗକରି ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେନାହିଁ। ସହକର୍ମୀଙ୍କଠାରୁ କିଛି ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ଭାବନା ସୃଷ୍ଟି ହୋଇପାରେ।

**କୁମ୍ଭ**
ତୃତୀୟାଧିପଙ୍କ ଦୃଷ୍ଟି ପ୍ରଭାବରୁ ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ବନ୍ଧୁଙ୍କୁ ଆପଣାଇ ନେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାରେ ନିଜର ତ୍ୟାଗ ଓ କୌଶଳ କାମକୁ ଆସିବ। ଅତୀତ ଘଟଣା ବିଷୟରେ ଭାବପ୍ରବଣତା ଯୋଗୁ ନୈରାଶ୍ୟ ଅନୁଭବ କରିପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକ ପ୍ରକାର ଖୁସି ରହିବ।

**ମୀନ**
ରାଶିରେ ଶନିଙ୍କ ଅବସ୍ଥିତି ଯୋଗୁ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନ ବାଧାପ୍ରାପ୍ତ ହେବ। ସହକର୍ମୀଙ୍କ ଖାମଖିଆଲି କାମ ହେତୁ କର୍ମକ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିବ। ସାହିତ୍ୟ, ବନ୍ଧୁ ସମ୍ପର୍କରେ ସମସ୍ୟା ଆସିପାରେ। ବନ୍ଧୁଙ୍କର ଅପ୍ରୀତିକର ପରିସ୍ଥିତି ଶୁଣି ମାନସିକ ଅସ୍ଥିରତା ଦେଖାଦେବ।

ଆଜି ସେପ୍ଟେମ୍ବର ୯ ତାରିଖ, ଆଶ୍ୱିନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ଦିବା ଘ.୦୮।୪୦ ଗତେ, ଘ.୧୦।୩୦ ମଧ୍ୟେ,ଘ.୧୨।୫୭ ଗତେ, ଘ.୦୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୨।୪୭ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ।

# ୧୮ରୁ ବିଧାନସଭା: ବାଚସ୍ପତିଙ୍କ ରୁଲିଂ ପାଳନ ଲାଗି ଏସିଏସ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୯ (ରବିନାରାୟଣ ଜେନା)

ଆସନ୍ତା ୧୮ରୁ ବିଧାନସଭାର ମୌସୁମୀ ତଥା ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏହି ସମୟରେ ଶୂନ୍ୟକାଳ ଏବଂ ଅନ୍ୟ ଆଲୋଚନା ହେବ। ଏହାକୁ ନେଇ ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ରୁଲିଂ ରହିଛି, ଏହି ସମୟରେ ନିର୍ଦ୍ଦେଶକୁ ତ୍ୱରିତ୍ ପାଳନ କରିବାକୁ ହେବ। ଏହାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ସଜାଗ ରହିବା ଲାଗି ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସୁରେନ୍ଦ୍ର କୁମାର ଚଳିତମାସ ୬ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଓ ସମସ୍ତ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପତ୍ର ଲେଖି ଅନୁପାଳନ କରିବାକୁ ଦର୍ଶାଇଛନ୍ତି।

ଏସିଏସ୍ ସୁରେନ୍ଦ୍ର କୁମାର ପତ୍ରରେ ଦର୍ଶାଇଛନ୍ତି, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଚଳିତମାସ ୧୮ରୁ ଆରମ୍ଭ ହୋଇ ୨୫ରେ ଶେଷ ହେବ। ଏହି ସମୟ ମଧ୍ୟରେ ବାଚସ୍ପତି, ଉପବାଚସ୍ପତି ଓ ସଭାପତିଙ୍କ ଅନେକ ନିର୍ଦ୍ଦେଶ ଆସିବାର ସମ୍ଭାବନା ରହିଛି। ଏହାକୁ ସମ୍ପୃକ୍ତ ବିଭାଗ ଯେପରି ଠିକଣା ଭାବେ ଅନୁପାଳନ କରିବେ ସେଥିପ୍ରତି ଦୃଷ୍ଟିଦେବାକୁ ଏସିଏସ୍ ପତ୍ରରେ ଅବଗତ କରାଇଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି, ବାଚସ୍ପତି, ଉପବାଚସ୍ପତି ଏବଂ ସଭାପତିଙ୍କ ଯାହା ନିର୍ଦ୍ଦେଶ ଆସିବ ତାକୁ ମନ୍ତ୍ରୀଙ୍କ ଅନୁମୋଦନ ପରେ ଜଣାଇବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବାକୁ ଯାଉଥିବା ମୌସୁମୀ ଅଧିବେଶନରେ ୭ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ୧୮ରେ ସରକାରୀ କାର୍ଯ୍ୟଦିବସ, ୧୯ରେ ବେସରକାରୀ ବିଲ୍ ଓ ସଂକଳ୍ପ ଆଗତ ହେବାକୁ ରହିଥିବାବେଳେ ୨୦ରେ ସରକାରୀ କାର୍ଯ୍ୟଦିବସ ରହିଛି।

ମାତ୍ର ସେପ୍ଟେମ୍ବର ୨୧ ରବିବାର ପଡୁଥିବାରୁ ଉକ୍ତଦିନ ବିଧାନସଭା ପକ୍ଷରୁ କୌଣସି କାର୍ଯ୍ୟ ରଖାଯାଇନାହିଁ। ୨୨ରୁ ୨୫ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସ ରହିଛି। ଦୀର୍ଘଦିନର ଅପେକ୍ଷା ପରେ ଆରମ୍ଭ ହେବାକୁ ଯାଉଥିବା ଏହି ସ୍ୱଳ୍ପକାଳୀନ ଅଧିବେଶନରୁ କିଭଳି ଅଧିକ ଫାଇଦା ଉଠାଇ ହେବ ସେନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଏବେଠୁ ସଜବାଜ ହେଉଥିବା ବେଳେ ଶାସକଦଳ ମଧ୍ୟ ନିଜର ରଣନୀତି ପ୍ରସ୍ତୁତ କରୁଛି। ଏଥର ଗୃହରେ ନାରୀ ନ୍ୟାୟଠାରୁ ଆରମ୍ଭ କରି ଅନାସ୍ଥା, ଉପବାଚସ୍ପତି ନିର୍ବାଚନ ପର୍ଯ୍ୟନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରେ ବୋଲି ସଦସ୍ୟମାନେ ମତପୋଷଣ କରୁଛନ୍ତି।




# ନୂତନ ଜଙ୍ଗଲ ସୃଷ୍ଟିରେ ହାତୀର ପ୍ରମୁଖ ଭୂମିକା ରହିଛି: ତଥାଗତ




କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁମୁଣ୍ଡିର ଉପରଜାଗରରେ ଅନୁଷ୍ଠିତ ହାତୀ ସଭାରେ ଅତିଥି ଓ ଉଦ୍ୟୋକ୍ତାଙ୍କ ସହ ଯୋଗଦେଇଥିବା ମହିଳାପୁରୁଷ, ଏଫ୍ଇଏସ୍ ଓ ବିକାଶ ସାଥୀ କର୍ମକର୍ତ୍ତା।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ସାବିତ୍ରୀ ଦେହୁରୀ ଉଦ୍‌ବୋଧନ ଦେଉଛନ୍ତି।



ହାତୀ ସଭାରେ ଉପସ୍ଥିତ ୨୩ ପଞ୍ଚାୟତର ଗ୍ରାମବାସୀ।

## କେନ୍ଦୁଝର କୁମୁଣ୍ଡିର ଉପରଜାଗରରେ ହାତୀ ସଭା

■ ମତ ରଖିଲେ ୨୧ ପଞ୍ଚାୟତବାସୀ

ଯୋଡ଼ା/କେନ୍ଦୁଝର, ୮।୯ (ମାନସ ମହାନ୍ତି/ ନରେଶ ପଟ୍ଟନାୟକ/ଦୀପକ ମିଶ୍ର)

ହାତୀ ଭଳି ବନ୍ୟପ୍ରାଣୀ ବଞ୍ଚିବା ଦରକାର। ହାତୀର ନିଜସ୍ୱ ଚଲାପଥ ସେ ନିଜେ ବାଛିଥାଏ। ହାତୀର ମୃତ୍ୟୁ ମଧ୍ୟ ତାର ନିଜସ୍ୱ ଚିହ୍ନିତ ସ୍ଥାନରେ ହୋଇଥାଏ। ହାତୀ ଏକ ବିଶାଳ ବନ୍ୟପ୍ରାଣୀ ହୋଇଥିବାରୁ ସେ ଜଙ୍ଗଲରେ ବିଚରଣ କରି ବଡ଼ ଗଛର ଡାଳକୁ ଭାଙ୍ଗି ଏବଂ ବୃକ୍ଷର ଅତି ଉଚ୍ଚରେ ଥିବା ଫଳକୁ ଖାଇଥାଏ। ଡାଳଗୁଡ଼ିକ ଭାଙ୍ଗୁଥିବାରୁ ତଳେ ଥିବା ଛୋଟ ବୃକ୍ଷ ବଢ଼ିପାରନ୍ତି। ଏଣୁ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ହାତୀ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁମୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଉପର ଜାଗର ଗ୍ରାମରେ ଧରିତ୍ରୀ, ଓଡ଼ିଶା ପୋଷ୍ଟ ଏବଂ ଏଫ୍ଇଏସ୍ (ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି) ଓ ବିକାଶ ସାଥୀ ସହଭାଗିତାରେ ଅନୁଷ୍ଠିତ ହାତୀ ସଭାରେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏଭଳି ମତବ୍ୟକ୍ତ କରିଛନ୍ତି।

ଜିଲାରେ ପ୍ରଶାସନିକ ଓ ଖଣି କମ୍ପାନୀର ଅବହେଳାକୁ ନେଇ ତଥାଗତ କହିଛନ୍ତି, କେନ୍ଦୁଝରବାସୀଙ୍କ ରକ୍ତ, ଝାଳରେ ଏ ମାଟି ଭିଜୁଛି ସତ, ହେଲେ ବିପର୍ଯ୍ୟସ୍ତ ପରିବେଶ, ବେରୋଜଗାର ଜିଲାର ୧୩ ବ୍ଲକ୍‌କୁ କବଳିତ କରି ରଖିଛି। ୧୩ ବ୍ଲକ୍‌ର ଯୁବତୀଯୁବକଙ୍କୁ ସମିତି ମାଧ୍ୟମରେ ବିଭିନ୍ନ ଖଣି କମ୍ପାନୀ ସହିତ ଚୁକ୍ତି କରାଯାଇ ରୋଜଗାରକ୍ଷମ କରାଯାଇପାରନ୍ତା। କେନ୍ଦୁଝର ଅଞ୍ଚଳର ଖଣିଜ ପଥରର ଲାଭରୁ ବିଭିନ୍ନ କମ୍ପାନୀ ଲୁଣଠାରୁ ଚା'ପତି ପର୍ଯ୍ୟନ୍ତ ବ୍ୟବସାୟ କରି ଲାଭବାନ୍ ହେଉଛନ୍ତି। ଓଡ଼ିଶାରୁ ବଡ଼ କମ୍ପାନୀ ଖଣି ବ୍ୟବସାୟରୁ ପୁଞ୍ଜିପତି ହେଉଛନ୍ତି। ପୁଞ୍ଜିକୁ ନେଇ ବାହାର ରାଜ୍ୟରେ କାରଖାନା, ବଡ଼ ଡାକ୍ତରଖାନା, ବିଭିନ୍ନ ଅନୁଷ୍ଠାନରେ ବିନିଯୋଗ କରୁଛନ୍ତି। କେନ୍ଦୁଝର ଜିଲାରେ ସବୁ ଥାଇ ମଧ୍ୟ ଅବହେଳିତ ହୋଇପଡ଼ିଛି। ଖଣି ଖନନରେ ସର୍ବାଧିକ ଜଙ୍ଗଲ ଧ୍ୱଂସ ହେଉଛି, ହେଲେ ଖଣି କମ୍ପାନୀଗୁଡ଼ିକ ନିଜର ସାମାଜିକ ଦାୟିତ୍ୱବୋଧତାକୁ ଭୁଲି ଯାଇଛନ୍ତି। ବନାଞ୍ଚଳରେ ରହୁଥିବା ଅଧିବାସୀଙ୍କୁ ଟର୍ଚ୍ଚ ଲାଇଟ୍ ଭଳି ସାଧାରଣ ଉପକରଣଟିଏ ଦେଇ ପାରୁନାହାନ୍ତି ବୋଲି ମତ ରଖିଥିଲେ। ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଛନ୍ତି, ହାତୀ ପ୍ରବଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରଶିକ୍ଷଣର ଆବଶ୍ୟକତା ରହିଛି। ସ୍ଥାନୀୟ ସମସ୍ୟାକୁ ଉପଯୁକ୍ତ ଜାଗାରେ ପହଞ୍ଚାଇବା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର କର୍ତ୍ତବ୍ୟ। ସରକାରଙ୍କ ଦ୍ୱାରା ହାତୀ ନୀତି ଉପରେ ନୂଆ ପ୍ରସ୍ତାବ ଏବଂ ସଂଶୋଧନର ଆବଶ୍ୟକତା ରହିଛି। ଆବଶ୍ୟକତାକୁ ଗ୍ରାମବାସୀଙ୍କ ଟିପ୍ପଣୀ ଏବଂ ମତାମତ ସାହାଯ୍ୟ କରିବ। ହାତୀ ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ସ୍ଥାନୀୟ ଗ୍ରାମବାସୀଙ୍କ ହାତୀ ପ୍ରତି ଭଲ ପାଇବା କେତେ ରହିଛି ସେମାନଙ୍କ ମତାମତରୁ ଜଣାପଡୁଛି, ଯାହାକି ହାତୀର ଭବିଷ୍ୟତକୁ ସୁରକ୍ଷିତ ରଖିବ ବୋଲି ସେ କହିଛନ୍ତି।

ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି, ଏବେ ମଧ୍ୟ ନିକଟସ୍ଥ ଜଙ୍ଗଲରେ ୯ ରୁ ୧୦ ହାତୀ ଅଛନ୍ତି। ବନ ବିଭାଗକୁ ସ୍ଥାନୀୟ ଗ୍ରାମବାସୀଙ୍କ ସାହାଯ୍ୟ ଆବଶ୍ୟକ ରହିଛି। ହାତୀ ଉପଦ୍ରବ କରୁଥିବା ଅଞ୍ଚଳ ଅଧିକ ଥିବାରୁ ଅବଶ୍ୟକତା ଅନୁଯାୟୀ ଲାଇଟ୍ ଧୀରେ ଧୀରେ ଆବଣ୍ଟନ କରାଯାଉଛି। ତେବେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ସରକାର ଅନୁକମ୍ପା ରାଶି ଦ୍ୱିଗୁଣିତ କରିଛନ୍ତି। ଆଗାମୀ ଦିନରେ ଆହୁରି ମଧ୍ୟ ଲାଇଟ୍ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଥିସହ ଧରିତ୍ରୀ, ଓଡ଼ିଶା ପୋଷ୍ଟ ଏବଂ ଏଫ୍ଇଏସ୍‌ର ସହଭାଗିତାରେ ଆୟୋଜିତ ହାତୀ ସଭାକୁ ପ୍ରଶଂସା କରିଛନ୍ତି। ହାତୀ ଏବଂ ମଣିଷ ମଧ୍ୟରେ ହାତୀ ସଭା ଏକ ସେତୁର କାମ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଂଶପାଳ ବ୍ଲକ୍ ହାତୀ ପ୍ରଭାବିତ ୨୧ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ରହି ଆଲୋଚନାଚକ୍ରରେ ନିଜର ମତାମତ ରଖିଥିଲେ। ଏଥିରେ କୁମୁଣ୍ଡି ପଞ୍ଚାୟତର ୱାର୍ଡ ମେମ୍ବର ଗୋପାଳ ପଲେଇ କହିଥିଲେ, ଆବଶ୍ୟକ ପରିମାଣର ଟର୍ଚ୍ଚ ଲାଇଟ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉନାହିଁ। ବନ ବିଭାଗ ଦ୍ୱାରା ପ୍ରଶିକ୍ଷଣ ସଭା ମଧ୍ୟ ଆୟୋଜନ ହେଉନାହିଁ। ବନ ବିଭାଗ କର୍ମଚାରୀମାନେ ସହଯୋଗ କରନ୍ତୁ। ସେହିପରି ସ୍ଥାନୀୟ ପଦାକସଡ଼ା ମହିଳା ସୁଲୋ ଦେହୁରୀ କହିଥିଲେ, ଅନ୍ଧାର ଥିବାରୁ ହାତୀ ଘରେ ପଶି ଚାଉଳ ଖାଇଲା ଏବଂ ଚାଉଳ ଭିତରେ ସଞ୍ଚିତ ଟଙ୍କାକୁ ମଧ୍ୟ ହାତୀ ଖାଇଗଲା। ସଭାରେ ଉପସ୍ଥିତ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀଙ୍କୁ ହାତୀ ଦାଉରୁ ରକ୍ଷା ପାଇବା ପାଇଁ ଲାଇଟ୍ ପ୍ରଦାନ କରିବା ନିମନ୍ତେ ସେ ଅନୁରୋଧ କରିଥିଲେ। ସ୍ଥାନୀୟ ମହିଳା ସାବିତ୍ରୀ ଦେହୁରୀ କହିଥିଲେ, ମଣିଷର ଆବଶ୍ୟକତା ଅଧିକ ହେବାରୁ ଜଙ୍ଗଲ ପଦା ହେଲା, ଖଣି ଖନନ ହେତୁ ହାତୀ ଗ୍ରାମାଭିମୁଖୀ ହେଲେ। ଗ୍ରାମର ମହିଳା ସୁମିତ୍ରା ପ୍ରଧାନ କହିଥିଲେ, ୩୦ ବର୍ଷ ପୂର୍ବରୁ ହାତୀ, ଜଙ୍ଗଲ ଓ ମଣିଷ ପରସ୍ପର ପରିପୂରକ ଥିଲେ। ଜଙ୍ଗଲରେ ନିଆଁ, ବ୍ୟାପକ ଖଣି ଖନନ ହେତୁ ସୁସମ୍ପର୍କ ତିକ୍ତତା ଓ ସଂଘର୍ଷରେ ପରିଣତ ହୋଇଛି। ସ୍ଥାନୀୟ ମହିଳା ଫୁଲେଶ୍ୱରୀ ସେଠୀ କହିଥିଲେ, ଅତୀତରେ ହାତୀ ଗ୍ରାମକୁ ଆସୁଥିବା ବେଳେ ଗ୍ରାମବାସୀ ହାତୀ ଦେଖୁଥିଲେ। ମାନବୀୟ ଆବଶ୍ୟକତା ପାଇଁ ଜଙ୍ଗଲ ଛାରଖାର ହେଲା, କାଠ ଓ ଖଣି ପାଇଁ ଜଙ୍ଗଲ ଧ୍ୱଂସ ସହିତ ହାତୀର ଚଲାପଥକୁ ନଷ୍ଟ କରାଗଲା, ଫଳରେ ଜଙ୍ଗଲ ଛାଡ଼ି ହାତୀ ଗାଁ ମୁହାଁ ହେଲେ। ସ୍ଥାନୀୟ ଯୁବକ ପ୍ରଶାନ୍ତ କୁମାର ପରିଡ଼ା ମତବ୍ୟକ୍ତ କରିଥିଲେ, ଘରକୁ ଭାଙ୍ଗିଲେ ମଣିଷ ପ୍ରତିକ୍ରିୟାଶୀଳ ହୋଇଯାଉଛି। ତେଣୁ ହାତୀ ଭଳି ଏକ ବିଶାଳ ବନ୍ୟପ୍ରାଣୀର ବାସସ୍ଥାନକୁ ନଷ୍ଟ କରାଗଲେ ସେ ମଧ୍ୟ ପ୍ରତିକ୍ରିୟାଶୀଳ ହୋଇ ହିଂସ୍ର ହେଉଛି। ସ୍ଥାନୀୟ ଯୁବକ ସୁଶାନ୍ତ ପଲେଇ କହିଥିଲେ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ହାତୀ ସଭାର ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଏ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ହାତୀ ସୁରକ୍ଷା ସ୍ୱତନ୍ତ୍ର ନୀତି ପ୍ରଣୟନ କରିବେ। ଏସିଆନ ଏଲିଫ୍ୟାଣ୍ଟ ସ୍ପେଶିସ ସର୍ଭାଇଭାଲ ସେଣ୍ଟର ହେବ ବୋଲି ଘୋଷଣା କରିବା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ହାତୀ ମୁଖ୍ୟତଃ ଗ୍ରାମାଭିମୁଖୀ ହେବାର କାରଣ ମହୁଲ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ମହୁଲିର ବାସ୍ନା, ହାଣ୍ଡିଆର ବାସ୍ନା ହାତୀଙ୍କୁ ଆକୃଷ୍ଟ କରୁଛି। ପଣସ ଓ କଦଳୀ ଖାଇବା ପାଇଁ ଅଧିକାଂଶ ସମୟରେ ହାତୀ ଗ୍ରାମକୁ ପ୍ରବେଶ କରୁଛି ବୋଲି ସେ କହିଥିଲେ।

ସଭାରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍ଇଏସ୍ ସଂସ୍ଥାର ସ୍ୱସ୍ତିକ ତ୍ରିପାଠୀ, ସଂସ୍ଥାର ପ୍ରକଳ୍ପ ପରିଚାଳକ ଭବାନୀ ଶଙ୍କର ପରିଡ଼ା, ବିକାଶ ସାଥୀ ସଦସ୍ୟ ମାନସ ପଣ୍ଡା, ଅରବିନ୍ଦ ସିଂ, କୁମୁଣ୍ଡି ପଞ୍ଚାୟତର ନାଏବ ସରପଞ୍ଚ ନୀଳାଦ୍ରି ସେନାପତି, ଗ୍ରାମର ବରିଷ୍ଠ ନାଗରିକ ବିରଞ୍ଚି ନାରାୟଣ ଦେହୁରୀ ପ୍ରମୁଖ ଯୋଗଦେଇ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ।



ହାତୀ ସଭାରେ ଯୋଗଦେବା ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ଏଫ୍ଇଏସ୍ ଏବଂ ବିକାଶ ସାଥୀର କର୍ମକର୍ତ୍ତା।

# ଭଦ୍ରକ କଲେଜରେ ଛାତ୍ର ଅଶାନ୍ତି



ପୋଲିସ କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରୁଛି।

## ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ବିରୋଧ

ଭଦ୍ରକ, ୮।୯ (ସନାତନ ରାଉତ)

ଭଦ୍ରକ କଲେଜ ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ ଏସ୍‌ପି ଓ ଟାଉନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

ସୂଚନା ଅନୁଯାୟୀ, ନିକଟରେ କଲେଜ ପଡ଼ିଆରେ ସ୍ଥାନୀୟ ଏକ କ୍ଲବ୍ ପକ୍ଷରୁ ଗଣେଶ ପୂଜା କରାଯାଇଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲେଜର ମୁଖ୍ୟ ଫାଟକରେ ସେହି କ୍ଲବ୍‌ର ଏକ ବ୍ୟାନର ଲଗାଯାଇଥିଲା। ଏହାକୁ ନେଇ କେତେଜଣ କଲେଜ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଫାଟକରେ ନିର୍ଦ୍ଦିଷ୍ଟ ଏକ କ୍ଲବ୍‌ର ବ୍ୟାନର ଲଗାଯିବାକୁ ସେମାନେ ବିରୋଧ କରିବା ପରେ ତାହାକୁ ହଟାଇ ଦିଆଯାଇଥିଲା। ସୋମବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଫାଟକରେ ଲଗାଯାଇଥିଲା। କଲେଜର ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଅପରାହ୍ନରେ ଏହି ବ୍ୟାନରକୁ ଖୋଲିଦେବାରୁ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। କେତେଜଣ ଛାତ୍ର ବ୍ୟାନର କାହିଁକି ଖୋଲାଗଲା ବୋଲି କହି ହୋହଲ୍ଲା କରିଥିଲେ। ଉତ୍ତେଜନା ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରିଛି। ଛାତ୍ର ଓଁକାର ମହାନ୍ତି କହିଛନ୍ତି, ଗେଟ୍‌ରେ ନିଜ କଲେଜର ନାମ ଲେଖାଥିବା ଏକ ବ୍ୟାନର ଅଧକ୍ଷଙ୍କ ସ୍ୱୀକୃତି ନେଇ ଲଗାଯାଇଥିଲା। ସେମାନଙ୍କୁ ନ ଜଣାଇ ତାହାକୁ ଖୋଲି ଦିଆଯିବା ନିନ୍ଦନୀୟ ଘଟଣା। ସେହି ବ୍ୟାନର ପୁଣିଥରେ ଲଗାଇବା ସହ କଲେଜ ଫାଟକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯିବାକୁ ସେ ଦାବି କରିଛନ୍ତି।



ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ–ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। –ଶ୍ରୀମା



# ଯୁବ ମେଣ୍ଢା

ହିମାଳୟ ଦେଶ ନେପାଳରେ ସରକାର ବିରୋଧୀ ବିକ୍ଷୋଭ ଶୀର୍ଷରେ ପହଞ୍ଚିଛି। କିଛିଦିନ ପୂର୍ବରୁ ସେଠାରେ ରାଜତନ୍ତ୍ର ସପକ୍ଷରେ ଆନ୍ଦୋଳନ ଦେଖାଦେଇଥିଲା। ହେଲେ ଏବର ପ୍ରତିବାଦର ନେତୃତ୍ୱ ନେଇଛନ୍ତି ଜେନ୍ ଜେଡ୍ ବର୍ଗ। ଉଲ୍ଲେଖଯୋଗ୍ୟ ଯେ, ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ପିଢ଼ି ଦେଶରେ ଗତ ୪ ତାରିଖରୁ ସେଠାକାର ସରକାରଙ୍କ ଦ୍ୱାରା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ହ୍ୱାଟ୍ସଆପ୍ ଭଳି ୨୬ଟି ସୋସିଆଲ ମିଡିଆକୁ ଅଚଳ କରିଦିଆଯିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ନାଗରିକର ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଯିବାରୁ 'ହାମି ନେପାଳ' ଆହ୍ୱାନରେ ଯୁବବର୍ଗ ୮ ସେପ୍ଟେମ୍ବରରେ କାଠମାଣ୍ଡୁସ୍ଥିତ ପାର୍ଲାମେଣ୍ଟ ଭବନ ଆଡ଼କୁ ମାଡ଼ି ଆସିଛନ୍ତି। ବିକ୍ଷୋଭକୁ ପ୍ରତିହତ କରିବା ଲାଗି ଓ.ପି. ଶର୍ମା ଓଲି ସରକାର କଠୋର ହେବାରୁ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଛନ୍ତି। ସୋସିଆଲ ମିଡିଆ ବନ୍ଦ ସପକ୍ଷରେ ସରକାର ସଫେଇ ଦେଇଛନ୍ତି ଯେ, ସମ୍ପୃକ୍ତ କମ୍ପାନୀଗୁଡ଼ିକ ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରିବା ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ପଞ୍ଜୀକୃତ ହେଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ହେଲେ ଭିତିରି କଥା ଦେଖିଲେ ଦେଶରୁ ଦୁର୍ନୀତି ହଟାଇବା, ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନ ଏବଂ ନେପାଳର ଦୁର୍ବଳ ଗଣତନ୍ତ୍ରରେ ଚାଇନାର ଅଯଥା ହସ୍ତକ୍ଷେପକୁ ବିରୋଧ କରି ଯୁବବର୍ଗ ପ୍ରତିବାଦର ସ୍ୱରକୁ ଦୃଢ଼ କରିଛନ୍ତି। ବର୍ଷ ବର୍ଷ ଧରି ନେପାଳର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଓ ନାଗରିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ସେଠାକାର ଯୁବବର୍ଗ ସରକାର ବିରୋଧରେ ବିକ୍ଷୋଭ କରିବା ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

> ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

ଯୌବନକୁ କେବଳ କ୍ୟାଲେଣ୍ଡର ବର୍ଷରେ ମାପିହୁଏ ନାହିଁ। ଯୌବନକୁ ଚିହ୍ନିବା ପାଇଁ ଦୃଢ଼ ମାନସିକ ଆଭିମୁଖ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ କହନ୍ତି ଯେ, ଭବିଷ୍ୟତ ନାଗରିକର ହିତ ସକାଶେ ଆଜିର ଦେଶକୁ ଗଠନ କରାଯିବା ଦରକାର। ସେତେବେଳେ ଯୁବପିଢ଼ି ସବୁ କ୍ଷେତ୍ରରେ ଯୋଗ୍ୟ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଯୁବପିଢ଼ିର କର୍ତ୍ତବ୍ୟ ହେଉଛି ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା। ସେଥିରୁ ଓହରି ଗଲେ ଏବଂ କେବଳ ସ୍ୱାର୍ଥପର ହୋଇ ସମୂହ ବିକାଶକୁ ଅଣଦେଖା କରୁଥିଲେ ତାହାକୁ ଯୁବପିଢ଼ି କୁହାଯିବ ନାହିଁ। ଯେମିତି ଅନ୍ୟ ଦେଶଗୁଡ଼ିକରେ ଯୁବପିଢ଼ି ସବୁବେଳେ ଆନ୍ଦୋଳନ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ଆଇନ ବଦଳାଇ ଦେଇଥାଏ, ସେହିଭଳି ସ୍ଥିତି ଆଜି ନେପାଳରେ ଦେଖିବାକୁ ମିଳିଛି। ଭାରତର ପଡ଼ୋଶୀ ନେପାଳର ଯୁବପିଢ଼ି ନିଜର ସ୍ଥାନ ଭିନ୍ନ ସ୍ତରକୁ ନେଇପାରିଛି। ଯେତେବେଳେ ପାକିସ୍ତାନ, ଭାରତ ଓ ବାଂଲାଦେଶ ଭଳି ରାଷ୍ଟ୍ରରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି ଓ ସୋସିଆଲ ମିଡିଆକୁ ଅଟକାଇ ଦିଆଯାଉଛି, ସେତେବେଳେ ଯୁବଶକ୍ତିର କୌଣସି ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁନାହିଁ। ତାହା ପ୍ରମାଣ କରୁଛି ଯେ ଭାରତ ଭଳି ଦେଶରେ, ଶାରୀରିକ ବା କ୍ୟାଲେଣ୍ଡର ବୟସକୁ ଦେଖିଲେ ଅଧିକ ଯୁବ ଜନସଂଖ୍ୟା ଥିବା ସତ୍ତ୍ୱେ, ଯୁବଶକ୍ତି ସମ୍ପୂର୍ଣ୍ଣ ଭାବେ ଶିଥିଳ ପଡ଼ିଯାଇଛି। ଏହା ପ୍ରମାଣ କରୁଛି ଯେ, ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

ନେପାଳର ଯୁବପିଢ଼ି ନିଜର ଭିନ୍ନତା ପ୍ରମାଣ କରିପାରିଛି। ଏଭଳି ଧରଣର ବିକ୍ଷୋଭ ପଡ଼ୋଶୀ ଦେଶରେ ଦେଖିବାକୁ ମିଳୁ ନ ଥିଲା। ପ୍ରଥମେ ବାଂଲାଦେଶରେ ଛାତ୍ର ଓ ଯୁବବର୍ଗ ସେଠାକାର ସରକାର ପରିବର୍ତ୍ତନ କରିବାରେ ସଫଳ ହେଲେ। ଏବେ ନେପାଳର ଯୁବଶକ୍ତି ଏକ ନୂତନ ଲଢ଼େଇ ଆରମ୍ଭ କରିଛନ୍ତି। ସେମାନେ ଯଦି ସଫଳ ହୁଅନ୍ତି, ତେବେ ପ୍ରମାଣ ମିଳିବ ଯେ ଯୁବପିଢ଼ି ଯେଉଁଠାରେ ନୂଆ ବାଟ ଖୋଜିବ ସେଠାରେ ସଫଳତା ନିଶ୍ଚୟ ମିଳିବ।

# ପାଗଳ ପ୍ରେମିକ ଦଳ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ସମୟର ଜଣେ ପ୍ରଥିତଯଶା ମାନବବାଦୀ କବି ସୂର୍ଯ୍ୟ ମିଶ୍ରଙ୍କର ଏକ କାବ୍ୟଗ୍ରନ୍ଥର ନାମ 'ପାଗଳ ପ୍ରେମିକ ଦଳ'। ପ୍ରାୟ ୨୦ ବର୍ଷ ପୂର୍ବରୁ ପ୍ରକାଶିତ ଏହି କବିତା ସଂକଳନର ଶୀର୍ଷକ କବିତାର କେତୋଟି ପଂକ୍ତି ଥିଲା ପ୍ରେମୀମାନଙ୍କ ଚରିତ୍ର ଚିତ୍ରଣର ଏକ ଉଦ୍ଦାମ ପରିଭାଷା। ସେ ପୁରୁଷ ହୁଅନ୍ତୁ କି ନାରୀ, ସେମାନଙ୍କ ଉଚ୍ଛୁଳା ପ୍ରେମ ପ୍ରବାହର ଏକ ମନୋରମ ଚିତ୍ର ଆଙ୍କି କବି ଲେଖିଥିଲେ, "ସେମାନେ ନିଆଁରେ ଚାଲିବେ, ପବନକୁ ହାତମୁଠାରେ ରଖିବେ, ଲହୁଣିର କଣ୍ଢେଇକୁ ଶିଖାଇବେ ଦୁଃସାହସ। ମାନ ସମ୍ମାନ, ଭୟଭ୍ରାନ୍ତି ଓ ଲାଜ ସରମକୁ ତୁଚ୍ଛ କରି ସେମାନେ ଲେଖିବେ ଭଲପାଇବାର ଅକ୍ଷର; ଝଲସିବ ଯେଉଁଥିରେ ତ୍ରିକାଳ କପାଳ, ସେମାନେ ପାଗଳ ପ୍ରେମିକ ଦଳ"। ପ୍ରେମିକଙ୍କ ପ୍ରେମ ପ୍ରବଣତାର ଏକ ପ୍ରକାର କାବ୍ୟିକ ପରିଭାଷା ମଧ୍ୟରେ ପ୍ରତିଫଳିତ ହେଉଥିଲା ପ୍ରାଚୀନ କାଳର ରାଧାକୃଷ୍ଣ ପ୍ରେମ। କୃଷ୍ଣଙ୍କ ପ୍ରେମରେ ମତୁଆଲା ହୋଇ ନିଜ ସଂଭ୍ରାନ୍ତ ଆଭିଜାତ୍ୟକୁ ପାସୋରି ପକାଇଥିବା ମୀରାଙ୍କ ପାଗଳ ପ୍ରେମ ମଧ୍ୟ ଏହି ପର୍ଯ୍ୟାୟର। ଆମ ଲୋକକଥାରେ ବର୍ଣ୍ଣିତ ନିଜ ନାୟିକା ସହ ମିଳନର ଇଚ୍ଛା ନେଇ ଭୟଙ୍କର ବର୍ଷଣମୁଖର ରାତିରେ ବିଷଧର ସାପ ପିଠିରେ ନଦୀ ପାର ହୋଇଥିବା ପାଗଳ ପ୍ରେମିକ ବିଲ୍ୱମଙ୍ଗଳଙ୍କ ପାଗଳାମିର ପଟାନ୍ତର ନାହିଁ। କବିଙ୍କ କଳନାରେ ଏଇମାନେ ହିଁ ପାଗଳ ପ୍ରେମିକ ଦଳ, ଦୃଷ୍ଟାନ୍ତନୀୟ ଓ ଆଦର୍ଶସ୍ଥାନୀୟ। ଅଥଚ କଥିତ କବିତାର ଆଉ କେଇପାଦ ଆଗକୁ ପଢ଼ିଲେ ଏମିତି ଥୋକେ ପାଗଳ ପ୍ରେମିକଙ୍କୁ ସାମ୍ନା କରିବାକୁ ପଡ଼େ, ଯେଉଁମାନେ ସମ୍ପୂର୍ଣ୍ଣ ଭିନ୍ନ ସମ୍ପ୍ରଦାୟର। ଏମାନଙ୍କ ପ୍ରେମ –ପାଗଳାମିରେ ନା ଥାଏ ଦିବ୍ୟ ପ୍ରେମର ଅନୁଭବ, ନା ଥାଏ ସାନ୍ନିଧ୍ୟ ଓ ସମର୍ପଣର ଆଦର୍ଶବୋଧ। ନା ଥାଏ ଆମ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନବୋଧ ନା ଥାଏ ସାମାଜିକ ସଂସ୍କାର ପାଇଁ ନିମ୍ନତମ ସମ୍ଭ୍ରମବୋଧ। ବାସ୍, କେବଳ କୁତ୍ସିତ ଦେହଭୋଗର ଉତ୍କଟ ଉଦ୍ଦାମତା, ଆଉ ଉଦ୍ଦଣ୍ଡ ଯୌବନର ଉଲଗ୍ନ ଅସଭ୍ୟତା। ସାମ୍ପ୍ରତିକ କାଳରେ ବାରମ୍ବାର ଆଖିରେ ପଡୁଥିବା ଏଇ ପାଗଳ ପ୍ରେମୀଙ୍କ ଚିତ୍ର ଓ ଚରିତ୍ର କୋଡ଼ିଏ ବର୍ଷ ତଳେ କ୍ରାନ୍ତିଦ୍ରଷ୍ଟା କବିଙ୍କ ଚେତନାରେ କେମିତି ପ୍ରତିବିମ୍ବିତ ହୋଇଥିଲା କେଜାଣି, ତାଙ୍କ କବିତାରେ ଚିତ୍ରିତ ହୋଇଥିଲା ଏକ ଭୟଙ୍କର ଚେତାବନୀ। ସେ ଆଙ୍କିଥିଲେ ଆସ୍ତେ ଆସ୍ତେ ଅସୁସ୍ଥ ହୋଇ ପଡୁଥିବା ଗୋଟିଏ ଅସହାୟ ସମାଜର କରୁଣ ଚିତ୍ରପଟ। କବି ଲେଖିଥିଲେ– "ବର୍ଷ କେଇଟାରେ ବଦଳିଗଲା ପ୍ରେମର ପରିଭାଷା। ଉଲଙ୍ଗ ନାଚ ଆରମ୍ଭ କଲା ତା'ର ରୁଦ୍ଧ ଅହଂକାର, ଆଦର୍ଶ ଲୁଚାଇ ରଖିଲା ଆପଣାର ଅର୍ଥ, ପ୍ରେମର ଅନନ୍ତ ଶୋଷ ପିଇଲା ଗରଳ। ପ୍ରେମର ମଞ୍ଚ ଉପରେ ଅଶ୍ଳୀଳ ଅଭିନୟ ଲାଗି ସେଇ ପ୍ରେମିକ ଦଳ ଅତ୍ୟନ୍ତ ପାଗଳ।"

ଅଳ୍ପଦିନ ତଳେ ଆମ ରାଜ୍ୟର ପଚାମୁଣ୍ଡାଇ ଅଞ୍ଚଳର କଲେଜ ଛାତ୍ରୀ ଜଣେ ନିଜ ଦେହରେ ନିଆଁ ଲଗାଇ ମରିବା ମୂଳରେ ହେଲା ପ୍ରେମର ଏହି ପାଗଳପଣ। ପୁଣି କେଇ ମାସ ତଳେ ରାଜଧାନୀର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ଥିଲା ଏଇ ପ୍ରେମର ବିଷମ ପରିଣାମ। ପ୍ରେମ ନାମରେ କାମନାବାସନା ରାଜ୍ୟରେ ବିଚରଣ କରୁଥିବା ଏଇ ତରୁଣ ବିଦ୍ୟାର୍ଥୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ପାଠ ପଢ଼ିବା ପାଇଁ କଲେଜକୁ ଆସିଥିବା ଛାତ୍ରୀ ବା ଛାତ୍ରଟିଏ ଶିକ୍ଷାୟତନରେ ଆଧୁନିକତା ନାମରେ ଅଙ୍କୁଶବିହୀନ ସମ୍ପର୍କ, ସମ୍ପର୍କରୁ ପ୍ରେମ, ପ୍ରଣୟ ଓ ଆଜୀବନ ସଙ୍ଗୀ ହୋଇ ରହିବାର ପ୍ରତିଶ୍ରୁତି ଓ ପରେ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଚିତ୍ରକୁ ସର୍ବଜନବିଦିତ କରିବାର ଧମକ ଦେଇ ଏକ ଅମୂଲ୍ୟ ଜୀବନର ଅକାଳ ଅବସାଦ। ଆଉ ଦିବ୍ୟ ଯୌବନର କି ଦୁର୍ଭାଗ୍ୟପୂର୍ଣ୍ଣ ଯବନିକା ପତନ! କେଇ ଦିନ ତଳେ ସୋସିଆଲ ମିଡିଆରେ ଖେଳି ବୁଲୁଥିବା ଦୃଶ୍ୟଟି ଦେଖି ଦଶବର୍ଷ ତଳୁ ଅବସର ନେଇ ସାରିଥିବା ଏଇ ଅଧ୍ୟାପକ ଜଣକ ଲାଜରେ ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିଲା। କୌଣସି କଲେଜର ୟୁନିଫର୍ମପିନ୍ଧା ଛାତ୍ରୀଛାତ୍ର ଦୁହିଁଙ୍କୁ ସହରର ଏକ ନିକାଞ୍ଚନ ସ୍ଥାନରେ ଆପତ୍ତିଜନକ ମୁଦ୍ରାରେ ଆବିଷ୍କାର କରିଥିଲେ କେଇଜଣ ସ୍ଥାନୀୟ ଯୁବକ। ଅସଂଯତ ଅବସ୍ଥାରେ ଥିବା ଛାତ୍ରୀଟି ବିକଳରେ ତା' ଫଟୋ ନ ଉଠାଇବାକୁ ଅନୁନୟ ହେଉଥିବାର ଦୃଶ୍ୟ ଏ ଲେଖକ ମନରେ ଭାବାନ୍ତର ସୃଷ୍ଟି କରୁଥିଲା। କଲେଜକୁ ପାଠ ପଢ଼ିବାକୁ ଯାଉଛି କହି ଘର ଛାଡ଼ିଥିବା ନିଜ କନ୍ୟାର କୁତ୍ସିତ ରୂପ ଓ କଳଙ୍କିତ କାହାଣୀ ହୁଏତ ପ୍ରତ୍ୟକ୍ଷ କରୁଥିବେ ସମାଜରେ ସଂସ୍କାରସମ୍ପନ୍ନ ଭାବେ ପରିଚିତ ହେଉଥିବା ତା'ର ମାତାପିତା। ଚରମ ଅସ୍ୱସ୍ତି ଓ ଅପମାନରେ ମଳିନ ହୋଇ ଯାଇଥିବ ସେମାନଙ୍କ ହୃଦୟ। ସମପକାର ବିଘଟନର ସମ୍ଭାବନାରେ ଆତଙ୍କିତ ହୋଇ ଉଠିଥିବେ କଲେଜପଢୁଆ କନ୍ୟାମାନଙ୍କର ଅବଶିଷ୍ଟ ମାତାପିତାମାନେ। ନିଜ ପିଲାମାନଙ୍କୁ ଦେଇଥିବା ଶିକ୍ଷା, ଦୀକ୍ଷା ଓ ସଂସ୍କାରର ସମୀକ୍ଷା କରିଥିବେ ସେମାନେ ଏବଂ ନୀରବରେ ନିନ୍ଦୁଥିବେ ନିଜ ଦୁର୍ଭାଗ୍ୟକୁ। ମାତ୍ର ବିଡ଼ମ୍ବନାର ବିଷୟ, ଝିଅପୁଅମାନେ କିନ୍ତୁ ସେମାନଙ୍କ ମା'ବାପା ଦେଇଥିବା ସଂସ୍କାର କେବେ ସମୀକ୍ଷା କରନ୍ତି ନାହିଁ। ସେମାନଙ୍କ ପାଇଁ ମାତାପିତାଙ୍କ ତ୍ୟାଗ ଓ ତପସ୍ୟାକୁ ମନେପକାନ୍ତି ନାହିଁ। ସେମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବା ସେମାନଙ୍କୁ ନେଇ ଦେଖୁଥିବା ସ୍ୱପ୍ନ ସମ୍ପର୍କରେ ଚିନ୍ତା କରିବାକୁ ସେମାନଙ୍କର ନା ଥାଏ ସ୍ପୃହା ନା ସମୟ! ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ ସେମାନେ ଅମଡ଼ାବାଟରେ ପାଦ ଥାପନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ଆଦିମ କ୍ରୀଡ଼ାର ସେଇ ଗୋପନୀୟ ଦୃଶ୍ୟ ସର୍ବଜନବ୍ୟାପ୍ତ ହୁଏ ତ ଅନ୍ୟ କେଉଁଠି ଅବାଞ୍ଛିତ ଗର୍ଭଧାରଣର ଜ୍ୱଳନ ନିଜ ସହିତ ନିଜ ମା'ବାପାଙ୍କୁ ଦଗ୍ଧିଭୂତ କରେ। କେଉଁଠି ଅନୂଢ଼ା କିଶୋରୀଟିଏ ଆତ୍ମହତ୍ୟା କରେ ଅବା ଲୋକଲଜ୍ଜା ସହି ନ ପାରି ତାକୁ ହତ୍ୟା କରନ୍ତି ତା'ର ମାତାପିତା! ନବ୍ୟ ଆଧୁନିକତାର ଉତ୍ତାଳ ତରଙ୍ଗରେ ଭାସିଯାଇ ନିଜ ସତ୍ତା ହରାଇ ବସେ ଏକ ସ୍ୱପ୍ନମୟ ସମ୍ଭାବନା। ପ୍ରେମ ପ୍ରବାହର ମାରାତ୍ମକ ସ୍ରୋତରେ ଭାସିଯାଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ସଂସାର କରିଥିବା ବୟସ୍କ ଦମ୍ପତିମାନେ ମଧ୍ୟ ପରକୀୟା ପ୍ରେମରେ ନିଜର ଦିଗ ହରାଇବସନ୍ତି। ନିଜ ସଂସ୍କାର ଓ ସଂସ୍କୃତିକୁ ବିସ୍ମରି ଯାଇ ପତିପତ୍ନୀ ସମ୍ପର୍କରୁ ପବିତ୍ରତାକୁ ପିଠି କରି ପରକୀୟା ସମ୍ପର୍କରେ ପାଗଳ ହୋଇଯା'ନ୍ତି ଏମାନେ। ଏକାଧିକ ସମ୍ପର୍କ ସହ ଦେହଭୋଗର ଲାଳସାକୁ ଚରିତାର୍ଥ କରିବାକୁ ଏମାନେ ଅପରାଧ କରିବାକୁ ପଛାଇ ଯାଆନ୍ତି ନାହିଁ। ପଥହୁଡ଼ା ତାରୁଣ୍ୟର ପାଗଳାମିଠାରୁ ଏମାନଙ୍କ ପାଗଳାମି ଅଧିକ ଉତ୍କଟ। ଏମାନେ ଅନ୍ୟର ଜୀବନ ନେବାକୁ ପଛାନ୍ତି ନାହିଁ। ନିଜ ପ୍ରେମିକାକୁ ପାଇବା ପାଇଁ ପତ୍ନୀକୁ ହତ୍ୟା କରିବା ଅବା ପ୍ରେମିକ ସହ ମିଶି ନିଜ ପତିର ଜୀବନ ନେବା ଭଳି ପାଗଳାମିର ଦୃଷ୍ଟାନ୍ତ ଏବେକାର ସମାଜରେ ଆଦୌ ବିରଳ ନୁହେଁ। ଏଇ କିଛିଦିନ ତଳେ ନବବିବାହିତ ଦମ୍ପତି ଦୁହେଁ ବିବାହର ସପ୍ତାହେ ନ ପୂରୁଣୁ ନିଜ ଦାମ୍ପତ୍ୟକୁ ସ୍ମରଣୀୟ କରିବାକୁ ମଧୁଚନ୍ଦ୍ରିକା ମନାଇବା ପାଇଁ ମଧ୍ୟପ୍ରଦେଶରୁ ଯାଇଥିଲେ ସୁଦୂର ମେଘାଳୟ। ସେଠାରୁ ଏକା ଫେରି ପତ୍ନୀ ଅଭିଯୋଗ କଲେ କି ତାଙ୍କ ପତି କୁଆଡ଼େ ହଜିଗଲେ ଯେ ସେ ଖୋଜି ଖୋଜି ନିରାଶ ହୋଇ ଏକା ଫେରି ଆସିଲେ। ପରେ ଜଣାପଡ଼ିଲା, ତାଙ୍କ ପ୍ରେମିକକୁ ପାଇବା ପାଇଁ ସେ କେଇ ଲକ୍ଷ ଟଙ୍କା ସୁପାରି ଦେଇ ନିଜ ପତିଙ୍କୁ ହତ୍ୟା କରାଇ ସେଠାକାର ଏକ ଜଳାଶୟରେ ଫିଙ୍ଗିଦେଇ ଆସିଛନ୍ତି। ପ୍ରେମରେ ପାଗଳ ନ ହେଲେ ଜଣେ ତରୁଣୀ କ'ଣ ଏମିତି ନିଷ୍ଠୁର ହୁଅନ୍ତା! ଆଉ ଟିକେ ପରିଣତ ବୟସର ପ୍ରେମ ପାଗଳାମି ତ ଆହୁରି ଭୟଙ୍କର। ଦୁଇବର୍ଷ ତଳେ ଫେସ୍‌ବୁକ୍ ମାଧ୍ୟମରେ ସ୍ଥାପିତ ହୋଇଥିବା ପ୍ରେମ ସମ୍ପର୍କର ନାୟକଙ୍କ ସହ ମିଳିତ ହେବାକୁ ଜଣେ ମଧ୍ୟବୟସ୍କା ଭାରତୀୟ ମହିଳା ପାକିସ୍ତାନ ଚାଲିଯାଇଥିଲେ। ଜଣେ ଅଜଣା ବିଧର୍ମୀ, ବିଦେଶୀ ଯୁବକଙ୍କୁ ପାଇବା ପାଇଁ ନିଜ ଦଶବର୍ଷର ବୈବାହିକ ଜୀବନକୁ ପିଠି କରି, ନିଜ ପତି, ଦୁଇଟି ପିଲା, ଏପରିକି ନିଜ ଦେଶକୁ ତୁଚ୍ଛ କରି ଅମଡ଼ା ବାଟରେ ମାଡ଼ିଯିବାର ପାଗଳାମିକୁ କି ନାମ ଦିଆଯାଇପାରେ! ଯେ ତ ପିଲା, ପରିବାର ଓ ଦେଶ ଛାଡ଼ିବାର କୁତ୍ସିତ ଦୃଷ୍ଟାନ୍ତ। ଆମ ରାଜ୍ୟର ଏକ ଗ୍ରାମ୍ୟମଣ୍ଡଳରେ ଜଣକର ପତ୍ନୀ ଅନ୍ୟ ଜଣଙ୍କର ପତିଙ୍କ ପ୍ରେମରେ ଏମିତି ପରକୀୟାରେ ମାତିଲେ ଯେ କଥା ଚାରିଆଡ଼େ ରାଷ୍ଟ୍ର ହୋଇଗଲା। ଦୁଇଟି ପରିବାରର ସମ୍ମାନ ଭୂଲୁଣ୍ଠିତ ହେଲା। ସମସ୍ତେ ଛି ଛାକର କଲେ। ମାତ୍ର ସେମାନଙ୍କ ପରକୀୟା ପ୍ରୀତି ଏତେ ଉତ୍କଟ ଥିଲା ଯେ, କେହି କାହାରିକୁ ଛାଡ଼ିପାରିଲେନି। ସାମାଜିକ ସଂସ୍କାରର ବାଧାବିଘ୍ନ, ଦୁର୍ଗତି ଦୁର୍ନାମକୁ ପାଦରେ ଆଡ଼େଇ ଦୁହେଁଯାକ ଗୋଟିଏ ଗଛଡାଳରେ ଫାଶୀଦେଇ ଆତ୍ମହତ୍ୟା କଲେ। ପାଗଳାମି ଆଉ କାହାକୁ କହନ୍ତି କି!



**ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୨୪୧୦୫**

# ସାମ୍ପ୍ରତିକ ସମୟର କାଳନେମୀ



ଡ. ମନୋରଞ୍ଜନ ପ୍ରଧାନ

ରାମାୟଣର ଏକ ଚରିତ୍ର କାଳନେମୀ ମାନେ ମାରୀଚ ନନ୍ଦନ ତଥା ଦଶାନନଙ୍କ ପାରିଷଦର ଜଣେ ମନ୍ତ୍ରୀଙ୍କ କାରନାମା ସମ୍ପର୍କରେ ସମସ୍ତେ ଜାଣିଥିବେ। ଏ ଚରିତ୍ର ନିଜର ଅବାଞ୍ଛିତ ଲୋଭ ସମ୍ବରଣ ନିମନ୍ତେ ହନୁମାନଙ୍କ ସମ୍ମୁଖରେ ସାଧୁ ବେଶରେ ଚିକଣିଆ କଥା କହି କ'ଣ କରିବାକୁ ଚାହୁଁଥିଲା! କାଳନେମୀଙ୍କ ସମ୍ବନ୍ଧରେ ଅଧିକ ଚର୍ଚ୍ଚା ନ କରି ସାମ୍ପ୍ରତିକ ସମୟର କାଳନେମୀଙ୍କ ସମ୍ବନ୍ଧରେ ଆଲୋଚନା କରିବା। ପୁରାଣ ଯୁଗରେ ବା ପୁରାତନ କାଳରେ ଜଣେ ଅଧେ କାଳନେମୀଙ୍କ ଦୃଷ୍ଟିଗୋଚର ହେଉଥିଲେ ବୋଲି ବର୍ଣ୍ଣିତ। ହେଲେ ବର୍ତ୍ତମାନ ସମୟରେ ଘରେ ଘରେ, ସାହି ସାହିରେ, ନଗ୍ର ନଗ୍ରରେ ତଥା ଅତ୍ର, ତତ୍ର, ସର୍ବତ୍ର କାଳନେମୀମାନଙ୍କ ସାକ୍ଷାତ ଦର୍ଶନ ପାଇପାରିବେ। ଏମାନେ ବହୁରୂପୀ ଏବଂ ବହୁବର୍ଣ୍ଣୀ। ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ କଳାକନା ବୁଲାଇ ସର୍ବସ୍ୱ ଲୁଟିନେବା କଳାରେ ଏମାନେ ପାରଙ୍ଗମ। ଏମାନଙ୍କ କଥାରେ ଗୋରସରେ ନୁହେଁ ପାଣିରେ ସର ପଡ଼ିଯାଏ। ଏମାନଙ୍କ ବାକଚାତୁରୀ ଓ ଅନ୍ୟକୁ ବଶୀଭୂତ କରିବାରେ କଥାବାଚକ ବା ବଡ଼ ବଡ଼ ପ୍ରାଧ୍ୟାପକମାନେ ମଧ୍ୟ ହାରମାନିବେ। ସେମାନଙ୍କଠାରୁ ଦୂରେଇ ରହିବା ଜରୁରୀ କିନ୍ତୁ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କ କବଳରୁ ବର୍ତ୍ତିବା ଆଜିର ସମୟରେ କଷ୍ଟକର। ସେମାନେ ସର୍ବତ୍ର ବିଦ୍ୟମାନ। ସେମାନେ ଶବକୁ ନିଲାମ କରିପାରନ୍ତି, ରୋଗ ଶଯ୍ୟାରେ ଛଟପଟ ରୋଗୀଙ୍କୁ ସେବା ଯୋଗେଇ ଦେବା ନାମରେ ପରିବାରବର୍ଗଙ୍କ ସର୍ବସ୍ୱ ଲୁଟି ନିଅନ୍ତି, ବେରୋଜଗାର ଯୁବତୀଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ କରିପାରନ୍ତି କିମ୍ବା ଚିର ହିତୈଷୀ ଭାବରେ ଛଦ୍ମବେଶୀ ସାଜି ଆପଣଙ୍କୁ କଷ୍ଟାର୍ଜିତ ସମସ୍ତ ଧନ ସମ୍ପତ୍ତିକୁ କେବଳ ଗୋଟିଏ ଓଟିପିରେ ଖାଲି କରିଦେଇପାରନ୍ତି। ଏମାନେ ଗୋଟିଏ ଗୋଟିଏ ସ୍ୱପ୍ନ ବିକାଳି। ରାତାରାତି ଆପଣଙ୍କୁ ବିଶ୍ୱର ସର୍ବୋଚ୍ଚ ଧନୀ ବ୍ୟକ୍ତି କରେଇବାର ପ୍ରତିଶ୍ରୁତି ଦେଇ ସମ୍ପୂର୍ଣ୍ଣ ପ୍ରତାରଣା କରିବାର ସମସ୍ତ ସାମର୍ଥ୍ୟ ରଖନ୍ତି। କେବଳ ସେତିକି ନୁହେଁ ମୂର୍ଖ, ଅପାଠୁଆ ତଥା ଅଶିକ୍ଷିତଙ୍କ କଥା ଛାଡ଼ନ୍ତୁ ବଡ଼ ପାଠୁଆ, ବଡ଼ ଚାକିରିଆ ତଥା ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ, ରାଜନେତା, ଅମଲାତନ୍ତ୍ରୀ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ନୈପୁଣ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଠକିବାରେ ଏମାନେ ଧୁରୀଣ ଓ ଧୂର୍ତ୍ତ।

କେଇଦିନ ତଳେ ଜଣେ ଭଦ୍ରବ୍ୟକ୍ତି ଫୋନ କଲେ। ପରିଚୟ ଦେଲେ ଏକ ପ୍ରତିଷ୍ଠିତ ଖବରକାଗଜର ସହସମ୍ପାଦକ ବୋଲି। କହିଲେ ଆମ ଖବରକାଗଜର ଜଣେ ବିତରକ ବନ୍ଧୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଆମେ ବିଭିନ୍ନ ଉତ୍ସରୁ ଆପଣମାନଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରିଛୁ। ତଥାପି ଆହୁରି ଚାରି ପାଞ୍ଚ ଲକ୍ଷ ଟଙ୍କା ଦରକାର ପଡୁଛି। ଲେଖକମାନଙ୍କୁ ଆମେ କହିବା ଠିକ୍ ନ ହେଲେ ମଧ୍ୟ ଜଣଙ୍କ ଜୀବନ ବଞ୍ଚେଇବା ପାଇଁ ପରିସ୍ଥିତି ବାଧ୍ୟ କରିଛି। ବାସ୍, ଆଉ କେଇପଦ କଥାରେ କାଳନେମୀର ଛଳ ଭେଦ କରି ଅଳ୍ପକେ ବର୍ତ୍ତିଯାଇଥିଲି।



ଆଉ ଗୋଟିଏ ଘଟଣା। ମୋର ଜଣେ ବନ୍ଧୁ ଗୋଟିଏ କଲେଜରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ପ୍ରକୃତରେ ତାଙ୍କ କଲେଜରେ ହଷ୍ଟେଲ ସିଟ୍ ସୀମିତ ତାହା ପୁଣି ନାମ ଲେଖାର ଖୁବ୍ କମ୍‌ଦିନ ଭିତରେ ପିଲାଙ୍କୁ ଚୟନ କରି ଦିଆସରିଛି। କିନ୍ତୁ ଅନେକ ପିଲା ହଷ୍ଟେଲ ପାଇବାକୁ ଆଶାବାଦୀ ଥିଲେ। କେହି ଜଣେ କାଳନେମୀ ଠିକ୍ ଜାଣିପାରି କେତେଜଣ ଛାତ୍ରଙ୍କଠାରୁ ପ୍ରିନ୍ସିପାଲଙ୍କ ପରିଚୟ ଦେଇ ପାଞ୍ଚ ହଜାର ଲେଖାଏ ଅନ୍‌ଲାଇନରେ ନେଇଯାଇଛି। ପିଲାମାନେ ତା'ପରଦିନ ନିଜର ଜିନିଷପତ୍ର ଧରି କଲେଜରେ ପହଞ୍ଚିବା ପରେ ଜଣାପଡିଲା କି ସେ ବ୍ୟକ୍ତି ଆଉ କିଏ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରୁକଲରରେ ସେହି ନମ୍ବରରୁ ଫୋନ ଆସିଥିବା ନାମ ପ୍ରିନ୍ସିପାଲ ଅମୁକ କଲେଜ ବୋଲି ଦେଖାଉଛି। ସେଥିପାଇଁ ବିଶ୍ୱାସ କରି ଗରିବ ପିଲାମାନେ ଆଶ୍ରୟ ପାଇବା ଆଶାରେ ଟଙ୍କା ପଠେଇ ଦେଇଛନ୍ତି। ଏସବୁ ବାହାର କାଳନେମୀମାନଙ୍କ କାରନାମା। ବର୍ତ୍ତମାନ ଗୋଟିଏ ଘର ଭିଙ୍କି କୁମ୍ଭୀରର କାଳନେମୀ ରୂପ ସମ୍ବନ୍ଧରେ ଜାଣିବା।

ଜୀବନବ୍ୟାପୀ ପରିଶ୍ରମ ପରେ ଜଣେ ବ୍ୟକ୍ତି ଅବସର ଗ୍ରହଣ କରନ୍ତି ସରକାରୀ ଚାକିରିରୁ। ପୁଅ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ। ପୁଅ ମଧ୍ୟ ପାଠୁଆ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଧୁରନ୍ଧର। ବାପାଙ୍କୁ ଖୁସି କରିବା ପାଇଁ ପୁଅ ଅନେକ କାମ କରିଦିଏ। ତେଣୁ ବାପାଙ୍କ ସବୁ ବ୍ୟାଙ୍କ କାରବାର ପୁଅ ବୁଝେ। ମାଆ ମଧ୍ୟ ବିଶ୍ୱାସ କରି ନିଜର ଗହଣାଗାଣ୍ଟି ଥିବା ଆଲମାରୀ ଚାବି ଏକୋଇରବଳା ବିଶିକେଶନକୁ ଦେଇଥାନ୍ତି। ପୁଅ ସେମାନଙ୍କ ଆଖିରେ ଧୂଳି ଦେଇ ଘରର ସବୁ କିଣାବିକା କରି ଚାଲିଥାଏ। ଦିନେ କୌଣସି ବନ୍ଧୁଘର ଯିବା ପାଇଁ ମାଆ ସୁନା ହାର ମାଗିଲେ। ପୁଅ କହିଲା, ଆଲମାରୀ ଚାବି ହଜିଯାଇଛି। ପରେ ଜଣେ ଲୋକ ଆସି ତୁମ ପୁଅ ତିନି ଲକ୍ଷ ବାକି କରିଥିବା କହିଲେ। ବାପା ବଜାରରୁ ଫେରିବା ପରେ ଅନ୍ୟ ଏକ ଚାବିରେ ଆଲମିରା ଖୋଲିଲା ବେଳକୁ ଗୋଟିଏ ବି ଗହଣା ନାହିଁ। ଅନୁସନ୍ଧାନରୁ ଜଣାପଡିଲା କି ପୁତ୍ରରୂପୀ କାଳନେମୀ ଅନ୍‌ଲାଇନ ଗେମ୍ ବା ଟ୍ରେଡିଂ (ଜୁଆ) ଖେଳି ସବୁ ବିକ୍ରି କରିଦେଇଛି। ସେଥିରେ ବାପାଙ୍କ ସବୁ ବ୍ୟାଙ୍କ ଜମା ମଧ୍ୟ ଅନ୍ତର୍ଭୁକ୍ତ। କାହାକୁ କହିବେ ଦୁଃଖ। ଏଭଳି ଘଟଣା ଓ କାରନାମା ଆଜିକାଲି ବ୍ୟାପକ ଭାବରେ ଦେଖିବାକୁ ମିଳୁଛି।

**ସହକାରୀ ପ୍ରଫେସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ,**
**ମୋ:୯୪୩୭୯୧୪୮୧୮**

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର କୃଷକ ହୃଷୀକେଶ ଜୟସିଂହ ଧାନେ ଏବେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବିଜ୍‌ନେସ କରୁଛନ୍ତି ଏବଂ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶ ୮ ଏକରରେ ଏହି ଚାଷ କରୁଛନ୍ତି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଅଧିକ ପଢ଼ିବା ଏବଂ ପରିବାର ଚଳାଇବା ଲାଗି ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ ଓ ପରେ ସାର ମଧ୍ୟ ବିକ୍ରି କରି ରୋଜଗାର କଲେ। ଏହି କ୍ରମରେ ୨୦୦୭ରେ ତାଙ୍କ ଜୀବନର ମୋଡ଼ ବଦଳିବାକୁ ଲାଗିଲା। ସେ ତାଙ୍କ ଅଞ୍ଚଳରେ ଚାଷୀମାନେ ଫିଙ୍ଗି ଦେଇଥିବା ଘିକୁଆଁରୀ ପ୍ରାୟ ୪୦୦୦ ଗଛ ଆଣି ଲଗାଇଲେ। ଏବେ ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ବଡ଼ କଥା ହେଉଛି ସେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଚାଷରୁ ଲାଭ କରିବା ପରେ ଝାଟିମାଟି ଘର ଜାଗାରେ ଦୁଇମହଲା ଘରଟିଏ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ସେପ୍ଟେମ୍ବର ୧୯୭୬

- ବିଶିଷ୍ଟ ଉର୍ଦ୍ଦୁ କ୍ଷୁଦ୍ରଗଳ୍ପ ଲେଖକ, ଆକଶବାଣୀର ପୂର୍ବତନ ପ୍ରୋଗ୍ରାମ ଡିରେକ୍ଟର ତଥା ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ପରାମର୍ଶଦାତା ପି.ଏନ୍. ଧରଙ୍କ ୬୧ ବର୍ଷ ବୟସରେ ପରଲୋକ।
- ଚୀନ ଭୂମିକମ୍ପ ବିଧ୍ୱସ୍ତ ଅଞ୍ଚଳକୁ ତାଇୱାନ୍ ପକ୍ଷରୁ ଉଚ୍ଚ ଶକ୍ତିସମ୍ପନ୍ନ ମାନବ ବିହୀନ ବେଲୁନ ସାହାଯ୍ୟରେ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | 8 | | | |
| | | | 7 | | 5 | | | |
| 5 | | 4 | | 6 | | | | |
| 9 | 4 | | | | | | | |
| | | | 6 | | | | 2 | 1 |
| 3 | | | | | | | | 4 |
| | | 8 | | 7 | | | 4 | |
| | | | 5 | 2 | | | 9 | |
| | | 1 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 1 | 2 | 8 | 3 | 6 | 9 |
| 3 | 1 | 6 | 9 | 5 | 4 | 2 | 8 | 7 |
| 9 | 8 | 2 | 7 | 6 | 3 | 1 | 5 | 4 |
| 1 | 5 | 8 | 3 | 4 | 7 | 6 | 9 | 2 |
| 6 | 2 | 9 | 5 | 8 | 1 | 7 | 4 | 3 |
| 7 | 3 | 4 | 6 | 9 | 2 | 8 | 1 | 5 |
| 5 | 4 | 1 | 2 | 7 | 6 | 9 | 3 | 8 |
| 2 | 9 | 3 | 8 | 1 | 5 | 4 | 7 | 6 |
| 8 | 6 | 7 | 4 | 3 | 9 | 5 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଋଣ ଆଦାୟକାରୀ ଅସୁରକ୍ଷିତ

ମହାଶୟ,

ଓଡ଼ିଶାରେ ଗ୍ରାମୀଣ ବ୍ୟାଙ୍କର ଅନେକ ଶାଖାରେ ବିଚିତ୍ର ପରିସ୍ଥିତି ସବୁ ଦେଖାଯାଉଛି। ଭାତହାଣ୍ଡିରୁ ଗୋଟିଏ ପରି ଢେଙ୍କାନାଳ ଜିଲା ପରଜଙ୍ଗ ନିକଟସ୍ଥ ଶାଖା କଥା ବିଚାର କରାଯାଉ। ଏହି ଶାଖାରେ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ମିଶାଇ ମାତ୍ର ପାଞ୍ଚଜଣ କର୍ମଚାରୀ। କିନ୍ତୁ ପାଞ୍ଚଜଣଙ୍କୁ ଅଫିସରେ ନିୟମିତ କେହି ଦେଖିବାକୁ ପାଆନ୍ତି ନାହିଁ। କାରଣ ଜଣେ ଦି'ଜଣ ନିଶ୍ଚିନ୍ତ ଭାବେ ଡେପୁଟେଶନରେ ଯାଇଥିବେ। ସୂଚିତ କରାଯାଇପାରେ କି ରିଜର୍ଭ ବ୍ୟାଙ୍କର ଜରୁରୀ ଅନୁସୂଚୀ ସର୍କୁଲାର ଅନୁଯାୟୀ ବ୍ୟାଙ୍କ ରିକଭରି ଆଦାୟ ନିମିତ୍ତ ବିନା କମିଟି ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିପାରିବେ ନାହିଁ। ଆଶ୍ଚର୍ଯ୍ୟର କଥା ଢେଙ୍କାନାଳର ଅନ୍ୟୂନ ୬୦ରୁ ଊର୍ଦ୍ଧ୍ୱ ଶାଖାରେ ଏହି ନିୟମ କିନ୍ତୁ ପାଳନ ହେଉନାହିଁ। ଋଣ ଆଦାୟ ପାଇଁ ଯାଉଥିବା କର୍ମଚାରୀମାନେ ବିନା ପୋଲିସ ସୁରକ୍ଷାରେ ଯାଉଥିବାରୁ ଗତ ମାସରେ କେବଳ ଢେଙ୍କାନାଳ ଜିଲାର ମହୁଲପାଳ ଶାଖା, ବାଟଗାଁ ଶାଖା, ଜିରିଡାମାଳୀ ଶାଖାରେ ଋଣ ଆଦାୟକାରୀ କର୍ମଚାରୀଙ୍କୁ ଆକ୍ରମଣ କରି ମୁଣ୍ଡ ଜାମିନ ରଖିଥିବାର ଖବର ଚର୍ଚ୍ଚିତ ହୋଇଥିଲା। ଆଶ୍ଚର୍ଯ୍ୟକଥା ହେଉଛି କୋଟି କୋଟି ଟଙ୍କା ଋଣ ପଡ଼ି ରହୁଥିବାବେଳେ ସ୍ୱୟଂ ସହାୟକ ସଂଗଠନକୁ ଡାକିହାକି ଋଣ ପ୍ରଦାନ କରିବାପାଇଁ ପ୍ରଲୋଭିତ କରାଯାଉଛି। ବ୍ୟାଙ୍କ ଲୋକଙ୍କର ହେଉ, ସରକାରୀ ଯୋଜନା ସହ ଲୋକଙ୍କୁ ଯୋଡୁ।

**–ଡ. ଦିଲ୍ଲୀଶାନ୍ ମହାମଲ୍ଲ, ତାଳଚେର, ଢେଙ୍କାନାଳ**

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା'ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର !
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୨୧ରେ ମୋଦି ଯୁବ ମାରାଥନ୍ କରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଙ୍କ ୭୫ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଚାରାରୋପଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ମୋଦି ଯୁବ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି ଯେ, ଭାରତର ୭୫ଟି ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ। ୨୧ ତାରିଖ ସକାଳ ୬ଟା ୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ପରୀକ୍ଷାର୍ଥୀଙ୍କ ସାକ୍ଷାତ୍କାର ମାର୍କ ଜାଣିବାର ଅଧିକାର ରହିଛି: ମୁଖ୍ୟ ସୂଚନା ଆୟୁକ୍ତ

## ମାର୍କ ପ୍ରଦାନ ଲାଗି ଓପିଏସ୍‌ସିକୁ ଓଆଇସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

ପରୀକ୍ଷାର୍ଥୀମାନେ ସେମାନଙ୍କ ସାକ୍ଷାତ୍କାର ମାର୍କ ସମ୍ପର୍କରେ ଜାଣିବାର ଅଧିକାର ରହିଛି ବୋଲି ଏକ ମାମଲାର ବିଚାର ବେଳେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି। ଏହାକୁ ନେଇ ସୋମବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ମୁଖ୍ୟ ଆୟୁକ୍ତ ମନୋଜ ପରିଡ଼ା ପରୀକ୍ଷାର୍ଥୀ ମିନତୀ ରାଣୀ ମହାପାତ୍ରଙ୍କୁ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦୀର୍ଘ ୨୩ବର୍ଷ ପରେ ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ନେଇ ଏବେ ଚହଳ ପଡ଼ିଛି।

ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭଦ୍ରକ ଜିଲାର ମିନତୀ ରାଣୀ ମହାପାତ୍ର ୨୦୦୨ରେ ସହକାରୀ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତ୍କାର ମାର୍କ ଉପରେ ଆଧାରିତ ଥିଲା। ଜୁନ୍ ୨୦୦୨ରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ମିନତୀଙ୍କ ନାମ ନ ଥିଲା। ଓପିଏସ୍‌ସି ଫଳାଫଳରେ ଅସନ୍ତୁଷ୍ଟ ହୋଇ ମିନତୀ ଡିସେମ୍ବର ୨୦୦୨ରେ ଆର୍‌ଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିୟର ମୂଲ୍ୟାୟନ ଏବଂ ସାକ୍ଷାତ୍କାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡ଼ିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିୟରର ମାର୍କ ପ୍ରଦାନ କରିଥିଲା। କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତ୍କାର ମାର୍କ ପ୍ରଦାନ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା।

ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢ଼ିଥିଲେ, ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତ୍କାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ। ଏହି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ଦେଇଥିଲେ, ସାକ୍ଷାତ୍କାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ସାକ୍ଷାତ୍କାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ।

ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ତାଙ୍କ ଐତିହାସିକ ରାୟରେ କହିଛନ୍ତି, ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାର ପରୀପନ୍ଥୀ। ପ୍ରାର୍ଥୀଙ୍କର ସାକ୍ଷାତ୍କାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ, ସେମାନେ କେଉଁ ଆଧାରରେ ସଫଳ ହୋଇପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖିପାରିବ ନାହିଁ। ସୂଚନା ଅଧିକାର ଆଇନ-୨୦୦୫ର ଧାରା ୨୨ରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ କରୁଛି। ତେଣୁ ଓଡ଼ିଶା ଲୋକସେବା ଆୟୋଗ ତାଙ୍କର ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହିତ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ଆୟୁକ୍ତ ପରିଡ଼ା ପରାମର୍ଶ ଦେଇଛନ୍ତି।

# ମତଦାନକୁ ବିଜେଡିର ଭୟ: ଭକ୍ତ

## ୨ରୁ କଂଗ୍ରେସର ପଦଯାତ୍ରା

## ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ସମଦୂରତା ପ୍ରସଙ୍ଗ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ (ଇଣ୍ଡି)ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ଯୋଗ୍ୟତମ ବ୍ୟକ୍ତି। ହେଲେ ବିଜେଡି ଏଥର ଭୋଟ ନ ଦେଇ ସମଦୂରତା ବଜାୟ ରଖିବ ବୋଲି କହିଛି। ଏହା କେବଳ ବିଜେଡିର ଭୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଦେଶର ହିତ ପାଇଁ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦେବା ଉଚିତ୍ ଥିଲା। ହେଲେ ବିଜେଡି କହୁଛି, ରାଜ୍ୟର ହିତ ପାଇଁ ଏଥର ସେ କାହାକୁ ଭୋଟ ଦେବେନାହିଁ, ହେଲେ ଏହା ଏନ୍‌ଡିଏ ପାଇଁ ଲାଭବାନ ହେବ। କିନ୍ତୁ ଓଡ଼ିଶା ପାଇଁ କ'ଣ ଲାଭ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଦ୍ୱାରା ବିଜେଡି ଓଡିଶାବାସୀଙ୍କୁ ଲଜ୍ଜିତ କରିଛି। ଭାଜପା-ବିଜେଡି ଏକ ଅଘୋଷିତ ମେଣ୍ଟ ରାଜନୀତିରେ ଅଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏଥର ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ରାଜ୍ୟର ପ୍ରକୃତ ପ୍ରମୁଖ ବିରୋଧୀ ଦଳ ବୋଲି ବିଜେଡି ପୁଣି ଆସ୍ଥାଭାଜନ ହେବାର ସୁଯୋଗ ଥିଲା। କିନ୍ତୁ ଯାହା ଆଶଙ୍କା କରାଯାଉଥିଲା, ତାହାହିଁ ହେଲା। ପୂର୍ବଭଳି ସିବିଆଇ-ଇଡି ଭୟରେ ଏଥର ମଧ୍ୟ ଭାଜପା ପାଇଁ ପରୋକ୍ଷରେ ବିଜେଡି କାମ କଲା।

ସେ କହିଛନ୍ତି, ଅତୀତରେ ବିଜେଡି ଯେତେସବୁ ପ୍ରସଙ୍ଗରେ ଏନ୍‌ଡିଏକୁ ଭୋଟ ଦେଇଛି, ସେତେବେଳେ ରାଜ୍ୟ ହିତ ଦେଖି ନ ଥିଲା। ଏବେ ବି ସମାନ କଥା ଦୋହରାଉଛି। ଅନ୍ୟ ଦୃଷ୍ଟିରେ ଦେଖିଲେ ବିଜେଡି ତା'ର ଗରିମା ହରାଉଛି। ସମଦୂରତା ଏକ ଦ୍ୱନ୍ଦ୍ୱ, ଭୋଟ ନ ଦେଲେ ବି କିଛି ଭୋଟ୍ ଏନ୍‌ଡିଏକୁ ଯିବ। ବିଜେଡି ସାହସର ସହ ଭୋଟ ଦେଇଥିଲେ ବିଜେଡି ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଭଲ ପାଇଥାନ୍ତେ। ତେବେ ରାଜ୍ୟରେ କଂଗ୍ରେସ ଏବେ ବି ମୁଖ୍ୟ ବିରୋଧୀ ଭାବେ କାର୍ଯ୍ୟ କରୁଛି। ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ରୁ କଂଗ୍ରେସ ପକ୍ଷରୁ ପଦଯାତ୍ରା ହେବ। ଦିନକୁ ୨୦ କିଲୋମିଟର ଚାଲିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସମୟରେ ପ୍ରତି ବ୍ଲକରେ ଗୋଟେ ଦିନ ଚାଲିବୁ। ଗୋଟେ ବିଧାନସଭାରେ ଦୁଇଦିନ କରି ପ୍ରାୟ ୩୦୦ ଦିନର ପଦ ଯାତ୍ରା କରିବୁ। ଆଗାମୀ ବିଧାନସଭାରେ କଂଗ୍ରେସ ଅନାସ୍ଥା ଆଣିବ। ବିଜେଡି ଏହାକୁ ସମର୍ଥନ ଦେଉଛି କି ନାହିଁ ସେତେବେଳେ ରାଜ୍ୟବାସୀ ଜାଣିବେ ବୋଲି ଭକ୍ତ କହିଛନ୍ତି।


ଭକ୍ତ ଚରଣ ଦାସ

# ପୂର୍ବ ବର୍ଷ ତୁଳନାରେ ୨୯% ଚାଷୀ ପଞ୍ଜୀକରଣ ବୃଦ୍ଧି ଘଟିଛି

## ଖରିଫ ଫସଲ କ୍ରୟ ଲାଗି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ଖରିଫ ୨୦୨୫-୨୬ ଋତୁରେ ଫସଲ କ୍ରୟ ନିମନ୍ତେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏବେଠାରୁ ଆନ୍ତଃ ବିଭାଗୀୟ ସମନ୍ୱୟରେ ସ୍ଥାୟୀ ମଡେଲ ମଣ୍ଡି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ନଭେମ୍ବର ଶେଷ ଆଡକୁ ଖରିଫ ଫସଲର ପ୍ରୋକ୍ୟୁରମେଣ୍ଟ କରିବାକୁ ସରକାର ଯୋଜନା କରିଛନ୍ତି। ତଦନୁଯାୟୀ, ରୋଡ଼ମ୍ୟାପ ପ୍ରସ୍ତୁତି ଚାଲିଛି। ସରକାରଙ୍କ ଦ୍ୱାରା ୮୦୦ ଟଙ୍କା ଅତିରିକ୍ତ ଇନ୍‌ପୁଟ ସହାୟତା ଭାବେ ମିଳିବା କାରଣରୁ ବହୁ ଅଣଧାନ ଚାଷୀ ମଧ୍ୟ ଧାନ ଫସଲ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ତୁଳନାରେ ନୂଆ ଚାଷୀଙ୍କ ପଞ୍ଜୀକରଣରେ ୨୯% ବୃଦ୍ଧି ଘଟିଛି। ଏହାବ୍ୟତୀତ ଧାନ କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ସଂଖ୍ୟକ ଗୋଦାମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏସବୁ ଏଫ୍‌ସିଆଇ, ସମବାୟ ବିଭାଗ, ୱେର ହାଉସିଂ କର୍ପୋରେଶନ ଦ୍ୱାରା କରାଯିବ। ସେହିଭଳି ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ପ୍ରୋକ୍ୟୁରମେଣ୍ଟ କରାଯିବା ବାଦ ବଳକା ଚାଉଳର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ଇଥାନଲ ପ୍ଲାଣ୍ଟକୁ ଯୋଗାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଚାଉଳ ବଣ୍ଟନ, ଅନ୍ୟ ଦେଶକୁ ରପ୍ତାନି ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଛି। ଏହାସହ ଅଧିକ ସଂଖ୍ୟକ ରାଇସ୍ ମିଲ ଖୋଲିବା, ପୂର୍ବରୁ ଥିବା ମିଲ୍‌ଗୁଡ଼ିକୁ ଅପଗ୍ରେଡ କରି ହାଇବ୍ରିଡ ମିଲ୍‌ରେ ପରିଣତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି।

# ୧୨ରୁ କମିବ ବର୍ଷା

ଭୁବନେଶ୍ୱର,୮।୯(ବନ୍ଦନା ସେଠୀ)

ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୫ ଜିଲାରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ୨ ଜିଲାରେ ପ୍ରବଳ, ୬ ଜିଲାରେ ସ୍ୱାଭାବିକ, ୪ ଜିଲାରେ ଅଭାବୀ, ୧୧ ଜିଲାରେ ଅତିଅଭାବୀ ଏବଂ ବାକି ୨ ଜିଲାରେ ବର୍ଷା ହୋଇନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରେ ସର୍ବାଧିକ ୧୨.୨୪ ସେ.ମି ଓ ବରଗଡ଼ ଜିଲା ଝରବନ୍ଧ ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୭.୮ ସେ.ମି ବର୍ଷା ହୋଇଛି। ତେବେ ଆଉ ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ୧୩ ତାରିଖଠାରୁ ନୂଆପଡ଼ା ଓ ନବରଙ୍ଗପୁର ଜିଲା ବ୍ୟତୀତ ବାକି ସବୁଠି ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ମନୋରମା କହିଛନ୍ତି। ତାଙ୍କ ସୂଚନାନୁସାରେ, ମଙ୍ଗଳବାର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ କୌଣସି ଜିଲାକୁ ସତର୍କତା ଜାରି ହୋଇ ନ ଥିବାବେଳେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାକୁ ପ୍ରବଳ ବର୍ଷା ଓ ବାକି ରାଜ୍ୟର ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ନେଇ ସତର୍କତା ଜାରି ହୋଇଛି।

# ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ, ୨୦ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ

## ବିହାର ଯୁବକଙ୍କ ସମ୍ପୃକ୍ତି ସନ୍ଦେହ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ବ୍ୟବସାୟୀ ଶ୍ରଦ୍ଧାକର ନାୟକଙ୍କ ୯ ବର୍ଷର ପୁଅଙ୍କୁ ଅପହରଣ କରାଯାଇଛି। ପିଲାଟି ପଟାଭାଡ଼ିର ଏକ ଫାଷ୍ଟଫୁଡ ଦୋକାନକୁ ମଞ୍ଚୁରନ ଖାଇବାକୁ ଯାଇଥିଲେ। ଏହି ସୁଯୋଗରେ ଫାଷ୍ଟଫୁଡ ଦୋକାନରେ କାମ କରୁଥିବା ଜଣେ ବିହାରୀ ଯୁବକ ତାଙ୍କୁ ପ୍ରଲୋଭିତ କରି ଅପହରଣ କରିନେଇଛନ୍ତି। ପିଲା ନ ଫେରିବାରୁ ମା' ବାପା ତାଙ୍କୁ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ରାତି ୯ଟାରେ ଅପହରଣକାରୀ ଏକ ଅଜଣା ଫୋନ ନମ୍ବରରୁ ଶ୍ରଦ୍ଧାକରଙ୍କୁ ଫୋନ କରି ପୁଅ ତାଙ୍କ ନିକଟରେ ଅଛି ଓ ପୁଅକୁ ପାଇବା ପାଇଁ ୨୦ ଲକ୍ଷ ଦାବି କରିଥିଲେ। ଏନେଇ ବିଳମ୍ବିତ ରାତିରେ ଶ୍ରଦ୍ଧାକର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋନପୁର ଆଇଆଇସି ତାପସ କୁମାର ଭୋଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଳକଙ୍କୁ ଉଦ୍ଧାର କରିବା ପାଇଁ ତନାଘନା ଜାରି ରଖିଥିଲେ ମଧ୍ୟ ସଫଳତା ମିଳିନି। ଅପହରଣକାରୀ ଯୁବକ ଓ ଶ୍ରଦ୍ଧାକରଙ୍କ ସମ୍ପର୍କରେ ପୂର୍ବରୁ ପରିଚୟ ଥିବା ଜଣାପଡିଛି।

# ଇତିହାସ ଅଯୋଗ୍ୟ ରାଜାଙ୍କୁ କ୍ଷମା କରେ ନାହିଁ: ଶ୍ରୀମୟୀ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅନ୍ଧ ଧୃତରାଷ୍ଟ୍ର ନିଶାନାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘଦିନର ନୀରବତା ପରେ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରି ଶ୍ରୀମୟୀ ଚର୍ଚ୍ଚାକୁ ଆସିଛନ୍ତି। ସେ ପରୋକ୍ଷରେ ନିଜର ଅସନ୍ତୋଷ ଝାଡ଼ିଥିବା କୁହାଯାଇଛି। ଶ୍ରୀମୟୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଧୃତରାଷ୍ଟ୍ର ହସ୍ତିନାପୁରର ରାଜା ଭାବେ ଦ୍ରୌପଦୀଙ୍କ ଅପମାନ ହେଉଥିବା ସଭାରେ ଅଧ୍ୟକ୍ଷତା କରୁଥିଲେ। ଅନ୍ୟାୟ ବିଷୟରେ ଜାଣି ମଧ୍ୟ ସେ ଏହି ଅପମାନ ରୋକିବାକୁ ଚେଷ୍ଟା କରି ନ ଥିଲେ। ଧୃତରାଷ୍ଟ୍ରଙ୍କର ତାଙ୍କ ପୁତ୍ରମାନଙ୍କ ବିଶେଷତଃ ଦୁର୍ଯ୍ୟୋଧନ ପ୍ରତି ଅନ୍ଧ ପ୍ରୀତି ତାଙ୍କୁ ନୀରବ ରହିବାକୁ ପ୍ରଭାବିତ କରିଥିଲା। କିଛି ଲୋକ ଧୃତରାଷ୍ଟ୍ର ପରି ଅନ୍ଧ ଯେଉଁମାନେ ଅନ୍ୟାୟ ରୋକିବାକୁ ପ୍ରକୃତ ପ୍ରୟାସ କରନ୍ତି ନାହିଁ। ଇତିହାସ ଏପରି ଅଯୋଗ୍ୟ ରାଜାଙ୍କୁ କେବେ କ୍ଷମା କରେ ନାହିଁ, କାରଣ ସେମାନଙ୍କର ନୀରବତା ଦୁଃଖଦ ପରିଣାମ ଆଣିଥାଏ। ଶ୍ରୀମୟୀଙ୍କ ଏହି ପୋଷ୍ଟ ନବୀନଙ୍କୁ ନିଶାନା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ନିକଟରେ ବିଜେଡି ପକ୍ଷରୁ ମହିଳା ସଭାପତି ଚୟନ ସହିତ ଏକ ମହିଳା ବ୍ୟାପାର କମିଟି ଗଠନ ହୋଇଛି। ସେଥିରେ ଶ୍ରୀମୟୀଙ୍କୁ ସାଧାରଣ ସମ୍ପାଦକ ଭାବେ ନୂଆ ନିଯୁକ୍ତି ମିଳିଛି। ଅନ୍ୟପଟେ ଶ୍ରୀମୟୀଙ୍କ ଧୃତରାଷ୍ଟ୍ର ନିଶାନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଶ୍ରୀମୟୀ ମିଶ୍ର ଆମ ସହିତ ଅଛନ୍ତି। ନବୀନ ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ସୋସିଆଲ ମିଡିଆରେ ଆମେ ଆମ ଭାବନାକୁ ବ୍ୟକ୍ତ କରୁ। ଏଥିରେ ଦଳ ସହିତ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

# ପ୍ରକୃତି, ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ: ତ୍ରିଲୋଚନ

ଆନନ୍ଦପୁର,୮।୯(ସୁଶାନ୍ତ ସାହୁ)

ଜଳବାୟୁ ପରିବର୍ତ୍ତନ ଏବେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସେହି ଦିଗରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଥିବା ପରିବେଶବିତ୍ ତ୍ରିଲୋଚନ ସାହୁ କହିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଫକୀରପୁର ସିଟି ସ୍କୁଲ ପରିସରରେ ତାଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍ ଅବସରରେ ପ୍ରକୃତି ଓ ସଂସ୍କୃତି ସୁରକ୍ଷା ଦିଗରେ ସେ ସମର୍ପିତ ବୋଲି କହିଛନ୍ତି। ତାଙ୍କ ଭାଷାରେ ବିଭିନ୍ନ ସମୟରେ ଆମେ ପରିବେଶ ପାଇଁ ଯେତିକି ଚିନ୍ତିତ, ପ୍ରକୃତରେ ଆମେ ସେତିକି ଚିନ୍ତା କରି ନ ଥାଉ। ତେଣୁ ଛାତ୍ରୀଛାତ୍ର, ଯୁବପିଢ଼ି ସମେତ ଅନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କ ମନରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ବନ୍ଧରେ ଏକ ଜାଗରଣ ସୃଷ୍ଟି କରିବା ଲାଗି ଏଭଳି କନ୍‌କ୍ଲେଭ୍ ଆରମ୍ଭ କରିଥିବା ସେ କହିଛନ୍ତି। ତ୍ରିଲୋଚନ ଆହୁରି କହିଛନ୍ତି, ରାଜ୍ୟର ପ୍ରତି ଗ୍ରାମାଞ୍ଚଳରେ କିଭଳି ପରିବେଶ ସୁରକ୍ଷା ପାଇଁ ଏକ ପ୍ରଗତିଶୀଳ ପାଠ ସୃଷ୍ଟି ହେବ, ସେ ଦିଗରେ ଉଦ୍ୟମ କରିବେ। ପ୍ରତିବନ୍ଧକ ଆଉ ସମାଲୋଚନା ସବୁ ସମୟରେ ରହିଛି ଓ ରହିବ। ସେ ସବୁକୁ ପଛରେ ପକାଇ ଏ ସମାଜ, ଏ ମାଟି ଓ ପରିବେଶ ପାଇଁ କିଛି ନା କିଛି କରିବାକୁ ହେବ ବୋଲି କହିଛନ୍ତି। ତାଙ୍କୁ ସର୍ବଦା ପରିବାର ସହ ସାଙ୍ଗସାଥୀ, ଶୁଭେଚ୍ଛୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସହଯୋଗ ମିଳିଆସିଛି ବୋଲି କହିଛନ୍ତି।

ଅଭିନବ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ସେ କହିଛନ୍ତି, 'ମୁଁ ଗଛ କହୁଛି' ଅଭିଯାନ ମାଧ୍ୟମରେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଓ ତାହାର ଯତ୍ନ ନେବା ହେଉ, 'ଗାଁ ପାଇଁ ଦିନେ' କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଗାଁକୁ ସବୁଜ ସୁନ୍ଦର କରିବା ଏବଂ ଗାଁ ପାଇଁ ଅତି କମ୍‌ରେ ଦିନେ ସମୟ ଦେବା କିମ୍ବା 'ବୈତରଣୀ ସଫେଇ ଅଭିଯାନ' ପ୍ରତ୍ୟେକଟି ତାଙ୍କୁ ଅଧିକ ପରିଚୟ ଦେଇଛି। 'ଧରିତ୍ରୀ କ୍ଲାଇମେଟ ଆୱାର୍ଡ଼ ୨୦୨୪' ତାଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ଦେଇପାରିଛି ବୋଲି ତ୍ରିଲୋଚନ କହିଛନ୍ତି।


ପରିବେଶବିତ୍ ତ୍ରିଲୋଚନ ସାହୁ

# ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିର ଚିତ୍ର

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ଦିବସ

ଭୁବନେଶ୍ୱର,୮।୯(ସୌମ୍ୟରଞ୍ଜନ ରାଉତ)

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅନୁଜା ତାରିଣୀ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସନ୍ଧ୍ୟାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳ ନ୍ୟୁକ୍ୱେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରିଥିଲେ। ମାନବ ଭାବନା ଓ ମନସ୍ତାତ୍ତ୍ୱିକ ଜଟିଳତାର ଗଭୀରତାକୁ ଅନୁସନ୍ଧାନ କରି ଏହି ସ୍ୱତନ୍ତ୍ର ନାଟ୍ୟ ଅଭିଜ୍ଞତାକୁ ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବ୍ୟଙ୍ଗାତ୍ମକ ନାଟକ, ଯାହା ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା। ଦର୍ଶକମାନେ ମଞ୍ଚ ଉପରେ ଏକ ଆକର୍ଷଣୀୟ କାହାଣୀ ପ୍ରକାଶିତ ହେବାର ଦେଖିଥିଲେ ଯେଉଁଥିରେ, ଏକ ରାଜ୍ୟର ବ୍ୟକ୍ତିବିଶେଷ, ମାଳୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ନିଜ ପରାକ୍ରମ ପ୍ରଦର୍ଶନ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ। ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତ୍ତି ସତ୍ତ୍ୱେ ରାଜାଙ୍କ ଆଦେଶନାମା 'ବ୍ୟାଘ୍ର ରୋହଣ'ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା। କଳାକାରଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ କ୍ଷମତାଗତ ଗତିଶୀଳତା ଏବଂ ନୈତିକ ଦୁର୍ନୀତି ଉପରେ ଶକ୍ତିଶାଳୀ ତଥା ମର୍ମସ୍ପର୍ଶୀ ମନ୍ତବ୍ୟ ଦର୍ଶକଙ୍କ ଉପରେ ଏକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଦେବୀପ୍ରସାଦ ମିଶ୍ର ଉତ୍ସବକୁ କାର୍ଯ୍ୟକାରୀ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଥିବାବେଳେ ମଙ୍ଗଳବାର ଏହା ଶେଷ ହେବ।


ନ୍ୟୁକ୍ୱେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରୁଛନ୍ତି।

# ସାର ଅଭାବ, କଳାବଜାର ନେଇ ଚିନ୍ତାରେ ଚାଷୀ

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ବର୍ତ୍ତମାନ ଖରିଫ୍ ଋତୁରେ ଧାନ ଓ ଅନ୍ୟାନ୍ୟ ଚାଷ ଚାଲିଛି । ଏଥିପାଇଁ ଚାଷୀଙ୍କୁ ଆବଶ୍ୟକ ପଡ଼ୁଛି ୟୁରିଆ, ଏମ୍‌ଓପି ଓ ଡିଏପି ଭଳି ବିଭିନ୍ନ ପ୍ରକାର ସାର । ହେଲେ ଦଲାଲ ସାର କଳାବଜାର କରୁଥିବା ନେଇ ଜିଲାରେ ହଇଚଇ ହେବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତଥାପି ୟୁରିଆ ବସ୍ତା ପିଛା ଏମ୍‌ଆରପି ୨୬୬ ଟଙ୍କା ରହୁଥିବା ବେଳେ ସାର ବ୍ୟବସାୟୀ ଏବେ ମଧ୍ୟ ଚାଷୀଙ୍କୁ ୨୯୦ରୁ ୩୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଏଥିସହିତ ନାନୋ ୟୁରିଆ ବୋତଲ ଓ ମକା ବିହନ ନେବାକୁ ବାଧ୍ୟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ସୁବିଧାକୁ ପ୍ରାଧାନ୍ୟ ଦେଉଥିବା ବେଳେ ଜିଲାରେ ବିଭାଗୀୟ ଅଧିକାରୀଙ୍କ ସାର ବ୍ୟବସାୟୀଙ୍କ ପ୍ରତି ଅହେତୁକ ଅନୁକମ୍ପା କଳାବଜାରର ମୁଖ୍ୟ କାରଣ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ରାୟଗଡ଼ା ଜିଲାରେ ମୋଟ ୩୨୨୫୦ ମେଟ୍ରିକ ଟନ୍ ସାର ଆବଶ୍ୟକ ରହିଥିବା ୨୫୩୭୫.୧୮ ମେଟ୍ରିକ ଟନ୍ ସାର କୃଷି ବିଭାଗ ପକ୍ଷରୁ ଜିଲାରେ ଉପଲବ୍ଧ କରାଯାଇଛି । ଏଥିସହିତ ପୂର୍ବ ବର୍ଷର ୩୦୦୦ ମେଟ୍ରିକ ଟନ୍ ସାର ଜିଲାରେ ଗଚ୍ଛିତ ରହିଥିଲା ବୋଲି କୃଷି ବିଭାଗ ସୂଚନା ଦେଇଛି। ମୋଟ ୩୨୨୫୦ ମେଟ୍ରିକ ଟନ୍ ସାର ମଧ୍ୟରୁ ଆଉ ପ୍ରାୟ ୩୬୦୦ ମେଟ୍ରିକ ଟନ୍ ସାରର ଆବଶ୍ୟକ ରହିଥିବା କୃଷି ବିଭାଗ ତଥ୍ୟ କହୁଛି । ଏହି ସାର ମଧ୍ୟରେ ଆବଶ୍ୟକ ରହିଥିବା ୧୪୦୫୦ ମେଟ୍ରିକ ଟନ୍ ୟୁରିଆ ମଧ୍ୟରୁ ପୂର୍ବ ବର୍ଷର ଗଚ୍ଛିତ ୨୦୦୦ ମେଟ୍ରିକ ଟନ୍ ଓ ଚଳିତ ବର୍ଷ ୧୦୫୪୮ ମେଟ୍ରିକ ଟନ୍ କୃଷି ବିଭାଗ ଯୋଗାଇଥିବା ଜଣାପଡ଼ିଛି।



ବିଷମ କଟକ ବ୍ଲକର ଏକ ସାର ଗୋଦାମରେ ଯାଞ୍ଚ କରାଯାଉଛି ।

କୃଷି ବିଭାଗ ସୂଚନା ଅନୁସାରେ ମାର୍କଫେଡ ମାଧ୍ୟମରେ ଜିଲାର ସମସ୍ତ ଲ୍ୟାମ୍ପସକୁ ଆବଶ୍ୟକ ସାର ଯୋଗାଇ ଦିଆଯାଇଛି । ତେବେ ରାୟଗଡ଼ା ସମବାୟ ସମିତି କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ମୋଟ ୧୩ଟି ଲ୍ୟାମ୍ପସ ଅଧୀନରେ ଆବଶ୍ୟକ ଥିବା ୩୫୬୪.୬୫୫ ଏମ୍‌ଟି ୟୁରିଆ ମଧ୍ୟରୁ ୩୪୯୬.୩୭୦, ଏମ୍‌ଓପି ୪୬୭.୮୦୦ ମଧ୍ୟରୁ ୩୧୯ ଏମ୍‌ଟି, ଡିଏପି ୧୨୦୫.୩୫ ମଧ୍ୟରୁ ୧୨୦୦.୭ ଏମ୍‌ଟି ଏବଂ ଏନ୍‌ପିକେଏସ ୨୦:୨୦:୦:୧୩ ସାରର ୧୬୬୫.୫ ଏମଟି ମଧ୍ୟରୁ ୧୧୪୩.୩୫୦ ଏମ୍‌ଟି କୃଷି ବିଭାଗ ପକ୍ଷରୁ ମିଳିଛି । ତେବେ ବର୍ତ୍ତମାନ ଧାନ ଚାଷ ପାଇଁ ସାରର ଆବଶ୍ୟକତା ରହୁଥିବା ବେଳେ ବଳକା ସାର ମିଳିବା ଅପେକ୍ଷାରେ ରହିଛି ସମବାୟ ସମିତି । ଅନ୍ୟପଟେ ରାୟଗଡ଼ା ଜିଲାରେ ପ୍ରାୟ ୧୨୨ଜଣ ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀଙ୍କ ମଧ୍ୟରୁ ୧୧୦ଜଣ ସାର ବ୍ୟବସାୟୀ ସାର ବିକ୍ରି କରୁଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ହେଲେ ସାର ବ୍ୟବସାୟୀମାନେ ଚଳିତ ବର୍ଷ ଆରମ୍ଭରୁ ୟୁରିଆ ସମେତ ଡିଏପି, ନାନୋ ୟୁରିଆ, ଏମଓପି ଆଦି ଚଢ଼ା ଦରରେ ବିକ୍ରି କରୁଥିଲେ । ଏନେଇ ଅଭିଯୋଗ ହେବା ସହିତ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସାର ବ୍ୟବସାୟୀ ଦର କୋହଳ କରିଛନ୍ତି । ଜିଲାରେ ସାର ଅଭାବ ଓ କଳାବଜାର ସମ୍ପର୍କରେ କୃଷି ବିଭାଗ ଆତ୍ମା ଯୋଜନା ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାହୁଲ ନାୟକଙ୍କୁ ପଚାରିବାରୁ ଜିଲାରେ ସାରର ସେତେଟା ଅଭାବ ନାହିଁ ଏବଂ କଳାବଜାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହାବ୍ୟତୀତ ଚାଷୀ ଏକର ପିଛା ଗୋଟିଏ ବସ୍ତା ୟୁରିଆ ବଦଳରେ ମାତ୍ରାଧିକ ୟୁରିଆ ବ୍ୟବହାର କରି ଆର୍ଥିକ କ୍ଷତି ସହୁଛନ୍ତି । ଯଦି ଏଭଳି ଅଧିକା ପରିମାଣରେ ୟୁରିଆ ବ୍ୟବହାର କରନ୍ତି ତେବେ ଆଗାମୀ ଦିନରେ ଜମିର ଉର୍ବରତା କମିଯିବ ବୋଲି ରାହୁଲ କହିଛନ୍ତି । ତେଣୁ ଚାଷୀ ସଚେତନ ହେବା ସହିତ ସାର ଯଦି ଜୁନ୍, ଜୁଲାଇ ମାସରୁ ନିଜ ପାଖରେ ରଖିବେ ଆବଶ୍ୟକ ସମୟରେ ଲ୍ୟାମ୍ପସ ଓ ସାର ଦୋକାନରେ ଧାଡ଼ି ବାନ୍ଧି ଛିଡ଼ା ହୋଇ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି ସେ କହିଛନ୍ତି ।

### ବିଭାଗୀୟ ଅନୁକମ୍ପା ଯୋଗୁ କଳାବଜାର ହେଉଛି

# ତିରୁପତିରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଟିକିରି,୮।୯
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜଲା କାଶୀପୁର ବ୍ଲକ୍‌ର ପିଛା ଛାଡୁନି ଦାଦନ ଦୁଃଖ। ବ୍ଲକ୍‌ର ବାଙ୍କାମ୍ବ ପଞ୍ଚାୟତ ମାଙ୍କଡଖୋଲା ଗ୍ରାମର ଜଣେ ଯୁବକ ଆନ୍ଧ୍ରପ୍ରଦେଶର ତିରୁପତିରେ ଏକ କମ୍ପାନୀରେ କାମ କରୁଥିବାବେଳେ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଲେ ମାଙ୍କଡଖୋଲା ଗ୍ରାମର ଦଳପ୍ରତି ମାଝିଙ୍କ ପୁଅ ଉମାଶଙ୍କର ମାଝି। ଉମାଶଙ୍କର ତିରୁପତିରେ ଏକ ପାଇପ ଲାଇନ୍ କମ୍ପାନୀରେ କାମ କରୁଥିବାବେଳେ ଗତ ୬ ତାରିଖରେ ତାଙ୍କ ଦେହ ଖରାପ ହେବାରୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ରବିବାର ମୃତ୍ୟୁ ଘଟିଛି। ପରିବାରର ଲୋକେ ଏ ସମ୍ପର୍କରେ ଖବର ପାଇ ତିରୁପତି ଯାଇଥିବା ସୂଚନା ମିଳିଛି । ତେବେ କାଶୀପୁର ବ୍ଲକ୍‌ରେ ଗୋଟିଏ କମ୍ପାନୀ ଥିବାବେଳେ ଆଉ ଏକ କମ୍ପାନୀ ଗଢ଼ି ଉଠୁଛି। କିନ୍ତୁ କାଶୀପୁର ବ୍ଲକର ଶିକ୍ଷିତ ଯୁବକ ଯୁବତୀ ଉକ୍ତ କମ୍ପାନୀରେ କାମ ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି । ବାହାର ରାଜ୍ୟରେ ସେମାନେ କେତେବେଳେ ନିର୍ଯାତନାର ଶିକାର ହେଉଛନ୍ତି ଆଉ କେତେବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଶବ ହୋଇ ନିଜ ଗାଁକୁ ଫେରୁଥିବା ଦେଖିବାକୁ ମିଳୁଛି। ତେଣୁ ସ୍ଥାନୀୟ କମ୍ପାନୀରେ ଅଗ୍ରାଧୀକାର ଭିତ୍ତିରେ ବ୍ଲକ୍‌ର ଶିକ୍ଷିତ ଯୁବତୀ ଯୁବକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଉମାଶଙ୍କର ମାଝି।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଚାରା ବିତରଣ ଗାଡ଼ି ଶୁଭାରମ୍ଭ କରାଯାଉଛି।

ଟିକିରି, ୮।୯ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ କାଶୀପୁର ବନ ବିଭାଗ କାର୍ଯ୍ୟାଳୟ ଆନୁକୂଲ୍ୟରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗ ତରଫରୁ ପ୍ରାୟ ୫୦୦ ବୃକ୍ଷ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଛି। ‘ବୃକ୍ଷ ହିଁ ଜୀବନ’, ତେଣୁ ସମସ୍ତେ ଗଛ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରିବାକୁ ବନ ବିଭାଗ ପକ୍ଷରୁ ଏକ ଭ୍ରମ୍ୟମାଣ ଚାରା ବିତରଣ ଗାଡ଼ିର ଶୁଭାରମ୍ଭ କରାଯାଇଥିଲା। ଏହି ଗାଡ଼ି କାଶୀପୁର ସହରାଞ୍ଚଳରେ ବୁଲି ଗଛ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରିବା ସହ ଚାରା ବଣ୍ଟନ କରିବ। ଏହି ପରିପେକ୍ଷୀରେ ଢୋଲ, ମୃଦଙ୍ଗ ବାଦ୍ୟର ତାଳେ ତାଳେ ଏକ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟ ଗାଡ଼ି ସହିତ ବୁଲିଥିଲା। କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଟେଶ୍ୱର ମାଝିଙ୍କ ଉପସ୍ଥିତିରେ ବ୍ଲକ୍ ଅଧିକାରୀ ବିଜୟ କୁମାର ସଏ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାଶୀପୁର ବନ ବିଭାଗ ଅଧିକାରୀ ଅନ୍ତର୍ଯାମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଶୀପୁର ବନାଞ୍ଚଳର ସମସ୍ତ ବନରକ୍ଷୀ, ବନପାଳ, ପାରା ସ୍କ୍ୱାଡ୍ ଓ ଅନ୍ୟ କର୍ମଚାରୀଙ୍କ ସମେତ ବ୍ଲକ୍ ଭାଜପା କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ରାୟଗଡ଼ା ମହିଳା ମହାବିଦ୍ୟାଳୟରେ ପାଠଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ କର୍ମକର୍ତ୍ତା।

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ‘ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଆଧୁନିକ ଶିକ୍ଷା ଦୃଷ୍ଟିକୋଣ’ ବିଷୟବସ୍ତୁ ଉପରେ ସୋମବାର ଏକ ପାଠଚକ୍ର ଆୟୋଜନ କରି ଗୁରୁ ଦିବସ ପାଳନ କରାଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶାନ୍ତିଲତା ମିଶ୍ର ସ୍ୱାଗତ ଭାଷଣ ଦେବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ଅଧକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକଙ୍କ ତାଙ୍କ ଅଭିଭାଷଣରେ ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ଶିକ୍ଷା ଏବଂ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନର ଅଧାପକ ଗୌମ୍ୟ ରଞ୍ଜନ ସାହୁଙ୍କ ବିଶ୍ଳେଷଣ ଏବଂ ସାରାଂଶ ଦ୍ୱାରା ଅଧିବେଶନଟି ଆହୁରି ସମୃଦ୍ଧ ହୋଇଥିଲା। ପରେ ଦୁଇଜଣ ପେପର ଉପସ୍ଥାପକ ଇନ୍ଦୁ ରାଣୀ ମିଶାଲ ଏବଂ ଶ୍ରଦ୍ଧାଞ୍ଜଳି ମେଲାକା ସେମିନାର ବିଷୟବସ୍ତୁ ସହିତ ଜଡିତ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ।

# ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ରାୟଗଡ଼ା/ମୁକୁନ୍ଦପୁର,୮।୯
(ଆଶିଷ ରଞ୍ଜନ ପଣ୍ଡା/ପୃଥ୍ୱୀରାଜ ମହାନ୍ତି)

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ କୋଲନରା ବ୍ଲକ୍ ସଭାଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଅମୂଲ୍ୟ କୁମାର ଧର, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲାପାଳ ରମେଶ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୬୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୪୨ଟି ବ୍ୟକ୍ତିଗତ, ୨୧ଟି ସାମୂହିକ ଓ ୩ଟି ମେଡିକାଲ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା । ରେଡ଼କ୍ରସ ପାଣ୍ଠିରୁ ୩ ଜଣଙ୍କୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲାପାଳ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡ଼ିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶିବିରରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନ, ଲିଡ଼୍ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ ଶିବିର ପରିଚାଳନା କରିଥିଲେ ।

### କୋଲନରାରେ ଯୁଗ୍ମ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ।

# ଚୋରି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ

ରାୟଗଡ଼ା,୮।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଏସ୍‌ଡିଜେଏମ କୋର୍ଟ ସୋମବାର ଏକ ଚୋରି ମାମଲାର ଶୁଣାଣି କରି ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ୮ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣକୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟରେ ଆଉ ୬ ମାସ ଅଧିକ ଜେଲଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏସ୍‌ଡିଜେଏମ ବର୍ଷା ଦାସ।

୨୦୨୪ ସେପ୍ଟେମ୍ବର ୯ ତାରିଖରେ ରାୟଗଡା ହାଉସିଂ ବୋର୍ଡ ନିକଟସ୍ଥ ମାରୁତି ଟ୍ରେଡର୍ସ ଦୋକାନର ଶଟର କାଟି ଦୁର୍ବୃତ୍ତମାନେ ୨୦ ହଜାର ଟଙ୍କା ଓ ଗୋଟିଏ ରୁପା ମୁଦ୍ରା ଚୋରି କରି ନେଇଥିଲେ। ଏ ନେଇ ଦୋକାନ ମାଲିକ ଏନ୍.ମୋହନ ରାଓ ରାୟଗଡ଼ା ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ବି.ହେମନ୍ତ କୁମାର, ଭି.ଭେଙ୍କେଟେସ୍ ଓ ଶେଖ ବାସାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଶେଖ ବାଶାଙ୍କୁ ୩ ପି ଓ ଆକ୍ଟ ଅନୁଯାୟୀ ଛାଡିଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସରକାରୀ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରିଥିଲେ।

# ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ, ଶୁଭଖୁଣ୍ଟି ସ୍ଥାପନ

ଅମ୍ବାଦଳା,୮।୯ (ରବୀନ୍ଦ୍ର ପଣ୍ଡା)

୩୦ ବର୍ଷ ଧରି ଅମ୍ବଦଳାଠାରେ ଚାଲୁରହିଥିବା ଦୁର୍ଗା ପୂଜା ପାଇଁ ସୋମବାର ମାଟି ଅନୁକୂଳ ସହ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏହି ଅବସରରେ ମା’ଙ୍କ ମୃଣ୍ମୟ ମୂର୍ତ୍ତି ତିଆରି ପାଇଁ ଶୁଭ ମାଟି ଅନୁକୂଳ କରାଯାଇଛି । ପୁରୋହିତ ବିପିନ ବିହାରୀ କର ଓ ଅକ୍ଷୟ କୁମାର ରଥ ପୂଜାର୍ଚ୍ଚନା କରି ମାଟି ଅନୁକୂଳ ସହ ଶୁଭଖୁଣ୍ଟି ସ୍ଥାପନ କରିଥିଲେ। ଅମ୍ବାଦଳାରେ ଦୀର୍ଘ ୧୦ ଦିନ ଧରି ଦଶହରା ପୂଜା ପାଳନ କରାଯିବ। ଶୁଭଖୁଣ୍ଟି ସ୍ଥାପନ ଅବସରରେ କର୍ତ୍ତା ଭାବେ ଭି.ସୁରେଶ ଦାୟିତ୍ୱ ସମ୍ପନ୍ନ କରିଥିଲେ। ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପାତ୍ର, ସମ୍ପାଦକ ବିଦ୍ୟାଧର ସାହୁଙ୍କ ସମେତ ସ୍ଥାନୀୟ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହି, ଜଗନ୍ନାଥ ପ୍ରସାଦ, ଦେବୀ ପ୍ରସାଦ ମୁଖାର୍ଜୀ, ସନ୍ତୋଷ ଆଚାରୀ , ବିନୋଦ ସାହୁ, ରବି ଦଳେଇ, ସୁବାସ ସେନାପତି, ଶ୍ରୀଧର ସାହୁ, ଜି. ମୁରଲୀ ମୋହନ, ଦଇତାରୀ ନାୟକ, ବାବୁଜୀ ବାଗ, କେ.ପରମେଶ୍ୱର ରାଓ, ମୁକୁନ୍ଦ ତ୍ରିପାଠୀ, ନାଗେଶର ରାଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ୟାରିୟର ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ପରାମର୍ଶ

ରାୟଗଡ଼ା, ୮।୯(ଆଶିଷ ରଞ୍ଜନ ପଣ୍ଡା)

ମଝିଘରିଆଣି ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍ସ) ଶିଳ୍ପ ତାଲିମ କେନ୍ଦ୍ରର କ୍ୟାମ୍ପସରେ ଆଇଟିସି ପ୍ରଥମ ବର୍ଷର ଛାତ୍ରଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ– ଦୀକ୍ଷାରମ୍ଭ–୨୦୨୫ ସୋମବାର ଆୟୋଜିତ ହୋଇଯାଇଛି। ସିଟିଟିସି ଭୁବନେଶ୍ୱର ସମ୍ପ୍ରସାରଣ କେନ୍ଦ୍ର ରାୟଗଡାର ପ୍ରଭାରୀ ସନ୍ତୋଷ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଞ୍ଚରେ ମିଟ୍ସର ନିର୍ଦ୍ଦେଶକ ଡ. ସି.ଭି. ଗୋପୀନାଥ ସ୍ୱାଗତ ଭାଷଣରେ ନୂତନ ଭାବରେ ପ୍ରବେଶ କରିଥିବା ପ୍ରଶିକ୍ଷାର୍ଥୀଙ୍କୁ ଯୋଗାଯୋଗ ଦକ୍ଷତା, ଦକ୍ଷତା ପ୍ରମାଣପତ୍ର ଏବଂ କ୍ୟାରିୟର ପ୍ରସ୍ତୁତି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ରାୟଗଡା ଜିଲା ଏବଂ ଏହାର ଆଖପାଖରେ ପ୍ରସିଦ୍ଧ ସରକାରୀ, ସରକାରୀ କ୍ଷେତ୍ର ଏବଂ ନାଲକୋ, ହାଲ, ବେଦାନ୍ତ, ଆଦିତ୍ୟ ବିର୍ଲା ଗ୍ରୁପ, ଇମ୍ଫା, ଏବଂ ଜେକେ ପେପେର ଲିଃ. ସମେତ ପ୍ରତିଷ୍ଠିତ ଘରୋଇ କମ୍ପାନୀଗୁଡ଼ିକରେ ସୁଯୋଗ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସନ୍ତୋଷ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବା ସହ ଶୃଙ୍ଖଳିତ ରହିବାକୁ ପ୍ରେରଣା ଦେଇଥିଲେ। ଏଥିରେ ମିଟ୍ସ ଆଇଟିସିର ପ୍ରିନ୍ସିପାଲ ପ୍ରମୋଦ କୁମାର ସାହୁ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ମିଟ୍ସ ଆଇଟିସିର ଅଧାପକ ଶିବ ପ୍ରସାଦ ମହାଉତି ଧନ୍ୟବାଦ ଜଣାଇଥିଲେ।

### ମିଟ୍ସରେ ଦୀକ୍ଷାରମ୍ଭ-୨୦୨୫ ଓରିଏଣ୍ଟେସନ କାର୍ଯ୍ୟକ୍ରମ



ଅତିଥି, କଲେଜ କର୍ତ୍ତୃପକ୍ଷଙ୍କ ସହ ଆଇଟିସି ପ୍ରଥମ ବର୍ଷର ଛାତ୍ର।

# ଜିଲାରେ ସାକ୍ଷରତା ହାର ବୃଦ୍ଧି କରିବାକୁ ଆହ୍ୱାନ

ରାୟଗଡ଼ା/ ରାମନାଗୁଡ଼ା,୮।୯
(ଆଶିଷ ରଞ୍ଜନ ପଣ୍ଡା/ ସଞ୍ଜୟ ପ୍ରଧାନ)

ରାୟଗଡା ଜିଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ସୋମବାର ରାୟଗଡ଼ାସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି ଏବଂ ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ଦୀପକ କୁମାର ବେହେରା ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛବିଲାଲ ସିଂ, ବିଷମକଟକ ଜଲା ପ୍ରଶିକ୍ଷଣ ଓ ତାଲିମ କେନ୍ଦ୍ର ଅଧକ୍ଷ ଜଗନ୍ନାଥ ମେହେର ଏବଂ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଭୋଇ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମାଝି ବିଶ୍ୱ ସାକ୍ଷରତା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ସାକ୍ଷରତା ହାରକୁ ବୃଦ୍ଧି କରିବା ପାଇଁ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସିଆରସିସି ସଦାନନ୍ଦ ନାୟକ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ରାୟଗଡ଼ା ସଦର ବ୍ଲକ୍‌ସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ କୋତାପେଟା କ୍ଲଷ୍ଟର ଅନ୍ତର୍ଗତ ବୀରନାରାୟଣପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ହୁଇକା, ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସାକ୍ଷର ଭାରତ ଗଠନରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଧର ସେଠୀ, ବଳଭଦ୍ର ହିମିରିକା, ଗଣେଶ୍ୱର ରାଓ, ଅରକ୍ଷିତ ପାଟିକା, ରମେଶ ଦାସ, ରମେଶ ସାହୁ, ଲାଡି ରମେଶ, ରୋହିତ ଭୋଇ, ଜି ଗୋପାଳ କ୍ରିଷ୍ଣା, ସୌମ୍ୟା ପ୍ରିୟଦର୍ଶନୀ ବିରୋ, ମଧୁସ୍ମିତା ଖୁଣ୍ଟିଆ, ଆରତୀ ବିଡ଼ିକା, କୋତାପେଟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଗ୍ରାମ ବେହେରା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଙ୍ଗଲି ତାଡିଙ୍ଗି, ସହକାରୀ ଶିକ୍ଷକ ମନୋରଞ୍ଜନ ମିଶ୍ର ଓ ବିଦ୍ୟାଳୟ ସଭାପତି, ଗ୍ରାମବାସୀ ଓ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରି ସ୍ଲୋଗାନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ।

ସେହିପରି ରାମନାଗୁଡ଼ା ବ୍ଲକ ପେଣକାମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଗୋଷ୍ଠୀସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟରୁ ଜଣେ ଲେଖାଏଁ ମୋଟ ୧୧୦ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସେମାନେ ଅଧାରୁ ପାଠ ଛାଡିଥିବା ପିଲା ଓ ବୟସ୍କ ନିରକ୍ଷରଙ୍କୁ ଚିହ୍ନଟ କରି ସେମାନଙ୍କୁ ଶିକ୍ଷା ଦେଇ ସାକ୍ଷର କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରୁ ନବମ ଶ୍ରେଣୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମେ ଏକ ସାକ୍ଷରତା ସଚେତନ ରାଲି ସହର ପରିକ୍ରମା କରିଥିଲେ। ପରେ ଆୟୋଜିତ ଏକ କର୍ମଶାଳାରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲ୍ଲିକ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦାମୋଦର ହିମିରିକା ଓ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ନୋଡାଲ ଅଫିସର ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ବ୍ଲକ ସମ୍ବଳ ବ୍ୟକ୍ତି ରମେଶ ମିଶ୍ର ଓ ଅଶ୍ୱିନୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ସାକ୍ଷରତା ଦିବସ କ’ଣ, କାହାକୁ ସାକ୍ଷର କୁହାଯିବ ଏବଂ ଆଗାମୀ ସମୟରେ ଏହି କାର୍ଯ୍ୟକ୍ରମର ପରିଚାଳନା କିପରି କରାଯିବ ସେ ସମ୍ପର୍କରେ ବିଇଓ ମଲ୍ଲିକ ବୁଝାଇଥିଲେ। ଏବିଇଓ ହିମିରିକା ସାକ୍ଷର ଭାରତ ଗଠନରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବରିଷ୍ଠ ଶିକ୍ଷକ ରମେଶ ମିଶ୍ର ସାକ୍ଷରତା କାହାକୁ କୁହାଯିବ ଏବଂ ନିପୁଣ ଭାରତର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




ରାୟଗଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ଆନ୍ତର୍ଜାତୀୟ ସାକ୍ଷରତା ଦିବସ




ରାମନାଗୁଡ଼ା ବ୍ଲକ ଆୟୋଜିତ ସାକ୍ଷରତା ସଚେତନ ରାଲି।

**କେବିଡିରେ ଜନ ଶୁଣାଣି ଶିବିର**

ଜୟପୁର, (ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ କେବିଡିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଏବିଡିଓ ମନୋଜ ନାୟକ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସସ୍ମିତା ପରିଡ଼ା, ପିଇଓ ପ୍ରତିମା ଖରା ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଉପସ୍ଥିତ ଗ୍ରାମବାସୀ ଅଧିକାରୀମାନଙ୍କୁ ପାନୀୟ ଜଳ, ରାସ୍ତା ଆଦି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ।



# ଜିଲା ଯୁବ କଂଗ୍ରେସ ସୋସିଆଲ ମିଡିଆ ସଂଯୋଜକ ହେଲେ ମହମ୍ମଦ ଇର୍ସାଦ

ପଡିଆ, ୮।୯ (ଭାସ୍କର ରାଓ)



ମହମ୍ମଦ ଇର୍ସାଦ୍ ।

ପ୍ରଦେଶ କଂଗ୍ରେସ ପକ୍ଷରୁ ଜିଲା କୋର୍ଡିନେଟର ଏବଂ ଜିଲା ଏକ୍ଜ୍ୟୁକେଟିଭ ସଭ୍ୟ ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ଚୟନ କରାଯାଇଛି। ଏହି ଚୟନ ପ୍ରକ୍ରିୟାରେ ପଡିଆ ଅଞ୍ଚଳର ମହମଦ ଇର୍ସାଦ ଜିଲା ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ସଂଯୋଜକ ଭାବରେ ଚୟନ ହୋଇଛନ୍ତି । ଇର୍ସାଦ ଆଗାମୀ ଦିନରେ ଦଳ ପାଇଁ ଭଲ କାମ କରିବେ, ଦଳ କିପରି ସୁଦୃଢ଼ ଓ ସଂଗଠିତ ହେବ ଏଥି ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ରାଶି ବୁଣା ଯନ୍ତ୍ର ପ୍ରଦର୍ଶନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ମାଲକାନଗିରି, ୮।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ସଦର ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତ ବାଡ୍ରିଅଟାଳ ଗ୍ରାମରେ ରାଶି ଚାଷ ନିମନ୍ତେ ରାଶି ବୁଣା ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନକେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଦେବୀପ୍ରସାଦ ଦାସ, ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲ୍ ରଞ୍ଜନ ମହାଲିକ ପ୍ରମୁଖ ଯୋଗଦେଇଥିବା ବେଳେ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଯୋଗଦେଇ ଚାଷୀମାନଙ୍କୁ ରାଶି ଚାଷ ନିମନ୍ତେ ରାଶି ବୁଣା ଯନ୍ତ୍ର ବିଷୟରେ ବୁଝାଇଥିଲେ । ବିଶେଷକରି ମାଲକାନଗିରି ଜିଲାରେ ରାଶି ଚାଷ ହେଉଥିବା ବେଳେ ଏହା ପଦ୍ଧତି ଅନୁଯାୟୀ ଚାଷ ହେଉ ନ ଥିବାରୁ ଏହାର ଉତ୍ପାଦନ କମ୍ ହେବା ସହ ଚାଷୀମାନଙ୍କ ରାଶି ସରକାରଙ୍କ ନିକଟରେ ଠିକ୍ ଦରରେ ବିକ୍ରି ହୋଇପାରୁନାହିଁ। ତେଣୁ ଏହି ଚାଷକୁ ପଦ୍ଧତି ଅନୁସାରେ କୃଷିଯନ୍ତ୍ର ଦ୍ୱାରା କରିବା ଫଳରେ ଚାଷୀଙ୍କ ରାଶିଚାଷ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଏଥିସହ ଚାଷୀମାନଙ୍କ ରାଶିକୁ ସରକାରଙ୍କ ନିକଟରେ ଉଚିତ ମୂଲ୍ୟରେ ବିକ୍ରି ହୋଇପାରିବ । ତେଣୁ ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏହି କୃଷି ଯନ୍ତ୍ରର କ୍ଷେତ୍ର ପ୍ରଦର୍ଶନ ଓ ଦକ୍ଷତା ବିକାଶ ଚାଷୀମାନଙ୍କୁ ଦିଆଯାଇଥିଲା । ଏହି ଯନ୍ତ୍ର ଦ୍ୱାରା କେବଳ ରାଶି ନୁହେଁ, ଅନ୍ୟ ତୈଳବୀଜ ଚାଷ ଓ ମାଣ୍ଡିଆ ମଧ କିପରି ଧାଡ଼ିରେ ବୁଣାଯାଏ ସେ ସମ୍ବନ୍ଧରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି ଜିଲାର ଅଗ୍ରଣୀ ଚାଷୀମାନେ ଉପସ୍ଥିତ ରହି ଏହି ତାଲିମ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଜିଲାର ଅନ୍ୟାନ୍ୟ ବ୍ଲକ୍‌ରେ ମଧ ଚାଷୀମାନଙ୍କୁ ଏହି ଯନ୍ତ୍ର ସମ୍ବନ୍ଧରେ ତାଲିମ ଦିଆଯିବ ବୋଲି ଦାସ କହିଥିଲେ।



ଅଧିକାରୀମାନେ ରାଶି ବୁଣା ଯନ୍ତ୍ର ଦେଖୁଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

କୋରୁକୋଣ୍ଡା, ୮।୯(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକ୍ ଚିତାପାରି-୩ ଗ୍ରାମରେ ରହୁଥିବା ସବିତା ମୁଦୁଲି(୩୦) କୌଣସି କାରଣରୁ ଶନିବାର ବାପଘରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏ ନେଇ ମୃତ ସବିତାଙ୍କ ବାପା ଚନ୍ଦ୍ର ମୁଦୁଲି ଗତ ଶନିବାର ରାତିରେ ଓ ଓର୍କେଲ ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ.୨୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ସବିତାଙ୍କ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରିଛନ୍ତି। ପୋଲିସର ଅନୁରୋଧ କ୍ରମେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ରବିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ପୋଲିସ ପକ୍ଷରୁ ସବିତାଙ୍କ ମୃତଦେହ ଜବତକରି ମାଲକାନଗିରି ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ମନୋହର ସାହୁ କହିଛନ୍ତି।

ସୂଚନା ଅନୁସାରେ, କିଛି ବର୍ଷ ପୂର୍ବେ ବୀରକିଶୋରପୁର ଗ୍ରାମର ପବିତ୍ର ଖିଲଙ୍କ ସହିତ ସବିତାଙ୍କର ବିବାହ ହୋଇଥିଲା। ସେ କିଛି ଦିନ ଶାଶୁଘରେ ରହିବା ପରେ କୌଣସି କାରଣରୁ ସ୍ୱାମୀଙ୍କୁ ଛାଡ଼ି ବାପଘରକୁ ପଳାଇ ଆସିଥିଲେ। ବାପଘରେ କିଛିଦିନ ରହିବା ପରେ ସେ ଉକ୍ତ ଗ୍ରାମର ଖଗପତି କିର୍ସାନୀଙ୍କୁ ପୁନର୍ବାର ବିବାହକରି ଉଭୟେ ବାପ ଚନ୍ଦ୍ର ମୁଦୁଲିଙ୍କ ଘରେ ରହୁଥିଲେ। ତେବେ ଶନିବାର ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ସବିତା ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟାକଲେ ତାହା ସ୍ପଷ୍ଟ ହୋଇ ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ୭୭ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କାଲିମେଲା, ୮।୯(ଜୀବନକୃଷ୍ଣ ଦାସ)

କାଲିମେଲା ବ୍ଲକ୍ ମାନ୍ୟମକୋଣ୍ଡା ପଞ୍ଚାୟତରେ ସୋମବାର ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରଥମ ଥର ପାଇଁ ଉପାନ୍ତ ଅଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ଶୁଣିଥିଲେ। ସମସ୍ତ ଅଭିଯୋଗର ସମାଧାନ ପାଇଁ ଲୋକଙ୍କଠାରୁ ସମସ୍ୟା ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲାପାଳ ଅଶ୍ୱିନୀ ଏ ଏଲ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜବନ୍ଧୁ ଦାସ, ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲା ବନଖଣ୍ଡ ଅଧିକାରୀ ସାଇକିରଣ, କାଲିମେଲା ବିଡିଓ ପ୍ରଦୀପ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୭୭ ଅଭିଯୋଗର ଶୁଣାଣି କରାଯାଇଥିଲା। ଶିବିର ନିକଟରେ ବ୍ଲକ ପକ୍ଷରୁ ବିଭିନ୍ନ ବିଭାଗର ଷ୍ଟଲ୍ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ବିଶେଷକରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନାରେ ଅପପୁଷ୍ଟି ରୋକିବା ସହ ପୁଷ୍ଟିକର ଖାଦ୍ୟ, ପୋଷଣ ଅଭିଯାନ ଏବଂ ସୁଭଦ୍ରା ଯୋଜନା ସଚେତନତା, ଖାଉଟି କାର୍ଡ ଯୋଜନାରେ ପରିବାର ସଦସ୍ୟଙ୍କ ନାମ ସଂଯୋଗ ଓ ସଂଶୋଧନ ଆଦି ବିଭିନ୍ନ ସଚେତନତା କରାଯାଇଥିଲା। ମଙ୍ଗଳ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ଷ୍ଟାଇପେଣ୍ଡ ବ୍ୟବସ୍ଥାର ସୁବିଧା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ରାସ୍ତାଘାଟ,ଜଙ୍ଗଲ ଜମି, ଲକ୍ଷ୍ମୀ ବସ୍ ଯାତାୟାତ, ସରକାରୀ ସାହାଯ୍ୟ ସହ ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ,ସାମୂହିକ ସମସ୍ୟା ଉପରେ ଜିଲାପାଳ ଅବଗତ ହୋଇ ସମାଧାନ କରିଥିଲେ। ଶିବିରରେ ସମସ୍ତ ବିଭାଗର ଜିଲା ଏବଂ କାଲିମେଲା ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ଯନ୍ତ୍ରାଂଶ ବଣ୍ଟନ, ପରିମାପକ ଶିବିର

ମାଥିଲି, ୮।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର ନୂଆଗୁଡ଼ା ବ୍ଲକ୍ କଲୋନି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ମାଲକାନଗିରି ଓ ଆଲିମ୍‌କୋ ଭୁବନେଶ୍ୱର ମିଳିତ ଉଦ୍ୟମରେ ଆୟୋଜିତ ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଆଲିମକୋର ପ୍ରତିନିଧି ଅର୍ଥୋପ୍ରୋଷ୍ଟେଷ୍ଟିକ୍ ବିକ୍ରମ କୁମାର ମହାରଣା, ଅର୍ଥୋଟେକ୍‌ନିକ୍ ମହାବୀର ସିଂହ, ଆକାଶ କୁମାର ରାୟ ଓ ଅମନ ଦ୍ୱିବେଦୀ ଯୋଗଦେଇ ଆବଶ୍ୟକ ଉପକରଣର ମାପ ନେଇଥିଲେ। ଶିବିରକୁ ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ବିଆର୍‌ପି ରତ୍ନାକର ପାଲ ଏହାକୁ ପରିଚାଳନା କରିଥିଲେ । ଦିଆଯାଉଥିବା ବିଭିନ୍ନ ଉପକରଣ ଓ ଯନ୍ତ୍ରାଂଶର ଯତ୍ନ ସମ୍ପର୍କରେ ଅବିଭାବକ ଓ ବିଦ୍ୟାର୍ଥୀମାନଙ୍କୁ ପାଲ ପରାମର୍ଶ ଦେଇ ଖୁବ୍ ଶୀଘ୍ର ନୂତନ ଯନ୍ତ୍ରାଂଶ ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସେଠୀ, ଶିକ୍ଷୟିତ୍ରୀ କେ.ୱରା ଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ବେହେରା, ସିଆର୍‌ସିସି ଚିନ୍ତାମଣି ବିଷୋୟୀ, ମନୋଜ କୁମାର ବେହେରା, ବରିଷ୍ଠ ଶିକ୍ଷକ ମଧୁସୂଦନ ନାୟକ, ସହକାରୀ ତୁଷାରକାନ୍ତ ପଣ୍ଡା, ମନୋଜ କୁମାର ପାଳ ଓ ବୈଷ୍ଣବ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମେତ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ୩୨ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା। ୨୫ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ନୂତନ ଉପକରଣ ପ୍ରଦାନ ପାଇଁ ମାପ ନିଆଯାଇଥିଲା।



ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ କରାଯାଉଛି।

# ମଧ୍ୟାହ୍ନଭୋଜନର ମାନ, ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ



ମାନ୍ୟମକୋଣ୍ଡା ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଥିବା ଗୃହ ନିକଟରେ ଜିଲାପାଳ।

କାଲିମେଲା,୮।୯(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସୋମବାର କାଲିମେଲା ବ୍ଲକ୍ ଗସ୍ତରେ ଆସି ମାନ୍ୟମକୋଣ୍ଡା ଉଚ୍ଚ ବିଦ୍ୟାଳୟର ପାଠପଢ଼ ଏବଂ ମଧ୍ୟାହ୍ନଭୋଜନ ମାନ ଯାଞ୍ଚ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ କିଭଳି ପାଠପଢ଼ା ଚାଲିଛି ସେ ନେଇ ପ୍ରଧାନ ଶିକ୍ଷକ ଡି.ଭେଙ୍କଟଶ୍ୱର ରାଓଙ୍କଠାରୁ ବୁଝିଥିଲେ। ଏଥିସହ ପିଲାଙ୍କ ସୁବିଧା ଅସୁବିଧା, ବିଦ୍ୟଳୟର ସମସ୍ୟା ବିଷୟରେ ବୁଝିଥିଲେ। ସେହିପରି ଉକ୍ତ ସ୍କୁଲର ଭିତ୍ତିଭୂମି ପରିଦର୍ଶନ ସହ ଉନ୍ନୟନ କାମ ବୁଲି ଦେଖିଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଖାଦ୍ୟ ପରଷିବା ପାଇଁ ସୁନିଶ୍ଚିତ କରିବାକୁ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ପରେ ରୋଷେଇ ଘରେ ଯାଇ ପିଲାମାନଙ୍କୁ ଦିଆଯିବାକୁ ଥିବା ଖାଦ୍ୟର ମାନ ପରୀକ୍ଷା କରିଥିଲେ। ଜିଲାପାଳଙ୍କ ଉପସ୍ଥିତରେ ଜିଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ନିଜେ ମଧ୍ୟାହ୍ନଭୋଜନ ଖାଉଥିବା ଦେଖିବାକୁ ମିଳିଥିଲା । ଆଗାମୀ ଦିନଗୁଡିକରେ ଜିଲାର ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ସ୍ୱାଦ ଓ ମାନ ସୁନିଶ୍ଚିତ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପରେ ଜିଲାପାଳ ପୋଲୁର ଗସ୍ତକରି ସେଠାରେ ଚାଲିଥିବା ପୋଲ କାମ ତଦାରଖ କରିଥିଲେ ।

# ଗଣବଳାତ୍କାର, ୨ ଗିରଫ

ଜୟପୁର,୮।୯ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦରଥାନା ଅଞ୍ଚଳରେ ୨୩ ବର୍ଷିଆ ବିବାହିତାଙ୍କୁ ୨ଜଣ ଯୁବକ ରାସ୍ତାରୁ ଉଠାଇ ନେଇ ବଳାତ୍କାର କରିଥିବା ମାମଲାରେ ସୋମବାର ମହିଳା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଧନପୁର ଗ୍ରାମର ସୁକୁରୁ ଗାଦବା ଓ ଜୟରାମ ହରିଜନ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ମହିଳା ଥାନାଧିକାରୀ ଅଶ୍ରୀତା ଖାଲ୍‌କୋ ପ୍ରକାଶ କରିଛନ୍ତି।

# ବହୁଭାଷୀ ଶିକ୍ଷା ପ୍ରଦାନକାରୀ ମୋବାଇଲ ଆପ୍ ଶ୍ରେଷ୍ଠ ବିବେଚିତ

କୋରାପୁଟ, ୮।୯(ଅମିତାଭ ବେହେରା)

**ସୃଜନଶୀଳତା ଓ ନବଉନ୍ମେଷ ପ୍ରତିଯୋଗିତା**

କୋରାପୁଟସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ସୃଜନଶୀଳତା ଏବଂ ନବ ଉନ୍ମେଷ ଉପରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଷ୍ଟାର୍ଟଅପ୍ ଏବଂ ବ୍ୟବସାୟ ପ୍ରତି ଧାରଣା ଜନ୍ମାଇବା ସହିତ ସେମାନଙ୍କ ମଧ୍ୟରେ ବାଣିଜ୍ୟିକ ସମ୍ଭାବନା ପ୍ରସ୍ତାବ ଲୋକ ଲୋଚନକୁ ଆଣି ପାରିବେ ଏବଂ ସେମାନଙ୍କ ମଧ୍ୟରେ ଏକ ସଫଳ ଉଦ୍ୟୋଗୀ ହୋଇ ପାରିବେ ବୋଲି ଆୟୋଜକ ପକ୍ଷରୁ କୁହାଯାଇଥିଲା। ୧୨ ଟି ଦଳ ଅଂଶଗ୍ରହଣ କରିଥିଲେ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିପରି ବହୁଭାଷୀ ଶିକ୍ଷା ପ୍ରଦାନକାରୀ ମୋବାଇଲ ଆପ୍ଲିକେସନ ତିଆରି କରି ହେବ ସେ ଷ୍ଟାର୍ଟ-ଅପ୍ ସବୁଠୁ ଶ୍ରେଷ୍ଠ ବିବେଚିତ ହୋଇଥିଲା। ସ୍ଥାନୀୟ ପିଲାମାନଙ୍କୁ କିପରି ସର୍ବନିମ୍ନ ମୂଲ୍ୟରେ କୋଚିଂ ଯୋଗାଇ ହେବ ସେ ଷ୍ଟାର୍ଟ ଅପ୍ ଦିତୀୟ ଓ କଳା ଜିରା ଧାନରୁ ବିଭିନ୍ନ ପ୍ରକାର ଉତ୍ପାଦ ବାହାର କରିବା ନେଇ ପ୍ରଦର୍ଶିତ ଷ୍ଟାର୍ଟଅପ୍ ତୃତୀୟ ହୋଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ଓରମାସ ମୁଖ୍ୟ ନିର୍ବାହୀ ଅଧିକାରୀ ରୋସନ କୁମାର କାର୍ତ୍ତିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉପରୋକ୍ତ ୩ ଗ୍ରୁପ୍‌କୁ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଦେବେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଝରଣା ସାହୁ ଏବଂ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ ସଂଯୋଜନା କରିଥିଲେ ।

# କୁଲାରସିଂ ପଞ୍ଚାୟତରେ ଜନଶୁଣାଣି

ନନ୍ଦପୁର/ପାଡୁଆ, ୮।୯ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର କୁଲାରସିଂ ପଞ୍ଚାୟତ କାର୍ଯ୍ୟାଳୟରେ ସରକାରୀ ଯୋଜନାର ସଚେତନତା ଲାଗି ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ବିଡିଓ ଦୁର୍ଗା ପ୍ରସାଦ ଦୋରା, ସରପଞ୍ଚ ଭଗବତୀ କିର୍ଷାନୀ, ସମିତିସଭ୍ୟ ନଗମା ପଣ୍ଡିଆ, ବ୍ଲକ ଏଇଇ ଝସକେତନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଦୁବରାଜ ମୁର୍ମୁ, ସହକାରୀ ଶିକ୍ଷାଧିକାରୀ ମମତାଜ ମାଙ୍ଗ, ଯୋଗାଣ ନୀରିକ୍ଷକ ଜନସନ ବୁରୁ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ପଞ୍ଚାୟତ ବୁଦ୍ଧିଜୀବୀ ଓ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ଉପସ୍ଥିତ ଅଧିକାରୀଙ୍କୁ ୭ଟି ଅଭିଯୋଗ ପତ୍ରରେ ପଞ୍ଚାୟତ ଅଞ୍ଚଳର ରାସ୍ତା, ପାଣି, ଚାଉଳ ବଣ୍ଟନରେ ଅନିୟମିତତା, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରର ମରାମତି, ଭତ୍ତା, ଆବାସ ଆଦି ୪୦ ଗୋଟି ସମସ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନ ଓ ସହଯୋଗୀ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରାଯିବ ବୋଲି ବିଡିଓ ଦୁର୍ଗା ପ୍ରସାଦ ଦୋରା ସୂଚନା ଦେଇଛନ୍ତି।

# ପିଇବା ପାଣି ପାଇଁ ହଟ୍ଟଗୋଳ

ସୁନାବେଡା/ସେମିଳିଗୁଡା,୮।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

- ସେମିଳିଗୁଡା ବ୍ଲକ ଦୁଧାରୀ ପଞ୍ଚାୟତ
- ଅଧାରୁ ଅଭିଯୋଗ ଶୁଣାଣି ବାତିଲ

ପିଇବା ପାଣି ପାଇଁ ୩ ବର୍ଷ ହେବ ଅଭିଯୋଗ କରି କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତବାସୀ ଅଧାରୁ ବନ୍ଦ କରି ଦେଲେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି । ଏଥିସହିତ ଏବିଡ଼ିଓ ଏବଂ ଯନ୍ତ୍ରୀଙ୍କୁ ପାନୀୟଜଳ ପ୍ରକଳ୍ପ ନିକଟକୁ ନେଇ ଦେଖାଇଲେ ଗାଁ ଲୋକ। ଏମିତି କିଛି ଦେଖିବାକୁ ମିଳିଥିଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତରେ। ସୋମବାର ଥିଲା ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର। ହେଲେ ପିଇବା ପାଣିକୁ ନେଇ ପ୍ରବଳ ହଟ୍ଟଗୋଳ ହେବାରୁ ଅଧାରୁ ଶିବିରକୁ ବନ୍ଦ କରିବାକୁ ପଡିଥିଲା। ଏଥିରେ ଉପସ୍ଥିତ ଥିବା ପଞ୍ଚାୟତବାସୀ ନିଜ ଜିଦ୍‌ରେ ଅଟଳ ରହିବାରୁ ଶେଷରେ ଅଧିକାରୀ ଜଳ ଯୋଗାଣ ପ୍ରକଳ୍ପ ବୁଲି ଦେଖିଥିଲେ। ପଞ୍ଚାୟତରେ ଅଧାପନ୍ତରିଆ ହୋଇ ପଡି ରହିଛି ଜଳ ପ୍ରକଳ୍ପ । ଗାଁରେ ଟାଙ୍କି ଥିବାବେଳେ ସଂଯୋଗ ଅଭାବରୁ ତାହା ଅଚଳ ହୋଇ ପଡିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଯେ ପର୍ଯ୍ୟନ୍ତ ପାଣି ସମସ୍ୟାର ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ କୌଣସି ବୈଠକ କରାଇ ଦେବେନାହିଁ ବୋଲି ଲୋକେ କହିଥିଲେ। ଏଥିରେ ସେମିଳିଗୁଡ଼ା ଏବିଡିଓ ବସନ୍ତ କୁମାର ବେହେରା, ବିଏସ୍‌ଏସ୍‌ଓ ଟି.ଶୁରଭି,ଏଲ ଆଇ ନିର୍ମଳା ସାହୁ,କୃଷି ବିଭାଗର ବିଷ୍ଣୁ ପ୍ରିୟା ସ୍ୱାଇଁ, ସିଆରସିସି ଜିତେନ୍ଦ୍ର ନାୟକ,ବିପିସି ପେସା ପ୍ରମୋଦ ଖିଲ, ଆରଡବ୍ଲ୍ୟୁଏସ୍‌ଏସ୍‌ର ରମାକାନ୍ତ ନାୟକ, ପିଇଓ ମୋହନ ଖରା, ନାଏବ ସରପଞ୍ଚ ଜମ୍ବୁବତୀ ନାୟକ ଓ ସୁଷ୍ମମା ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଜନ ପ୍ରତିନିଧି ଆରଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀଙ୍କୁ ତାଗିଦା କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଅଭିଯୋଗ କରିଥିଲେ। ଅଧିକାରୀ ଅଭିଯୋଗର ସନ୍ତୋଷଜନକ ଉତ୍ତର ନ ଦେବାରୁ ଲୋକେ ବୈଠକରୁ ଉଠି ବାହାରେ ପାଟିତୁଣ୍ଡ କରିଥିଲେ। ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଶୁଣ୍ଡିପୁଟ ଗ୍ରାମରେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ବିଭାଗୀୟ ଯନ୍ତ୍ରୀ। ଅନ୍ୟପଟେ ଦୁଧାରି ପ୍ରକଳ୍ପର ସମସ୍ତ କାର୍ଯ୍ୟ ସରିଥିଲେ ମଧ ବିଦ୍ୟୁତ୍ ସମସ୍ୟା ଯୋଗୁ ଜଳ ଯୋଗାଣ ହୋଇପାରୁ ନ ଥିବା କହିବା ସହ ଯେତେ ଶୀଘ୍ର ସମ୍ଭବ ପ୍ରକଳ୍ପ ଚାଲୁ କରାଯିବ ବୋଲି ଉପସ୍ଥିତ ଲୋକଙ୍କୁ ବୁଝାସୁଝା କରି ଫେରି ଯାଇଥିଲେ। ସେମିଳିଗୁଡା ଏବିଡ଼ିଓ ବସନ୍ତ କୁମାର ବେହେରାଙ୍କୁ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେବାକୁ ମନାକରି ଦେଇଥିଲେ।



ଅଧିକାରୀମାନେ ଅଧାଥିବା ଜଳଯୋଗାଣ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ

**ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟାଦେଶ ବଣ୍ଟନରେ ବିଧାୟକଙ୍କ ଶତପ୍ରତିଶତ ହସ୍ତକ୍ଷେପକୁ ବିରୋଧ**

- ଜିଲାପାଳଙ୍କୁ ଦାବିପତ୍ର ଦେଲେ ଜନପ୍ରତିନିଧି
- ଅଭିଯୋଗ ଭିତ୍ତିହୀନ: ବିଧାୟକ

ଝରିଗାଁ,୮।୯(କିଶୋର ଚନ୍ଦ୍ର ମଣ୍ଡଳ)



ବିଧାୟକଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଜନପ୍ରତିନିଧି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉନ୍ନୟନ କାର୍ଯ୍ୟର କାର୍ଯ୍ୟାଦେଶରେ ବିଧାୟକଙ୍କ ଶତପ୍ରତିଶତ ହସ୍ତକ୍ଷେପ କରୁଥିବା ଅଭିଯୋଗ ଆଣିଛନ୍ତି ନିର୍ବାଚିତ ଜନ ପ୍ରତିନିଧି। ଏହାକୁ ବିରୋଧକରି ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସମସ୍ତ ସମିତି ସଭ୍ୟ ଏବଂ ସରପଞ୍ଚ ସୋମବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ପ୍ରକାରେ ଝରିଗାଁ ବ୍ଲକ୍‌ରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଉନ୍ନୟନ ପ୍ରକଳ୍ପ ତାଲିକାର ଅନୁମୋଦନ ଅନୁଯାୟୀ, କିଛି ଆବଶ୍ୟକତାଭିତ୍ତିକ ପ୍ରକଳ୍ପ ବାର୍ଷିକ କାର୍ଯ୍ୟ ଯୋଜନାରେ ବାଦ୍ ଦିଆଯାଇଛି। ତେବେ ସେଗୁଡ଼ିକୁ ସେଥିରେ ଅନ୍ତର୍ଭୁକ୍ତ କରିପାରିବେ। ଏହା ବ୍ୟତୀତ ଯଦି କିଛି ଆବଶ୍ୟକତାଭିତ୍ତିକ ପ୍ରକଳ୍ପ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଏ ଯାହା ପ୍ରକଳ୍ପ ତାଲିକାରେ ନାହିଁ, ତେବେ ଜିଲାପାଳଙ୍କୁ ବାର୍ଷିକ କାର୍ଯ୍ୟ ଯୋଜନାରେ ଏପରି ପ୍ରକଳ୍ପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର କ୍ଷମତା ମଧ ଦିଆଯାଇଛି। ତଥାପି, ପ୍ରକଳ୍ପଗୁଡ଼ିକ ମାର୍ଗଦର୍ଶିକାରେ ଉଲ୍ଲେଖ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରିବା ଉଚିତ ଏବଂ ଏପରି ପ୍ରକଳ୍ପଗୁଡ଼ିକର ମୋଟ ମୂଲ୍ୟ ଏକ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି କିମ୍ବା ଗ୍ରାମପଞ୍ଚାୟତକୁ ଦିଆଯାଇଥିବା ମୋଟ ଆବଣ୍ଟନର ୪୦ପ୍ରତିଶତ ଅତିକ୍ରମ କରିବା ଉଚିତ ନୁହେଁ ବୋଲି ଉଲ୍ଲେଖ ରହିଛି। ଏହା ସତ୍ତ୍ୱେ ଝରିଗାଁ ବିଧାୟକ ବିକଶିତ ଗାଁ ଓ ବିକଶିତ ଓଡ଼ିଶାରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକୁ ଶତ ପ୍ରତିଶତ ନିଜେ ନିଜର ଦଳୀୟ କର୍ମକର୍ତ୍ତାଙ୍କୁ ବଣ୍ଟନ କରିଥିବା ନେଇ ଅଭିଯୋଗ ହୋଇଛି। ଗାଇଡ୍‌ଲାଇନ ଅନୁସାରେ ଯଦି କାମ ନ ହୁଏ ତେବେ ସମସ୍ତ ସରପଞ୍ଚ, ସମିତି ଏବଂ ଜିଲା ପରିଷଦ ସଭ୍ୟାସଭ୍ୟ ଏହାର ଦୃଢ଼ ବିରୋଧ କରି ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟାଳୟ ବନ୍ଦ କରିବା ନେଇ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ଝରିଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ଉପାଧ୍ୟକ୍ଷା ମନଦୀ ମାଝୀ, ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ନାୟକ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ତ୍ରିମିଳା ପୂଜାରୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ଇଚ୍ଛାପୁର ସରପଞ୍ଚ ଜଗଦୀଶ ମାଝୀ, ସମିତି ସଭ୍ୟ ଚକ୍ର ମାଝୀ, ପାଲିଆ ସରପଞ୍ଚ ରାଧା ସାନ୍ତା, ଝରିଗାଁ ସରପଞ୍ଚ ଯୋଗେଶ୍ୱର ପୂଜାରୀ, ରତାଖଣ୍ଡିଗୁଡ଼ା ସମିତି ସଭ୍ୟ ତମ୍ବୁଦାସ ପନକା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଝରିଗାଁ ବିଧାୟକ ନରସିଂହ ଭତ୍ରାଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ନିରକ୍ଷରତାକୁ ଦୂର କରିବା ଉପରେ ଗୁରୁତ୍ୱ

**ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ**

କୋରାପୁଟ,୮।୯(ଅମିତାଭ ବେହେରା)

କୋରାପୁଟ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ସୋମବାର ପାଳିତ ହୋଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଇଓ ଅର୍ପିତା ପ୍ରଧାନ ସଭାପତିତ୍ୱ କରିଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଏବିଇଓ ଶିବ ଶଙ୍କର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ, ଏବିଇଓ ସଞ୍ଜୁକ୍ତା କୁଅଁର ମଞ୍ଚାସୀନ ଥିଲେ। ଅତିଥିମାନେ ଏହି ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ନିରକ୍ଷରତାକୁ ଦୂର କରି ସାକ୍ଷରତା ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ସେହିଭଳି ବ୍ଲକସ୍ତରୀୟ ଏବଂ ବିଦ୍ୟାଳୟରେ ମଧ୍ୟ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ଲକ ଆରସିସି, ବିଦ୍ୟାଳୟର ସମସ୍ତ ଛାତ୍ରାଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ବିଆରପି ପ୍ରଦୀପ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ।

# ୟେଲୋ ଡ୍ୟାମ୍ ନିକଟରେ ଯୁବକଙ୍କୁ ଛୁରାମାଡ଼

ଜୟପୁର,୮।୯(ପବନ ପାଣିଗ୍ରାହୀ)

ଯୁବକଙ୍କୁ ଛୁରାମାଡ଼ ହୋଇଥିବା ନେଇ ଜୟପୁର ସଦର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଏହି ଛୁରା ମାଡ଼ରେ ୫ଜଣ ସାମିଲ ଥିବା ନେଇ ଜୟପୁର ସହର ବାପୁଜୀ ନଗରର ମୁକେଶ ଖରା ଲିଖିତ ଅଭିଯୋଗ କରିଛନ୍ତି। ରବିବାର ସନ୍ଧ୍ୟା ୭ଟାରେ ମୁକେଶଙ୍କ ପୁଅ ଚନ୍ଦ୍ରଶେଖର ତାଙ୍କର ଅନ୍ୟ ୪ଜଣ ସାଙ୍ଗଙ୍କ ସହ ସ୍ଥାନୀୟ ସତିଗୁଡ଼ା (ୟେଲୋ ଡ୍ୟାମ୍)କୁ ବୁଲିବାକୁ ଯାଇଥିଲେ। ସେଠାରେ ପୂର୍ବରୁ ରହିଥିବା ୫ଜଣ ଯୁବକ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ କଥାକଟାକଟି ହୋଇଥିଲା। ଉକ୍ତ ଯୁବକମାନେ ଚନ୍ଦ୍ରଶେଖର ଓ ତାଙ୍କ ସାଙ୍ଗମାନଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଚନ୍ଦ୍ରଶେଖରଙ୍କ କାନରେ ଗଭୀର ଆଘାତ ଲାଗିଛି। ଖବରପାଇ ମୁକେଶ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ସେତେବେଳେ ଯୁବକମାନେ ବାଇକ୍ (ଓଡ଼ି-୩୦ଇ ୪୭୭୧) ଓ ଅନ୍ୟ ଏକ ଗାଡ଼ିରେ ଫେରାର ହୋଇଯାଇଥିଲେ। ଚନ୍ଦ୍ରଶେଖରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ମୁକେଶ ସଦରଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ତଦନ୍ତ ଚାଲିଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଅଭିଯୋଗଗୁଡ଼ିକର ସମାଧାନ ନିର୍ଦ୍ଦେଶ ଦେଲେ ବିଡିଓ

**କୁନ୍ଦୁରାରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି**

କୁନ୍ଦୁରା,୮।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ସୋମବାର ମିଳିତ ଜନଶୁଣାଣି ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ବିଡିଓ ପି.ମନସ୍ମିତା ଉପସ୍ଥିତ ରହି ୧୪ ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ଅଭିଯୋଗ ଶୁଣିଥିଲେ।

ଏହି ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବା ବେଳେ ଏଠାରେ ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାରଙ୍କ ଉପସ୍ଥିତି ଆବଶ୍ୟକ ଥିବାବେଳେ ତାଙ୍କର ଦେଖା ନ ଥିଲା। କୁନ୍ଦୁରା ବ୍ଲକରେ ପୁରୁଣ୍ଣ ପୁରୁଷ ଧରି ଜମିଜମା ବିବାଦ ରହୁଥିବା ବେଳେ ସରକାରଙ୍କ ଦ୍ୱାରା ହେଉଥିବା ସଚେତନତା କାର୍ଯ୍ୟକ୍ରମରେ ବିବାଦ ସମାଧାନ ଆଶା ନେଇ ଅଭିଯୋଗକାରୀ ଆସୁଥିବା ବେଳେ ତହସିଲଦାର କିଛିଦିନରୁ ଅଧିକାରୀଙ୍କୁ ପଠାଇ ନିଜେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। କେବଳ କୁନ୍ଦୁରା ନୁହେଁ, ବିଭିନ୍ନ ପଞ୍ଚାୟତସ୍ତରରେ ହେଉଥିବା ଅଭିଯୋଗ ଶୁଣାଣି ଏବଂ ସଚେତନତା କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହୁଥିବା ବେଳେ ସଦର ମହକୁମାରେ ହେଉଥିବା କାର୍ଯ୍ୟକ୍ରମରେ ଅନ୍ତତଃ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ସମାଧାନ କରିବା ଆବଶ୍ୟକ ବୋଲି ଉପସ୍ଥିତ ଲୋକେ ଆଲୋଚନା କରିଥିଲେ।

ଗୋଷ୍ଠୀଗତରେ ଗାଁ ହୁଣ୍ଡି, ମନ୍ଦିର ପାଚେରି ନିର୍ମାଣ, ଜିରାଗୁଡ଼ାରେ ଶିକ୍ଷକ ନିଯୁକ୍ତି, କାଉଡିଆଗୁଡ଼ା ରାସ୍ତା ମରାମତି, ମଶାଣିକୁ ରାସ୍ତା ତିଆରି ଓ ପରଜାସାହିରେ ନୂତନ ନଳକୂପ ଖନନ, ଝିଲିଗାଁ ବିଦ୍ୟାଳୟରେ ପାଚେରି ନିର୍ମାଣ,ନୂଆଗୁଡ଼ା ମହିଷାହିରେ ରାସ୍ତା ତିଆରି ଆଦି ରହିଥିଲା। ବ୍ୟକ୍ତିଗତରେ ବର୍ଦ୍ଧିତ ଭତ୍ତା ପ୍ରଦାନ, ଘରହିଡ ପଟା, ଡିଜିଟ ପେନସନ୍‌କୁ ପଞ୍ଚାୟତରେ ପ୍ରଦାନ କରିବା ଆଦି ରହିଥିଲା। ସମସ୍ତ ଅଭିଯୋଗ ଶୁଣିବାପରେ ତୁରନ୍ତ ଏହାର ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ବିଡିଓ।

ଏଥିରେ ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା,ସିଡିପିଓ ଆରତୀ ମହାପାତ୍ର ଓ ଜେଜିଓ ଜଗତ ସିଂ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ସେମିତି ସାନ୍ତା, ଏଇ ପ୍ରତିଭାରାଣୀ ପୋଡ଼, ସମସ୍ତ ବିଭାଗୀୟ ଅଧିକାରୀ, ୧୫ ୱାର୍ଡ ସଭ୍ୟ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ପିଇଓ ରବିନ୍ଦ୍ର ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଡିଇଓ ରୂପଧର ବାଙ୍କିଆ ଓ ଯୋଗାଣ ସହାୟକ ସରୋଜ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ୩୦ ଅଭିଯୋଗର ଶୁଣାଣି

ଝରିଗାଁ,୮।୯(କିଶୋର ଚନ୍ଦ୍ର ମଣ୍ଡଳ)



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ କାର୍ଯ୍ୟାଳୟରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୩୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୧୧ଟି ବ୍ୟକ୍ତିଗତ ଓ ୧୯ ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ମଡକର ସନ୍ଦୀପ ସମ୍ପତ, ଉପଜିଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ, ସିଡିଓ ବିରଞ୍ଚି ନାରାୟଣ ଦରଘାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା, ସିଡିପିଓ ରାଧେଶ୍ୟାମ ଲାଇକା, ଏଡିଓ ଅନିଲ କୁମାର ପ୍ରଧାନ,ଏଡିଇଓ ପ୍ରକାଶ ଚନ୍ଦ୍ର ମହାଳିକ, ସିଏସ୍‌ଓ ଦେବାଶିଷ ମହାନ୍ତି, ଡିଏସ୍‌ଡବ୍ଲୁ ଦ୍ରୌପଦୀ କହଁର, ଝରିଗାଁ ବିଡିଓ ମଧୁସୂଦନ ମାଝୀ, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ, ତହସିଲଦାର ସୁମନ୍ତ ପାତ୍ର, ସିଡିପିଓ ବିରାଜ ମୋହିନୀ ପାଙ୍ଗୀ, ଡାକ୍ତର ଅରବିନ୍ଦ ପଣ୍ଡା, ବ୍ଲକ କୃଷି ଅଧିକାରୀ ପୁନିତା ସିଂ, ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବାଘଙ୍କ ସମେତ ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ସାମଗ୍ରୀ ପ୍ରବନ୍ଧନ ବିଭାଗ

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୩୯, ତାରିଖ: ୦୨-ସେପ୍ଟେମ୍ବର-୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୩୧୦ | ବିଓଏକ୍ସଏନ୍ ଏଚ୍‌ଏଲ୍ ୱାଗନ ପାଇଁ ବଗି ସେଣ୍ଟର ପାଇଭଟ୍ ବଟମ୍ ଆରଡିଏସ୍‌ଓ ଡ୍ରଇଂ. ନଂ. ଡବ୍ଲ୍ୟୁଡି-୯୭୦୪୯-ଏସ୍-୦୩, ସାମଗ୍ରୀ ନଂ.୦୧, ଅଲ୍ଟ. ୧୧ ଅନୁରୂପ। | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୪୬ ଗୋଟି |
| ୨ | ୦୩୨୫୨୬୮୩ଏ | ଡ୍ରାଫ୍ଟ ଗିୟର୍ ସମେତ ଡ୍ରାଫ୍ଟ ଗିୟର ଫଲୋଅର, ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲ୍ୟୁଡି-୮୧୦୧୦-ଏସ୍-୦୩, ଅଲ୍ଟ. ୧୩ ଅନୁଯାୟୀ। | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୪୩୫୦ ଗୋଟି |
| ୩ | ୦୨୨୫୧୭୪୧ | ୩ ଫେଜ୍ ଲୋକୋ ପାଇଁ ୭୦ ବ୍ରେକ୍ ସିଷ୍ଟମର ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ନିମନ୍ତେ ମେଣ୍ଟେନାନ୍ସ କିଟ୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୧ ସେଟ୍ |
| ୪ | ୦୨୨୫୪୨୭୬ | ଏମ୍‌ଡିଏଲ୍ ପିଡବ୍ଲ୍ୟୁଆର୍ ୬୮୮୧୭ ସିଆର୍‌ଆଇଏଏ-ଅକ୍‌କିଲାରୀ କନ୍‌ଭର୍ଟର ପାଇଁ ରେକ୍ଟିଫାୟାର୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୦୫ ଗୋଟି |
| ୫ | ୦୨୨୫୪୨୫୨ | ଡିସିୟୁ୨/ଏଚ୍‌ପିପି ୧୧୦ ଭି ଆଇସି୨୧ ପାଇଁ ପାୱାର ସପ୍ଲାଏ ପିଏସ୍‌ୟୁ | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୪୪ ଗୋଟି |
| ୬ | ୦୩୨୫୩୧୬୫ଏ | ବିଓଏକ୍ସଏନ୍‌ଏସ୍ ୱାଗନଗୁଡ଼ିକର ଏଲଡବ୍ଲ୍ୟୁଏଲ୍‌ଏଚ୍ ୨୫ ଟନ୍ ବଗି ପାଇଁ ନେଷ୍ଟେଡ୍ ସ୍ନବର୍ ସ୍ପ୍ରିଙ୍ଗ୍ ଆଉଟର୍ ଓ ଇନର୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୯୭୯ ସେଟ୍ |
| ୭ | ୦୬୨୫୦୧୦୯ସି | ୬୦ କିଗ୍ରା ରେଲ୍ ୧ ଇନ୍ ୮.୫ ପାଇଁ ଫ୍ୟାନ୍ ଶେପ୍‌ଡ ଟର୍ନଆଉଟ୍ ନିମନ୍ତେ ୬ ମିମି ମୋଟା ନାଇଲନ୍ କର୍ଡ ରିଇନ୍‌ଫୋର୍ସଡ୍ ଗ୍ରୁଭ୍‌ଡ ରବର ସୋଲ ପ୍ଲେଟ୍‌ର ବିନିର୍ମାଣ ଓ ଯୋଗାଣ | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୮୨ ସେଟ୍ |
| ୮ | ୦୨୨୫୩୮୭୭ | ଡିଫରେନ୍ସିଆଲ୍ ଗେଜ୍ ପାଇଁ ଗେଜ୍ (ଏୟାର୍ ଫ୍ଲୋ ଇଣ୍ଡିକେଟର୍) | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୭ ଗୋଟି |
| ୯ | ୦୨୨୫୧୭୯୪ | "ଏୟାର୍ ଲାଇନ୍ ସିଭ୍ ପାଇଁ ମେଣ୍ଟେନାନ୍ସ କିଟ୍ ସେଟ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୫ ସେଟ୍ |
| ୧୦ | ୦୩୨୫୨୦୨୧ | କ୍ୟାସନବ୍ ବଗି ପାଇଁ ବ୍ରେକ୍ ୱେର୍ ପ୍ଲେଟ୍ (ପକେଟ୍ ଲାଇନର୍) | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୨୯୮୧୫ ଗୋଟି |
| ୧୧ | ୦୨୨୫୧୭୮୪ବି | ୨୧ ଟିଥ୍ ଶାଫ୍ଟ ପିନିୟନ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୩୧୩ ଗୋଟି |
| ୧୨ | ୦୬୨୫୫୦୮୨ | ୦୫ (ପାଞ୍ଚ) ଟନ କ୍ଷମତାର ଡିଜେଲ ହାଇଡ୍ରଲିକ୍ ରେଳ କ୍ରେନ୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ ଓ ଉତ୍ଥାନ, ତାହାକୁ ରେଳବାଇ ଦ୍ୱାରା ଯୋଗାଣ କରାଯାଇଥିବା ବ୍ରଡ୍ ଗେଜ୍ ୱାଗନରେ ମାଉଣ୍ଟିଂ। | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୦୨ ଗୋଟି |
| ୧୩ | ୦୫୨୫୫୧୯୫ | ସିଗ୍‌ନାଲିଂ ଓ ଟେଲିକମ୍ ସ୍ଥାପନା ପାଇଁ ଅଣ୍ଡରଗ୍ରାଉଣ୍ଡ ଜେଲି ଫିଲ୍‌ଡ କ୍ୱାଡ୍ କେବୁଲ, ଆକାର: ୬ କ୍ୱାଡ୍ X ୦.୯ ମିମି ବ୍ୟାସ, ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଆର୍‌ଏସ୍:ଟିସି-୩୦/୨୦୦୫ (ସଂସ୍କରଣ ୧) ସଂଶୋଧନ ନଂ. ୧ରୁ ୫ କିମ୍ବା ସର୍ବଶେଷ ସଂଶୋଧନ। | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୧୫୯୪ କେଏମ୍‌ଏସ୍ |
| ୧୪ | ୦୬୨୫୧୦୩୯ବି | ୬ ମିଟର ୩୨ ମିମି ଏନ୍‌ବି X ହେଭି ଡ୍ୟୁଟି ବାହ୍ୟ ବ୍ୟାସ ଦୈର୍ଘ୍ୟରେ ଏଏସ୍‌ଟିଏମ୍-ଏ ୩୧୨ ସିଡ୍ୟୁଲ୍ ୪୦ଏସ୍ ଜିଆର୍.ଟିପି ୩୦୪ (ସିମ୍‌ଲେସ୍) ଅନୁଯାୟୀ ଷ୍ଟେନଲେସ୍ ଷ୍ଟିଲ୍ ସିମ୍‌ଲେସ୍ ପାଇପର ସଂଗ୍ରହଣ। | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୭୫୦ ମିଟର |
| ୧୫ | ୦୬୨୫୦୦୮୨ | "୧୦୧୨୫ ମିମି ମୋଟା ୱେବ୍ ସୁଇଚ୍-୬୦ କିଗ୍ରା ୧ ଇନ୍ ୧୨"ର ଯୋଗାଣ ପାଇଁ ରନିଂ ଠିକା। | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୮୨୦ ସେଟ୍ |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ଏମ୍‌ଏମ୍/II

CPR/10/AM/302 ପିସିଏମ୍‌ଏମ୍, ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ

South East Central Railway @secrail



## OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA

Plot No- GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023,
Tel. Phone No. 0674-2300916, E-mail Id:- pccfkldak@gmail.com
Notice No. 60 / 3KL (AC) 08/2023
Dated, Bhubaneswar the 08th September, 2025

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Travel Agencies for providing **2 Nos. of Swift Dzire (Petrol)** for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be collected from the O/o-the Principal Chief Conservator of Forest, (KL), Odisha. The last date of submission of the Tender is 16.09.2025 up to 1.30 P.M., and to be opened on **17.09.2025** at 4.00 P.M.

**Sd./- Dy. Conservator of Forests-cum-DDO (KL)**
**O/o. The P.C.C.F.(KL), Odisha, BBSR**



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

E_mail ID : serw_balasore@yahoo.in, Ph No - 06782/260318, Balia, Balasore

No.O-705

**"e"-Procurement Notice for Road Work**

**Identification No. - Online Tender - Road N.C.B. No. 28 for 2025-26**

**Letter No. : 3075 Dt. : 02.09.2025**

1. Name of the work : **(MMSY-Improvement to existing RD road)**, 2. Total No. of work : **06 Nos. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 28 of 2025-26 | 10.09.2025 at 11.00 A.M. | 25.09.2025 up to 5.00 P.M. | 24.09.2025 up to 5.00 P.M. | 26.09.2025 at 11.00 A.M. | Will be intimated later |

- **Further details can be seen from the website : www.tendersodisha.gov.in**

OIPR-25105/11/0079/2526

Sd./- Chief Construction Engineer, R.W. Circle, Balasore



## INTEGRATED TRIBAL DEVELOPMENT AGENCY, PARALAKHEMUNDI, GAJAPATI, PARALAKHEMUNDI, DIST. : GAJAPATI, ODISHA

Phone/Fax : 06815-222207, Email Id : itdapla@gmail.com

No.CAD-1686

**E-Procurement Notice No : ITDAPKD/04/2025-26**

1. Type of Work : Civil Work (Buildings) 57 Nos.
2. Form of Contract : Percentage Rate
3. Class of Contractor : As mentioned in DTCN
4. Bid Cost : As mentioned in DTCN
5. Time for completion : As per DTCN

| Procurement Officer | E-Procurement Notice No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | ITDAPKD/04/2025-26 | 12.09.2025 (10.00 Hours) | 22.09.2025 (17.30 Hours) | 23.09.2025 At 11.00 hours |

Further details can be seen from the website : www.tendersorissa.gov.in. The authority reserves the right to reject any or all the tenders without assigning any reason thereof.

OIPR-26078/11/0004/2526

**Sd./- Project Administrator, ITDA, Paralakhemundi**



## NATIONAL COMPETITIVE BIDDING THROUGH E-PROCUREMENT

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 08 OF 2025-26**

No.7556 /Dt. 01.09.2025

**No.O-687** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri.
1. Total No. of works : **2 Nos.**, 2. Tender cost of packages : Amount varies from **Rs.57.47 lakh** to **Rs.58.74**, 3. Class of contractor : **As per DTCN**, 4. Period of completion : **6 (Six) Calendar months**, 5. Period of availability of tenders on-line/Date & time of bidding on-line/last date of seeking clarification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-08 | 10.09.2025 at 11.00 A.M. | 24.09.2025 up to 5.00 P.M. | 23.09.2025 up to 01.30 P.M. | 25.09.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "**https://tendersodisha.gov.in**".

OIPR-25065/11/0028/2526

**Sd./- Superintending Engineer, R.W. Division, Puri**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA

(E-mail ID : eemirgd@ymail.com)

**NOTICE INVITING TENDER**

e-Procurement Notice

e-Procurement Notice No. **SEMIDRGD-02/2025-26**

**Letter No.2924 Dated. 06.09.2025**

**No.A-590** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to 2 Nos. of MIPs under ERM, 01 No. of MIP under DPIW in Bissamcuttack Block of Rayagada District and construction of 01 No. of new Check Dam in Rayagada Block of Rayagada District under MATY for the year 2025-26.
2. Total Number of works : 04 (Four) Nos.
3. Estimated cost : Approximately varies from Rs.16.78 lakh to Rs.44.75 lakh
4. Period of completion : Varies from 90 (Ninety) to 150 (One Hundred Fifty Days)
5. Class of Contractor : "D", "C" & "B" Class Contractor
6. Date and time of availability of bid documents in the portal : From 10.00 A.M. of 11.09.2025 to 5.00 P.M. of 20.09.2025
7. Last date/time for receipt of bids in the portal : 5.00 P.M. on 20.09.2025
8. Date of opening of bid : At 11.00 A.M. on 22.09.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersorissa.gov.in

OIPR-32524/11/0025/2526

**Sd./- Superintending Engineer M.I. Division, Rayagada**



## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

**लापता: आवश्यक सूचना**



गुमशुदा मंगल अब्राहम पूर्ति उम्र–73 वर्ष

सर्व साधारण को सूचित किया जाता है कि आवेदन सैमसन पूर्ति के द्वारा अपने पिता मंगल अब्राहम पूर्ति उम्र–73 वर्ष की गुमशुदगी के संबंध में संबंधित थाना सिदगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि गुमशुदा मंगल अब्राहम पूर्ति उम्र–73 वर्ष, पिता–स्व0 सनातन पूर्ति, सा0–म0सं0–बी/79, आजाद पथ, जोन नं0–10, बिरसानगर, पो0–बारीडीह, थाना–सिदगोड़ा, जिला–पूर्वी सिंहभूम, जमशेदपुर जो दिनांक–29.08.2025 की दोपहर समय–करीब 04:00 बजे घर से अयंत्र कहीं चले गये हैं और आज तक वापस नहीं आये हैं। अधिक उम्र की वजह से उन्हे सोचने समझने में दिक्कत और सुनने में लाचार होने की समस्या है। परिवारवालों ने अपने स्तर से काफी खोजबीन किया परन्तु कुछ पता नहीं चल सका। गुमशुदा का हुलिया निम्न प्रकार है :–ऊचाई–करीब 05 फीट, रंग–सांवला, बाल–सफेद, पहनावा–सफेद में नीला धारी वाली हाफ सर्ट, काला पैंट, पैर में चप्पल पहने हुए।

अत: आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, (मु0–01) | : 9431706481 |
| थाना प्रभारी, सिदगोड़ा | : 9431706508 |

वरीय पुलिस अधीक्षक
पूर्वी सिंहभूम, जमशेदपुर

PR 361288 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



## ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ
## Airports Economic Regulatory Authority of India (AERA)

ଭାରତ ସରକାର/Government of India
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩
ଫୋନ୍: ୦୧୧-୨୪୬୯୫୦୪୪

**ସର୍ବସାଧାରଣ ବିଜ୍ଞପ୍ତି**

**ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଅଂଶଧାରକଙ୍କ ପରାମର୍ଶ ବୈଠକ**

ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୫୧(୨)(ଚ)ର ବ୍ୟବସ୍ଥା ଅନୁଯାୟୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟାରେ ଅଛନ୍ତି। ଏ ସଂକ୍ରାନ୍ତରେ ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ତା୧୮।୦୮।୨୦୨୫ରିଖରେ ଏକ ପରାମର୍ଶ ପତ୍ର ସଂ. ୦୩/୨୦୨୫-୨୬ ଜାରି କରିଛନ୍ତି, ଯେଉଁଥିରେ ପ୍ରସ୍ତାବିତ ପ୍ରଦର୍ଶନ ମାନକ ସମେତ ତାହାର ତତ୍ତ୍ୱାବଧାନ ପ୍ରଣାଳୀ ରହିଛି (ଯାହା ଏଇଆର୍‌ଏ ୱେବ୍‌ସାଇଟ୍‌ରେ ୟୁଆର୍‌ଏଲ୍ https://aera.gov.in ରେ ଉପଲବ୍ଧ)।

ପରାମର୍ଶ ପତ୍ରରେ ସମ୍ବଳିତ ରହିଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଅଂଶଧାରକଙ୍କ ବିଚାର ପାଇଁ ଉପସ୍ଥାପନ କରାଯାଇଛି। ଏ ସଂକ୍ରାନ୍ତରେ ୧୦ ସେପ୍ଟେମ୍ବର, ୨୦୨୫ ଅପରାହ୍ନ ୦୧.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଫିଜିକାଲ/ଅନଲାଇନ୍)ରେ ଏକ ଅଂଶଧାରକ ବୈଠକ ନିମ୍ନଲିଖିତ ସ୍ଥାନରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଛି:

**ଇଣ୍ଡିଆନ୍ ଆଭିଏସନ୍ ଏକାଡେମୀ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ -୧୧୦୦୭୦।**

ବିମାନବନ୍ଦର ପରିଚାଳକ, ଏୟାରଲାଇନ୍ସ, ଯାତ୍ରୀ/ଯାତ୍ରୀ ସଂଘ, ସର୍ବସାଧାରଣ, ଶିଳ୍ପ ସଂଘ/ନିକାୟ, କାର୍ଗୋ, ଗ୍ରାଉଣ୍ଡ ହ୍ୟାଣ୍ଡଲିଂ, ଫୁଏଲ୍ ଫାର୍ମ ପାଇଁ ସ୍ୱାଧୀନ ସେବା ପ୍ରଦାନକାରୀ ଭଳି ସମସ୍ତ ଅଂଶଧାରକଙ୍କୁ ଉକ୍ତ ବୈଠକରେ ଯୋଗ ଦେଇ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଉପରୋକ୍ତ ପରାମର୍ଶ ପତ୍ର ଉପରେ ସେମାନଙ୍କର ମୂଲ୍ୟବାନ ମତାମତ/ମନ୍ତବ୍ୟ/ଦୃଷ୍ଟିକୋଣ ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି।

ଅନ୍‌ଲାଇନରେ ଯୋଗ ଦେବା ପାଇଁ ଇଚ୍ଛୁକ ଅଂଶଗ୍ରହଣକାରୀଙ୍କ ପାଇଁ ଅଂଶଧାରକ ବୈଠକ ପୂର୍ବରୁ ଏଇଆର୍‌ଏ ୱେବ୍‌ସାଇଟ୍ (https://aera.gov.in)ରେ "ନ୍ୟୁଜ୍ ଆଣ୍ଡ ଆନାଉନ୍ସମେଣ୍ଟ୍ସ" ଟ୍ୟାବ୍ ଅଧୀନରେ ଲିଙ୍କ୍ ଉପଲବ୍ଧ ହେବ।

CBC 03112/12/0008/2526 ସ୍ୱା./- ସଚିବ, ଏଇଆର୍‌ଏ



## यूनियन बैंक ऑफ इंडिया Union Bank of India

भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧୯, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ପଟିଆ ଶାଖା /** ଋଣଗ୍ରହୀତା: ମେସର୍ସ କେବିବି ଫୁଡ୍ ପ୍ରଡକ୍ଟସ୍ ପ୍ରା. ଲିଃ., ନିର୍ଦ୍ଦେଶକ: **ଶେଖ୍ ମହମ୍ମଦ ସାଦିକ୍**, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, **ଠିକଣା-୧:** ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪, **ଠିକଣା-୨:** ସା: ପ୍ଲଟ୍ ନଂ.: ୨୫, ଖାତା ନଂ.: ୩୧/୬୩, ମୌଜା: ରାମେଶ୍ୱର, ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା / **ନିର୍ଦ୍ଦେଶକ/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନେ: ୧) ଶେଖ୍ ମହମ୍ମଦ ସାଦିକ୍**, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, **୨) ସାଇରା ବିବି**, ସ୍ୱାମୀ: ଶେଖ୍ ଅବ୍‌ଦୁଲ ରଉଫ୍, **୩) ଶେଖ୍ ଅବ୍‌ଦୁଲ ରଉଫ୍**, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪ | ଟ.୮୨,୨୯,୦୮୨.୬୩ + ସେବାବଦ ସୁଧ | ୨୬.୦୫.୨୦୨୫ / ୦୬.୦୯.୨୦୨୫ | **ସମ୍ପତ୍ତି-୧: ସାଇରା ବିବିଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୧/୬୩, ପ୍ଲଟ୍ ନଂ.: ୨୫, **ମୋଟ ଜମିର କ୍ଷେତ୍ର: ଏକର ୦.୧୭୯ ଡିସିମିଲି (୭୭୯୭ ବର୍ଗଫୁଟ)**, ମୌଜା: ରାମେଶ୍ୱର, ଥାନା: ଟାଙ୍ଗି (ନଂ.: ୧୪୭), ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୨୦, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯ ଏବଂ ୩୮, ଦକ୍ଷିଣ: ପ୍ଲଟ୍ ନଂ.: ୨୬ ଏବଂ ୨୦/୨୦୧ (ଶେଖ୍ ଅବ୍‌ଦୁଲ ରଉଫ୍), ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୨୦/୨୦୧ ଏବଂ ପ୍ଲଟ୍ ନଂ.: ୨୪ ଓ ୨୦/୨୦୧ ଉପରେ ଥିବା ରାସ୍ତା, **ସମ୍ପତ୍ତି-୨: ସାଇରା ବିବିଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୩୧/୧୬, ପ୍ଲଟ୍ ନଂ.: ୨୦/୨୦୧, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, ଅନୁରୂପ ଖାତା ନଂ.: ୪, ପ୍ଲଟ୍ ନଂ.: ୨୦, ମୌଜା: ରାମେଶ୍ୱର, ତହସିଲ/ଥାନା: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା |
| **ଶହୀଦ ନଗର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: **୧) ଶ୍ରୀମତୀ ସସ୍ମିତା ପରିଜା, ୨) ଶ୍ରୀ ଓମପ୍ରକାଶ ଭବାନୀଶଙ୍କର ପରିଜା**, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଇ/୧୨୫, ପୋ: ଭିଏସ୍‌ଏସ୍ ନଗର, ବାଣୀ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା- ୭୫୧୦୦୭ / **ଗ୍ୟାରେଣ୍ଟିଦାତା: ଶ୍ରୀ ରବି ନାରାୟଣ ଆଚାର୍ଯ୍ୟ, ଠିକଣା-୧:** କ୍ୱାର୍ଟର ନଂ.: ଏଚ୍‌ସି ୩୪, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୭୫୧୦୦୭, **ଠିକଣା-୨:** ସା/ପୋ: ପିପଳମାଧବ, ଭାୟା: ତିରଣ, ପୋ: ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍-୭୫୪୧୩୭ | ଟ.୧୨,୩୫,୫୬୦.୮୮ + ସେବାବଦ ସୁଧ | ୦୫.୦୪.୨୦୨୫/ ୦୬.୦୯.୨୦୨୫ | ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡବ୍ଲ୍ୟୁଏସ୍ ଓଏସ୍‌ଏଚ୍‌ବି ନଂ.: ଏଇ/୧୨୫, ହାଉସିଂ ସ୍କିମ୍ ଫେଜ୍-୨, ଭିଏସ୍‌ଏସ୍ ନଗର, ମୌଜା: ଗାଡକଣ, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍: ଭୁବନେଶ୍ୱର ଅଧୀନ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଡ୍ରଇଂ ନଂ.: ବିଏସ୍/୧-୦୧/ପିସି, କ୍ଷେତ୍ର: ୬୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏଇ/୧୨୪, ପଶ୍ଚିମ: ହାଉସ୍ ନଂ.: ଏଇ/୧୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୦୯.୨୦୨୫

ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/E-Tender/68, ତା.03.09.2025ରିଖ

**(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ**

**ବିବରଣୀ :** ନୟାଗଡ଼ ଏବଂ ଟାଙ୍ଗିଠାରେ ଗାର୍ଡ ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ ଲେଭେଲ କ୍ରସିଂ ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି ଏବଂ ସଂଯୋଗୀ ସଡ଼କ ମରାମତି/କେନ୍ଦ୍ରୀକୃତ କେବୁଲ୍ ଅଧୀନରେ ଜୋଡାଇବାକୁ କେବୁଲ ଓ ନିଆଁ ଲିଡ଼ ଇତ୍ୟାଦି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 204.44 ଲକ୍ଷ, **EMD : ₹ 2,52,200.00**

**(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ ରେଳପଥସଞ୍ଚାଳନ ବିଭାଗ ଠାରେ ମେସିନ୍ ଦ୍ୱାରା ଭଲା ଯାଇ ଥିବା 50 MM ଆକାରର 50,000 ଘନ ମିଟର ବଲ୍ଲାଷ୍ଟ ଯୋଗାଣ ସହ ଓ ଏହାର ପରିବହନ ଇତ୍ୟାଦି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 865.66 ଲକ୍ଷ, **EMD : ₹ 5,82,800.00**

**(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟିଲ୍ ଗିର୍ଡର ବ୍ରିଜ୍ ଉପରେ ହୁକ୍ ବୋଲ୍ଟ ପାଇଁ ସିଙ୍ଗଲ୍ ପିସ୍ ସ୍ପ୍ରିଂ ସନ୍ନିବେଶିତ ପୁନଃବ୍ୟବହାରଯୋଗ୍ୟ ସେଲ୍ଫ ନଟ୍ (28 MM) M-27 ଯୋଗାଇବା ଏବଂ ଲଗାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 151.14 ଲକ୍ଷ, **EMD : ₹ 2,25,600.00**

**(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 159.61 ଲକ୍ଷ, **EMD : ₹ 2,29,800.00**

ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-566/Q/25-26



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ରାଜଖରସୁଆଁ-ସୋଙ୍ଗାରି-ଗମ୍ହାରିଆ-ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର୍ ରୁଟ୍/୨୫ଟି ଏକ୍ସିଲ୍ ରୁଟ୍ କ୍ୟୁ/ଜିଡି ରୁଟ୍‌ରେ ପୁଶିଂ ପଦ୍ଧତି ଜରିଆରେ ଆର୍‌ସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା। **ଟେଣ୍ଡର ମୂଲ୍ୟ:** ₹୩୬,୯୫,୯୭,୯୧୮.୧୧। **ଇଏମ୍‌ଡି:** ₹୧୯,୯୮,୦୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। **(PR-599)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ **ତା୨୬।୦୯।୨୦୨୫ରିଖ ୧୫.୦୦** ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେଶନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା। (ii) ବିରରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ। **ଟେଣ୍ଡର ମୂଲ୍ୟ:** ₹୭୦,୧୧,୬୨୭.୪୦। **ଅମାନତ ରାଶି:** ₹୧,୪୦,୨୦୦। **ସମାପ୍ତି ଅବଧି:** ୦୬ (ଛଅ) ମାସ। **କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୧,୮୭,୧୫୫.୭୦। **ଅମାନତ ରାଶି:** ₹୨୩,୮୦୦। **ସମାପ୍ତି ଅବଧି:** ୨୪ (ଚବିଶ) ମାସ। **କ୍ର.ସଂ.-୩। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨,୭୮,୫୬,୩୬୮.୫୦। **ଅମାନତ ରାଶି:** ₹୨,୮୯,୩୦୦। **ସମାପ୍ତି ଅବଧି:** ୦୯ (ନଅ) ମାସ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। **(PR-604)**

# ନିରକ୍ଷରତା ଦୂର ନେଇ ମିଳିମିଶି କାମ କରିବାକୁ ପରାମର୍ଶ

**ନବରଙ୍ଗପୁର,୮।୯(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ସଭାଗୃହରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନ ଅଧ୍ୟକ୍ଷ ଡ. ଓମ୍‌କାର ପଟ୍ଟନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ କେଶବ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ମାଝୀ ଜିଲାର ସାକ୍ଷରତା ହାର ବୃଦ୍ଧି କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଜିଲାର ନିରକ୍ଷରତା ଦୂର କରିବା ପାଇଁ ସମସ୍ତେ ମିଳିମିଶି ଆନ୍ତରିକତା ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଶିକ୍ଷାର ଉନ୍ନତି ପାଇଁ ଜିଲା ଶିକ୍ଷାଧିକାରୀ ନେଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ନିରକ୍ଷରତା ଦୂର ପାଇଁ ଘରକୁ ଘର ଯାଇ ଶିକ୍ଷାର ମହତ୍ତ୍ୱ ବୁଝାଇବାକୁ ଡିଇଓ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୁପ୍ତ ପ୍ରସାଦ ନାଗ ପରିଚାଳନା କରିଥିଲେ। ଆଶୁତୋଷ ବେହେରା, ଜି.କରିଷ୍ମା, ପଲ୍ଲବୀ ସିଂ, ବିଜିଳି ଏକ୍କା, ମୂର୍ତ୍ତି କୁମାର ଓ ଅନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ବୈଠକରେ ବିଧାୟକ ଓ ଅନ୍ୟ ଅତିଥିମାନେ।

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ**

## ପୁଣି ନାମ ଲେଖାଇଲେ ୧୪୭୯ ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ର

**ନବରଙ୍ଗପୁର,୮।୯(ସଦାଶିବ ପ୍ରହରାଜ)**

- ଜିଲାରେ ଡ୍ରପ୍ ଆଉଟ୍ ସଂଖ୍ୟା ୧୦,୪୦୮
- ପାପଡ଼ାହାଣ୍ଡିରେ ସର୍ବାଧିକ

ଯଦି ପଢ଼ିବେ ପିଲା, ତେବେ ଆଗକୁ ବଢ଼ିବେ ପିଲା। ଏ କଥା ସମସ୍ତେ ଜାଣିଛନ୍ତି। ତେଣୁ ସରକାର ପିଲାମାନଙ୍କୁ ପାଠ ସହ ଯୋଡ଼ିରଖିବା, ସ୍କୁଲ ଯିବାକୁ ଇଚ୍ଛା କରିବା ପାଇଁ ଅନେକ ଯୋଜନା କରୁଛନ୍ତି। ତଥାପି ମଧ୍ୟ ନବରଙ୍ଗପୁର ଜିଲାରେ ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି। ଏବେ ଜିଲାରେ ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୦ ହଜାର ୪୦୮। କିନ୍ତୁ ଏହି ସଂଖ୍ୟାରେ ମଧ୍ୟ ସଂଶୋଧନ ଆସିବ। ଗୋଟିଏ ବ୍ଲକ୍ ଛାଡ଼ି ଅନ୍ୟ ବ୍ଲକ୍‌ରେ ମଧ୍ୟ ଛାତ୍ରୀଛାତ୍ର ବିଭିନ୍ନ ବିଦ୍ୟାଳୟର ନାମ ଲେଖିଛନ୍ତି। ପରିବାର ସହିତ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଚାଲିଯିବା ଏହି ଡ୍ରପ୍‌ଆଉଟ୍‌ର ପ୍ରମୁଖ କାରଣ। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଡ୍ରପ୍‌ଆଉଟ୍ ସଂଖ୍ୟା କିଭଳି କମିବ ସେଥିପ୍ରତି ଧ୍ୟାନ ଦେବାକୁ ଶିକ୍ଷକ ଓ ଅଧିକାରୀଙ୍କୁ କହୁଛନ୍ତି। ତେବେ ଏପ୍ରିଲରୁ ଏଯାଏ ୧୪୭୯ ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତଥା ପାଠ ପଢ଼ିବା ପାଇଁ ମୁଖ୍ୟ ସ୍ରୋତକୁ ଶିକ୍ଷା ବିଭାଗ ଫେରାଇ ଆଣିଛି।

ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୮୨୦ ଜଣଙ୍କ ନାମ ଲେଖା ହୋଇସାରିଛି। ମଙ୍ଗଳ ବିଭାଗ ବିଦ୍ୟାଳୟ, ଆଇଟିଆଇ, ପଲିଟେକ୍ନିକ୍ କଲେଜ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟରେ ନାମଲେଖା ହୋଇପାରିଛି। ଜିଲାରେ ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ରଙ୍କୁ ଚିହ୍ନଟକରି ବିଦ୍ୟାଳୟକୁ ଫେରାଇଆଣିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆର୍‌ସିମାନେ ଦାୟିତ୍ୱ ନେଇଛନ୍ତି। ୭ ବର୍ଷରୁ ୧୮ ବର୍ଷ ବୟସ ସୀମା ମଧ୍ୟରେ ଜିଲାରେ ୧୦ ହଜାର ୪୦୮ ଜଣ ଡ୍ରପ୍‌ଆଉଟ୍ ଛାତ୍ରୀଛାତ୍ର ଅଛନ୍ତି। ଜିଲାର ପାପଡ଼ାହାଣ୍ଡି ବ୍ଲକ୍‌ରେ ଏହି ସଂଖ୍ୟା ଅଧିକ। ନବରଙ୍ଗପୁର ବ୍ଲକ୍‌ରେ ୧୦୬୧, କୋଷଗୁମୁଡ଼ାରେ୧୧୮୦, ଡାବୁଗାଁରେ ୧୦୮୨, ପାପଡ଼ାହାଣ୍ଡି ୧୫୩୩, ନନ୍ଦାହାଣ୍ଡିରେ ୬୭୩, ଝରିଗାଁରେ ୧୩୮୩, ଉମରକୋଟରେ ୪୬୧, ରାଇଘରରେ ୯୫୦, ଚାନ୍ଦାହାଣ୍ଡିରେ ୧୧୧୧ ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ୯୭୪ ଜଣ ଡ୍ରପ୍‌ଆଉଟ୍ ବୋଲି ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏଥିପାଇଁ କେବଳ ଶିକ୍ଷା ବିଭାଗକୁ ଦାୟୀ କରିବା ପରିବର୍ତ୍ତେ ଅଭିଭାବକ ଓ ଛାତ୍ରୀ ଛାତ୍ର ସଚେତନ ହେବା ଆବଶ୍ୟକତା ରହିଛି । ଏନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ୧୪୭୯ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନାମ ଲେଖାଯାଇଛି। ଆଉ ୧ ମାସ ପର୍ଯ୍ୟନ୍ତ ନାମଲେଖା ହେବ।

## କଣ୍ଟାସାରୁ ଗ୍ରାମକୁ ନିଶାମୁକ୍ତ କରିବା ଦାବି


ପାପଡ଼ାହାଣ୍ଡି ଅବକାରୀ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ପାପଡ଼ାହାଣ୍ଡି,୮।୯(ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ପଞ୍ଚାୟତ କଣ୍ଟାସାରୁ ଗ୍ରାମକୁ ନିଶାମୁକ୍ତ କରିବା ନେଇ ସୋମବାର ଗ୍ରାମବାସୀ ଅବକାରୀ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଦେଶୀ ମଦ ରନ୍ଧା କାରବାର ବଢ଼ିଚାଲିଛି। ଏଥିରେ ନିଶା ବଢ଼ିବା ପାଇଁ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ଅପମିଶ୍ରଣ କରାଯାଉଛି। ତାହାକୁ ପିଇ ଲୋକମାନେ ଅସାମାଜିକ କାର୍ଯ୍ୟାକଳାପ କରୁଛନ୍ତି। ଗଣ୍ଡଗୋଳ ବଢୁଛି। ଲୋକେ ଅପମିଶ୍ରିତ ମଦ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ଗ୍ରାମରେ ବୈଠକ କରାଯାଇ ମଦ ରାନ୍ଧୁଥିବା ଲୋକଙ୍କୁ ମଦ ନ ରାନ୍ଧିବା ଲାଗି କୁହାଯାଇଛି। ତଥାପି ମଧ୍ୟ ସେମାନେ ଦେଶୀ ମଦ ରାନ୍ଧି ବ୍ୟାବସାୟ କରୁଛନ୍ତି। ତେଣୁ ଗ୍ରାମକୁ ନିଶାମୁକ୍ତ କରିବା ଲାଗି ଦାବିପତ୍ରରେ ଜଣାଇଛନ୍ତି। ମଦ ରାନ୍ଧି ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ବୁଝାଇବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଯଦି ସେମାନେ ଏ ସବୁରୁ ନିବୃତ୍ତ ନ ହୁଅନ୍ତି ତା'ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅବକାରୀ ସବ୍ ଇନ୍ସପେକ୍ଟର ସମୀର ସ୍ୱାଇଁ ଦାବିପତ୍ର ଗ୍ରହଣ କରିଥିଲେ।

## ତେଜିଲା ଧୋଡ୍ରାକୁ ବ୍ଲକ୍ ମାନ୍ୟତା ଦାବି

**ଧୋଡ୍ରା, ୮।୯(ଗଣେଶ ଚନ୍ଦ୍ର ଛତ୍ର)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍‌ର ଧୋଡ୍ରାକୁ ବ୍ଲକ୍ ମାନ୍ୟତା ଦାବି ଜୋର ଧରିଛି। ୧୪ ପଞ୍ଚାୟତର ସରପଞ୍ଚ ସମେତ ତୃଣମୂଳ ପ୍ରତିନିଧିମାନେ ସୋମବାର ପୂର୍ବାହ୍ନ ୧୦ଟାରେ ଏକାଠି ହୋଇ ସ୍ଥାନୀୟ ଦୁର୍ଗା ମଣ୍ଡପରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନାକରି ବୈଠକ ଆରମ୍ଭ ହୋଇଥିଲା। ସ୍ଥାନୀୟ ବିଧାୟକ ଏବଂ ଏମ୍‌ପିଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବା ନେଇ ଆଲୋଚନା ହୋଇଥିଲା।

ଅନେକ ପଞ୍ଚାୟତ ୨୫ ରୁ ୫୦କି.ମି. ଦୂରରେ ଅବସ୍ଥିତ ଥିବା ହେତୁ ସରକାରଙ୍କ ଯୋଜନା ସମ୍ବନ୍ଧରେ କିଛି ଜାଣି ହେଉନାହିଁ। ଫଳରେ ସେମାନେ ଅବହେଳିତ ଅବସ୍ଥାରେ ରହି ଆସୁଛନ୍ତି। ଜମିଜମା ମକଦ୍ଦମା, ବରିଷ୍ଠ ନାଗରିକଙ୍କ ପେନ୍‌ସନଜନିତ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏଥିପାଇଁ ପ୍ରାୟ ୪୦ କିଲୋମିଟର ଅତିକ୍ରମ କରିବାକୁ ପଡୁଛି। ବର୍ତ୍ତମାନ ସରକାର ପଞ୍ଚାୟତ ସମିତିକୁ ଦୂରତା, ଯାତାୟାତ ଦୃଷ୍ଟିରୁ ପୁନର୍ଗଠନ କରିବାକୁ ଚିନ୍ତା କରିଛନ୍ତି। ଏଣୁ ଧୋଡ୍ରା ପଞ୍ଚାୟତର କେନ୍ଦ୍ରସ୍ଥଳୀ ଏବଂ ଗମନାଗମନ ସୁବିଧା ଦୃଷ୍ଟିରୁ ଧୋଡ୍ରାକୁ ନୂତନ ବ୍ଲକ୍ କରିବାକୁ ଦାବି ହେଉଛି। ଝରିଗାଁ ବ୍ଲକ୍‌ର ଧାମନାଗୁଡ଼ା, ଚାଟିଗୁଡ଼ା, ବକଡ଼ାବେଡ଼ା, ଡଙ୍ଗରିଗୁଡ଼ା, ଧୋଡ୍ରା, ଭିକ୍ଷା, କାନାକୋଟ ଓ ଉମରକୋଟ ବ୍ଲକର କାରାଗାଁ, ମୁଣ୍ଡିଗୁଡ଼ା, ସିଙ୍ଗିସାରୀ, ରାଜପୁର, ଭଣ୍ଡାରୀଗୁଡ଼ା, ତୋରେଙ୍ଗା ଏବଂ ଡାବୁଗାଁ ବ୍ଲକ୍‌ର ନନ୍ଦପୁରା, ଘୋଡ଼ାଖୁଣ୍ଟା ପଞ୍ଚାୟତ ପ୍ରମୁଖ ମିଶାଇବାକୁ ଦାବି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସରପଞ୍ଚ ସଂଘ ବିଧାୟକ ନରସିଂହ ଭତରାଙ୍କୁ ଦାବିପତ୍ର ପ୍ରଦାନ କରିଛି। ନୂତନ ବ୍ଲକ୍ କ୍ରିୟାନୁଷ୍ଠାନ ସମିତି ଏମ୍‌ପି ପ୍ରତିନିଧିଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଏହି ଅଞ୍ଚଳର ଉନ୍ନତି ଏବଂ ବିକାଶ ପାଇଁ କାର୍ଯ୍ୟ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ବୋଲି ବୋଲି ଝରିଗାଁ ବିଧାୟକ ନରସିଂହ ଭତରା କହିଛନ୍ତି। ଏହି ଅବସରରେ ଏମ୍‌ପିଙ୍କ ଝରିଗାଁ ବ୍ଲକ୍ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଉଲଧର ମାଝୀ, ସାମାଜିକ କର୍ମୀ କେଦାରେଶ୍ୱର ପଟ୍ଟନାୟକ, ବଂଶୀଧର ଭୂୟାଁ, ହରି ପୂଜାରୀ, ମଙ୍ଗଳା ମାଝୀ, ଭାଗୀରଥି ନାୟକ, ମନୋଜ ପାତ୍ର, ଅର୍ଜ୍ଜୁନ ସାମରଥ, ସୁକାଲୁ ଗଣ୍ଡ, ଅରବିନ୍ଦ ଗୁପ୍ତା, ବେଣୁଧର ମାଝୀ ପ୍ରମୁଖଙ୍କ ସମେତ ୧୪ ପଞ୍ଚାୟତର ତୃଣମୂଳ ସ୍ତରରୁ ବହୁ ଜନତା ଉପସ୍ଥିତ ଥିଲେ।


ଧୋଡ୍ରାକୁ ବ୍ଲକ୍ ମାନ୍ୟତା ଦାବି ନେଇ ଆୟୋଜିତ ବୈଠକ ପୂର୍ବରୁ ଅଞ୍ଚଳବାସୀ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ଅଳ୍ପବର୍ଷାରେ ଘରେ ପଶିଲା ପାଣି



ରାସ୍ତାରେ ବର୍ଷା ପାଣି ।

**ରାଇଘର, ୮।୯ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ହାଟଭରଣ୍ଡି ପଞ୍ଚାୟତ ସୁନାରପାରା ଗ୍ରାମରେ ଅଳ୍ପ ବର୍ଷାରେ ପାଣି ଘର ଭିତରେ ପଶିଯାଇଛି। ଫଳରେ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଏହି ଗାଁରେ ୩୫୦ ପରିବାର ରହିଥିବାବେଳେ ୧୪୦୦ରୁ ଅଧିକ ଲୋକ ବସବାସ କରିଥିବା ଜଣାପଡ଼ିଛି। ବର୍ଷା ଯୋଗୁ ଅଧିକାଂଶ ପରିବାର ଲୋକ ଘର ବାହାରେ ଠିଆହେଇଥିବା ଦେଖିବାକୁ ମିଳିଥିଲା। ଗ୍ରାମରେ ନାଳ ବ୍ୟବସ୍ଥା ନ ଥିବାରୁ ଯିବା ଆସିବା ରାସ୍ତା ଉପରେ ପାଣି ଯାଇ ଲୋକଙ୍କ ଘର ଭିତରେ ପଶିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ନାଳର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଆପ୍ ଛାଡିଲେ ବୁଲୁ ଶର୍ମା

**ଜୟପୁର,୮।୯ (ପବନ ପାଣିଗ୍ରାହୀ)**


ଗୌରୀ ଚରଣ ଦେବଶର୍ମା

ଜୟପୁର ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ଜୟପୁର ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଗୌରୀ ଚରଣ ଦେବଶର୍ମା ଓରଫ୍ ବୁଲୁ ଶର୍ମା ସୋମବାର ଦଳ ଛାଡିଥିବା ଲିଖିତ ଭାବେ ଜଣାଇଛନ୍ତି। ସେ ବିଜେଡିରେ ଅନେକ ଦିନ କାମ କରିବା ପରେ ଜୟପୁରର ବିକାଶ ନିମନ୍ତେ ଆପ୍‌ରେ ଯୋଗ ଦେଇଥିଲେ। କିନ୍ତୁ ବିଧାନସଭା ନିର୍ବାଚନରେ ପରାସ୍ତ ହେବା ପରେ ସେ କୌଣସି ଦଳରେ ନ ରହି ସହରର ବିକାଶ କରିବେ ବୋଲି ନିଷ୍ପତି ନେଇଛନ୍ତି। ଛାତ୍ର ଜୀବନରୁ ମହାବିଦ୍ୟାଳୟର ସଭାପତି ହୋଇ ସହରର ଉନ୍ନୟନ ମୂଳକ କାର୍ଯ୍ୟ ଯେପରି କରି ଆସୁଥିଲେ ସେହିପରି କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଆଗାମୀ ଦିନରେ ମଧ୍ୟ ସେ ସହରର ବିକାଶ ପାଇଁ ଛାତ୍ରୀଛାତ୍ର ତଥା ଓକିଲମାନଙ୍କୁ ଏକଜୁଟ କରି କାର୍ଯ୍ୟ ହାସଲ କରିବେ ବୋଲି ସୂଚନା ଦେଇଛନ୍ତି।

## କୋଟପାଡରେ ୬୭ ଅଭିଯୋଗ ଶୁଣିଲେ ଅଧିକାରୀ

**କୋଟପାଡ଼, ୮।୯(ରାଜଶେଖର ରାଓ)**

କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହେଇଯାଇଛି। ଏଥିରେ କୋରାପୁଟ ଜିଲାପାଳ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଯୋଗ ଦେଇପାରି ନ ଥିଲେ। ଉକ୍ତ ଅଭିଯୋଗରେ ଏଡିଏମ୍ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଉପସ୍ଥିତ ଥିବା ସହ ସ୍ଥାନୀୟ ତହସିଲଦାର ଟୁକେଲ ସେଠୀ, ବିଡ଼ିଓ ସନ୍ଧ୍ୟାରାଣୀ ସମରଥ, ସମିତି ଅଧକ୍ଷା କମଳା ପୂଜାରୀ, ଏନ୍ଏସି ଅଧକ୍ଷ ଏମ୍. ଶଙ୍କର ରାଓ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିବା ବେଳେ ବ୍ୟକ୍ତିଗତ ୪୪ ଓ ସାମୁହିକ ୨୩ ମୋଟ ୬୭ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତ ଓ ଗ୍ରାମାଞ୍ଚଳ ରାସ୍ତାଘାଟ ନିର୍ମାଣ ସହ ଚଳିତ ବର୍ଷ ଚାଷୀଙ୍କୁ ଠିକ୍ ସମୟରେ ସାର ନ ମିଳିବା, ପାନୀୟ ଜଳଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଦିନକୁଦିନ ବିଗୁଡୁଥିବା ନେଇ ଲୋକେ ଅଭିଯୋଗ କରିଥିଲେ । ଗ୍ରାମାଞ୍ଚଳର ୧୩ ସ୍ୱୟଂ ସହାୟକ ଗୋଷ୍ଠୀକୁ ୭୫ ଲକ୍ଷ ୭୫ ହଜାର ଟଙ୍କା ଋଣ ମାଧ୍ୟମରେ ଯୋଗାଇ ଦିଆଯାଇଛି।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଲେସ ମହନ୍ତ, ଥାନା ଅଧିକାରୀ ପରମାନନ୍ଦ ସୁନାନୀ, ଆଇଟଡିଏ କନିଷ୍ଠ ଯନ୍ତ୍ରୀ ଚୈତନ୍ୟ ବାସକି, ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟନାରୟଣ ସେଠୀ, ସିଡିପିଓ ଭାରତୀ ମହାନ୍ତି, ଆରଡ଼ି ଯନ୍ତ୍ରୀ ବିପିନ ଟାକ୍ରୀ ଓ ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

## ସ୍କୁଲ, ଛାତ୍ରାବାସରେ ଅଧିକାରୀଙ୍କ ତଦାରଖ


ସ୍କୁଲରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ନନ୍ଦପୁର/ପାଡୁଆ, ୮।୯ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)**

**ଅନ୍ତେବାସୀ ଛାତ୍ରଙ୍କ ମାରପିଟ ଘଟଣା**

ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ସଦର ମହକୁମା ସ୍ଥିତ ଛାତ୍ରାବାସରେ ପଞ୍ଚମଶ୍ରେଣୀ ଛାତ୍ରଙ୍କ ମାଡ଼ରେ ପ୍ରଥମଶ୍ରେଣୀ ଛାତ୍ର ଗୁରୁତର ଘଟଣାର ଯାଞ୍ଚ ପାଇଁ ସୋମବାର ବିଡିଓ ଦୁର୍ଗା ପ୍ରସାଦ ଦୋରା, ଏବିଇଓ ମମତାଜ ଗମାଙ୍ଗ, ସିଆରସିସି ମନୋଜ ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସ କେତନ ବେହେରା ପ୍ରମୁଖ ସ୍କୁଲ ଓ ଛାତ୍ରାବାସରେ ସ୍ଥିତି ପରଖି ଥିଲେ। ପ୍ରଧାନଶିକ୍ଷକ ମାଲେସ ଶବର, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ରୋଷେୟା ସିସିଏ, ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ୨ଜଣ ଶିକ୍ଷକ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଛାତ୍ରାବାସରେ ଥିବା ଆନୁଷଙ୍ଗିକ ଅସୁବିଧା ଯଥା ଗଳି ଆଲୁଅ, ପାନୀୟଜଳ ବ୍ୟବସ୍ଥା, ଅତିରିକ୍ତ ଶ୍ରେଣୀଗୃହ, ରୋଷେଇ ଗୃହ, ଖାଇବା କକ୍ଷ, ଶୌଚାଳୟ ଓ ସୁରକ୍ଷା ପାଚେରୀ ଆଦି ଭିତ୍ତିଭୂମିର ବିକାଶ କରିବାକୁ ଜିଲାପାଳ ଓ ଡିପିଇପି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।

## ୨ ଧୂଆଁପତ୍ର ଦୋକାନରେ ଚଢ଼ାଉ, ଗୋଟିଏ ଗୋଦାମ ସିଲ୍

**ଉମରକୋଟ, ୮।୯(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସନ୍ଧ୍ୟାରେ ଉମରକୋଟ ପୋଲିସ ଓ ଅବକାରୀ ବିଭାଗ ମିଳିତଭାବେ ଝରିଗାଁ ରାସ୍ତାରେ ଥିବା ଭି. ଗୋପୀ ଓ ନନ୍ଦଲାଲ ଗୁପ୍ତାଙ୍କ ଦୋକାନ ଉପରେ ଚଢ଼ାଉ କରି ବିପୁଳ ପରିମାଣର ନିଶାଦ୍ରବ୍ୟ ଧୂଆଁପତ୍ର ଜବତ କରିଛନ୍ତି। ଉକ୍ତ ଦୋକାନ ୨ଟିରେ ବିନା ଲାଇସେନ୍ସରେ ଧୂଆଁ ପତ୍ର ବିକ୍ରୀ ଚାଲିଥିବା ପୋଲିସ ଓ ଅବକାରୀ ବିଭାଗ ପାଖରେ ଖବର ଥିଲା। ଭି. ଗୋପୀଙ୍କ ଦୋକାନରୁ ୧୪୮ କେ.ଜି. ଓ ନନ୍ଦଲାଲ ଗୁପ୍ତାଙ୍କ ଦୋକାନରୁ ୧୬୬ କେ.ଜି. ଧୂଆଁପତ୍ର ଜବତ କରାଯାଇଛି। ସେହିଭଳି ହାଟପଦାସ୍ଥିତ ଗୋଟିଏ ଧୂଆଁପତ୍ର ଗୋଦାମ ମଧ୍ୟ ସିଲ୍ କରାଯାଇ ଥିବା ଏସ୍‌ଡିପିଓ ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ସମୟରେ ଉମରକୋଟ ଥାନାଧିକାରୀ ରମାକାନ୍ତ ସାଏ, ଏସ୍‌ଆଇ ଅକ୍ଷୟ ମିଶ୍ର, ଶିବଜି ପଣ୍ଡା ଓ ସୌମେନ୍ଦ୍ର ସେଠ୍ ଓ ଅବକାରୀ ବିଭାଗ ଇନ୍ସପେକ୍ଟର ରଞ୍ଜୁଲତା ବାରିକଙ୍କ ସମତେ ଅନ୍ୟ ଅବକାରୀ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସାର ଅଭାବ, ନନ୍ଦପୁର ବ୍ଲକ ଚାଷୀଙ୍କ ଅସନ୍ତୋଷ

**ନନ୍ଦପୁର, ୮।୯ (ତୁଷାର କାନ୍ତ ମହାନ୍ତି)**

ଚାଷ ପାଇଁ ପାଗ ଅନୁକୂଳ ଥିବାବେଳେ ନନ୍ଦପୁର ବ୍ଲକ ଅଞ୍ଚଳରେ ସାରର ଅଭାବ ଚାଷୀଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି। ଯାହାକୁ ଦେଖି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣା ବ୍ଲକ ସଦର ମହକୁମାରେ ଥିବା ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ଯାଞ୍ଚ କରିଛନ୍ତି। ମା ମଙ୍ଗଳା (ହୋଲସେଲ) ଫର୍ଟିଲାଇଜର, ଶର୍ମା ସିଡ୍ ଷ୍ଟୋରର ଖୁଚୁରା ଦୋକାନ ଓ ଗୋଦାମ ଗୃହ ଯାଞ୍ଚ କରିଥିଲେ। କୋଉଠି ହେଲେ ୟୁରିଆ ସାର ନ ଥିବା ଦେଖି ଚାଷୀଙ୍କ ଅସନ୍ତୋଷତାରେ ପ୍ରମାଣ ଥିବା ପ୍ରକାଶ କରିଥିଲେ। ଉପସ୍ଥିତ କୃଷି ଅଧିକାରୀ ଏଓ ଲିଙ୍ଗରାଜ ଚୌଧୁରୀଙ୍କୁ ସାର କେବେ ଦୋକାନୀଙ୍କ ନିକଟରେ ଉପଲବ୍ଧ ହେବ ଓ ଚାଷୀଙ୍କୁ କେବେ ମିଳିବ ପଚାରିଥିଲେ। ସାରର ଅଭାବୀ ଓ ଆବଶ୍ୟକତା ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଆଗୁଆ ସୂଚନା ଦିଆଯାଇଛି। ଦିନେ ଦୁଇ ଦିନ ମଧ୍ୟରେ ୟୁରିଆ ସାର ନନ୍ଦପୁର ଲ୍ୟାମ୍ପସ, ହୋଲସେଲ ଦୋକାନ ଓ ଖୁଚୁରା ସାର ଦୋକାନରେ ପହଞ୍ଚିବ ବୋଲି ସେ ସୂଚନା ଦେଇଥିଲେ। ତହସିଲଦାର ମହାରଣା ଘଟଣା ସମ୍ପର୍କରେ ଜିଲାପାଳ ଓ ଉପଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଥିଲେ।

କୃଷି ବିଭାଗ ଓ ଉଦ୍ୟାନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ନନ୍ଦପୁର ବ୍ଲକ ଅଞ୍ଚଳରେ ସମୁଦାୟ ୨୪୬୫୨ ହେକ୍ଟର ଚାଷ ଜମିରେ ବର୍ତ୍ତମାନ ଚାଷୀ ଧାନ, ମାଣ୍ଡିଆ, ଅଳସି, ଆଳୁ, ଅଦା, ମକା ଓ ଅନ୍ୟ ପନିପରିବା ଚାଷ କରିଛନ୍ତି। ସରକାର ୟୁରିଆ ସାର ବସ୍ତା ୨୬୬ ଟଙ୍କା ୫୦ ପଇସା ଓ ନାନୋ ଲିକ୍ୟୁଡ ସହ ୫୦୦ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। ସେହିଭଳି ଡିଏପି ବସ୍ତା ୧୩୫୦ ଟଙ୍କା, ଏମଓପି ବସ୍ତା ୧୮୦୦ ଟଙ୍କା, ୨୦-୨୦ ସାର ବସ୍ତା ୧୪୦୦ ଟଙ୍କା ୨୮-୨୮ ସାର ବସ୍ତା ୧୭୫୦ ଟଙ୍କା ଓ ୧୬-୧୬ ସାର ବସ୍ତା ୧୬୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସୁଧା ନନ୍ଦପୁର ବ୍ଲକ ମା ମଙ୍ଗଳା ହୋଲସେଲ ଦୋକାନକୁ ୧୧୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ଆସିଥିବା ବେଳେ ତାହା ନନ୍ଦପୁର, ଲମତାପୁଟ, ସେମିଳିଗୁଡ଼ା ଓ ପଟ୍ଟାଙ୍ଗି ବ୍ଲକର ଖୁଚୁରା ଦୋକାନ ମାଧ୍ୟମରେ ବିକ୍ରି କରାଯାଇଛି। ବ୍ଲକରେ ଥିବା ଖୁଚୁରା ଦୋକାନୀ ମାନେ ଜିଲାରେ ଥିବା ଅନ୍ୟ ହୋଲସେଲରଙ୍କଠାରୁ ୧୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ଆଣି ବିକ୍ରି କରିଛନ୍ତି।

ନନ୍ଦପୁର ଓ ପାଡୁଆ ଲ୍ୟାମ୍ପସ ମାଧ୍ୟମରେ ୧୫୭.୫ ମେଟ୍ରିକ୍ ଟନ୍ ୟୁରିଆ ସାର ଚାଷୀଙ୍କୁ ବିକ୍ରି କରାଯାଇଛି। ତେଣୁ ନନ୍ଦପୁର ବ୍ଲକ ଚାଷୀଙ୍କ ନିମନ୍ତେ ୟୁରିଆ ସାରର ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇଛି। ଅଧିକ ୨୦୦ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକତା ଥିବା ୨ ବିଭାଗ ତରଫରୁ କୁହାଯାଇଛି।

**ତହସିଲଦାରଙ୍କ ସାର ବିକ୍ରୟକେନ୍ଦ୍ର ଯାଞ୍ଚ**



## କଫିଚାଷ ପାଇଁ ସରକାରୀ ଜମି ବେସରକାରୀ ଉଦ୍ୟୋଗୀଙ୍କୁ ଲିଜ୍‌ରେ ଦିଆଯାଇପାରିବନି

**କୋରାପୁଟ,୮।୯ (ଅମିତାଭ ବେହେରା)**

**ରାଜ୍ୟପାଳଙ୍କ ୨ଦିନିଆ କୋରାପୁଟ ଜିଲା ଗସ୍ତ**

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କୋରାପୁଟ ଜିଲାକୁ ୨ଦିନିଆ ଗସ୍ତରେ ସୋମବାର ଆସି ପହଞ୍ଚିଛନ୍ତି। ରାଜ୍ୟପାଳ ଡ. ହରିବାବୁ ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କୋରାପୁଟ ଜିଲାପାଳ ମନୋଜ ସତ୍ୟୱାନ ମହାଜନ, ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲାପାଳ ଆକ୍କାଭରମ ଶଶ୍ୟା ରେଡ୍ଡୀ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ କୋରାପୁଟ କଫି ବୋର୍ଡରେ ପହଞ୍ଚି କଫି ଚାଷୀଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱ ଦରବାରରେ କୋରାପୁଟ କଫି ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଥିବାବେଳେ ଜିଲାରେ ବର୍ତ୍ତମାନ ୪ ହଜାର ହେକ୍ଟର ଜମିରେ କଫି ଚାଷ ହେଉଛି। କଫି ଚାଷ ପାଇଁ ସରକାରୀ ଜମିକୁ ବେସରକାରୀ କଫି ଉଦ୍ୟୋଗୀଙ୍କୁ ଲିଜ୍‌ରେ ପ୍ରଦାନ କରାଯାଇପାରିବ ନାହିଁ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କଫି ବୋର୍ଡରେ ଅଧିକାରୀ ଉପେନ୍ଦ୍ର ସାହା ଓ ଜିଲାର କଫି ଗ୍ରୋୟର ଆସୋସିଏଶନର ସଦସ୍ୟଙ୍କ ସହ ଆଲୋଚନାବେଳେ ରାଜ୍ୟପାଳ ଏହା ପ୍ରକାଶ କରିଥିଲେ। ଜିଲାର ଆଦିବାସୀ ଚାଷୀ କଫି ଚାଷ କରି କିପରି ସ୍ୱାବଲମ୍ବୀ ହେବେ ଓ ତାଙ୍କର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ସେ ନେଇ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଏ ଦିଗରେ ଜିଲାପାଳ, କଫି ବୋର୍ଡ ଓ କଫି ବିଭାଗ ପଦକ୍ଷେପ ନେବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ କୋରାପୁଟ କଫି ବୋର୍ଡରେ ବୁଲି କଫି ଗଛ ଦେଖିବା ସହ କୋରାପୁଟ କଫି ସ୍ୱାଦର ମଜା ନେଇଥିଲେ।

ପରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ରାଜ୍ୟପାଳ ଦାମନଯୋଡ଼ି ନାଲ୍‌କୋ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନାଲ୍‌କୋ ନବରତ୍ନଠାରୁ ମହା ରତ୍ନରେ ରୂପାନ୍ତରିତ ହେବାକୁ ପ୍ରସ୍ତୁତି ହେଉଥିବା ବେଳେ ଏହାର ସ୍ଥିତି ପଚାରି ବୁଝିବା ସହ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତୀକରଣ ବିଷୟରେ ବୁଝିଥିଲେ। ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଅଧିକାରୀଙ୍କ ସହ ଆଲୋଚନା କରି ସାସ୍ଥ୍ୟସେବା ଓ ଭିତ୍ତିଭୂମି ସମ୍ପର୍କରେ ବୁଝିଥିଲେ। ଅବିଭକ୍ତ କୋରାପୁଟ ଜିଲା ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ପରେ କୋଟସ ଅଧିକାରୀଙ୍କ ସହ ବୈଠକ କରିଥିଲେ। ସିଡ୍ ରାଣୀ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଓ ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କ ସହ ଆଲୋଚନା କରିବା ସହ ମୁଦ୍ରା ହିତାଧିକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ସନ୍ଧ୍ୟାରେ ରାଜ୍ୟପାଳ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ପରେ ବେଢ଼ା ପରିଦର୍ଶନ କରିଥିଲେ। କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ, କଫି ବୋର୍ଡ ବରିଷ୍ଠ ସମ୍ପର୍କ ଅଧିକାରୀ ଉପେନ୍ଦ୍ର କୁମାର ସାହା,ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟପାଳଙ୍କୁ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସମ୍ମାନିତ କରୁଛନ୍ତି ।

# ପାସେଞ୍ଜର ବର୍ଗରେ ୦.୯୩%, ଦୁଇ ଚକିଆ ବର୍ଗରେ ୨.୧୮% ବୃଦ୍ଧି

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)



ଭାରତର ଅଟୋମୋବାଇଲ ବଜାର ୨୦୨୫ ଅଗଷ୍ଟରେ ସାମାନ୍ୟ ବୃଦ୍ଧି ହାସଲ କରିଛି। ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଯାନବାହନ ରିଟେଲ ବିକ୍ରି ୨.୮୪% ବୃଦ୍ଧି ପାଇ ୧୯,୬୪,୫୪୭ ୟୁନିଟରେ ପହଞ୍ଚିଛି। ୨୦୨୪ ଏହି ସମୟରେ ଏହା ୧୯,୧୦,୩୧୨ ୟୁନିଟ ଥିଲା। ପାସେଞ୍ଜର ଯାନ ବର୍ଗରେ ମାତ୍ର ୦.୯୩% ବୃଦ୍ଧି ଦେଖାଯାଇଛି। ଅଗଷ୍ଟରେ ଏହି ବର୍ଗରେ ୩,୨୩,୨୫୬ ୟୁନିଟ ବିକ୍ରି ହୋଇଛି, ଯାହା ଗତବର୍ଷ ୩,୨୦,୨୯୧ ୟୁନିଟ ତୁଳନାରେ ଅଳ୍ପ ଅଧିକ। ମାସ ଆରମ୍ଭରେ ଅନେକ ଲୋକ ବୁକିଂ କରିଥିବାବେଳେ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ଅନେକ ଗ୍ରାହକ ମୂଲ୍ୟ ହ୍ରାସର ଆଶାରେ ସେପ୍ଟେମ୍ବର ପର୍ଯ୍ୟନ୍ତ କିଣାକିଣି ସ୍ଥଗିତ ରଖିଛନ୍ତି। ଦୁଇଚକିଆ ଯାନ ବିକ୍ରି ଅଗଷ୍ଟରେ ୧୩,୭୩,୬୭୫ ୟୁନିଟରେ ପହଞ୍ଚିଛି। ଏହା ଗତ ବର୍ଷର ୧୩,୪୪,୩୮୦ ୟୁନିଟ ତୁଳନାରେ ୨.୧୮% ଅଧିକ। ଓନାମ ଓ ଗଣେଶ ଚତୁର୍ଥୀ ଆଦିରେ ବିକ୍ରି ବଢ଼ିଥିଲା। ମାତ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଗ୍ରାମାଞ୍ଚଳରେ ବ୍ୟବସାୟକୁ ପ୍ରଭାବିତ କରିଛି। ଏହା ସହ ଲୋକପ୍ରିୟ ସ୍କୁଟର ମଡେଲର ସୀମିତ ଯୋଗାଣ ମଧ୍ୟ ବିକ୍ରିକୁ ହ୍ରାସ କରିଛି। ବାଣିଜ୍ୟିକ ଯାନ ବର୍ଗରେ ୮.୫୫% ବୃଦ୍ଧି ସହ ୭୫,୫୯୨ ୟୁନିଟ ବିକ୍ରି ହୋଇଛି। ଏହା ଗତବର୍ଷ ୬୯,୬୩୫ ୟୁନିଟ ଥିଲା। ମାତ୍ର ତିନି ଚକିଆ ଯାନ ବିକ୍ରି ୨.୨୬% ହ୍ରାସ ପାଇ ୧,୦୩,୧୦୫ ୟୁନିଟରେ ପହଞ୍ଚିଛି। ଏହା ଗତବର୍ଷ ୧,୦୫,୪୯୩ ୟୁନିଟ ଥିଲା। ଏ ଅବସରରେ ଫାଡା ଅଧକ୍ଷ ସି.ଏସ. ବିଗ୍ନେଶ୍ୱର କହିଛନ୍ତି, ଅଗଷ୍ଟରୁ ପାର୍ବଣ ଋତୁର ଆରମ୍ଭ ହୋଇଛି। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଗ୍ରାହକମାନେ ଉତ୍ସାହ ଦେଖାଇ ବହୁ ସଂଖ୍ୟାରେ ବୁକିଂ କରିଛନ୍ତି। ମାତ୍ର ଜିଏସ୍‌ଟି ୨.୦ ସଂସ୍କାର ଯୋଗୁ ଗ୍ରାହକଙ୍କ କିଣାକିଣି ଧୀମା ପଡ଼ିଛି, କାରଣ ସେମାନେ ସେପ୍ଟେମ୍ବର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହୁଁଛନ୍ତି। ସେ ଜିଏସ୍‌ଟି ୨.୦ ସଂସ୍କାରକୁ ପ୍ରଶଂସା କରି କହିଛନ୍ତି, ଏହା ଜନସାଧାରଣଙ୍କୁ ପ୍ରାଧାନ୍ୟ ଦେଇ ଦୁଇଟି ସ୍ଲାବ ସହ ଟିକସ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବ। ଫାଡା ଅନୁମାନ କରିଛି, ସେପ୍ଟେମ୍ବରର ପ୍ରଥମ ପର୍ଯ୍ୟାୟରେ ଶ୍ରାଦ୍ଧ ପକ୍ଷ ଓ ଜିଏସ୍‌ଟି ସଂସ୍କାର ଯୋଗୁ ଗ୍ରାହକମାନେ କିଣାକିଣି ସ୍ଥଗିତ ରଖିପାରନ୍ତି। ମାତ୍ର ନବରାତ୍ରି ଓ ଦୁର୍ଗାପୂଜା ସମୟରେ କମ୍ପାନୀଗୁଡ଼ିକର ଯୋଜନା ଓ ନୂଆ ଟିକସ ହାରର ଲାଭ ମିଳିଲେ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯିବ।

# ସୁନା ଦର ସାମାନ୍ୟ କମିଲା



ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)

ସୁନାଦରରେ ସୋମବାର ସାମାନ୍ୟ ହ୍ରାସ ପରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦର ୧,୦୮,୩୮୦ ଟଙ୍କା ରହିଛି । ରବିବାର ଏହା ୧,୦୮,୪୯୦ ଟଙ୍କା ଥିଲା। ଏଥିରେ ୧୧୦ ଟଙ୍କା ହ୍ରାସ ହୋଇଛି । ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୯,୩୫୦ ଟଙ୍କା ରହିଛି। ଗତକାଲି ୯୯,୪୫୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି । ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୧,୨୯୦ ଟଙ୍କା ରହିଛି। ଗତକାଲି ୮୧,୩୭୦ ଟଙ୍କା ଥିଲା। ଏଥିରେ ୮୦ ଟଙ୍କା ହ୍ରାସ ହୋଇଛି। ଅନ୍ୟପଟେ ୧୦୦ ଗ୍ରାମ ରୁପା ଦର ୧୩,୭୦୦ ଟଙ୍କା ରହିଛି। ରବିବାର ଏହା ୧୩,୮୦୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି।

# ସ୍ୱାସ୍ଥ୍ୟ ବୀମାରେ ବଢ଼ିପାରେ ବେସ୍ ପ୍ରିମିୟମ

ଭୁବନେଶ୍ୱର,୮।୯

ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମା ପଲିସି ଉପରେ ଜିଏସଟି କାଉନସିଲ ଏକ ବଡ଼ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୨୨ଠାରୁ ବ୍ୟକ୍ତିଗତ ବୀମା ପଲିସି ଉପରୁ ୧୮% ଜିଏସଟି ସମ୍ପୂର୍ଣ୍ଣ ରୂପେ ହଟାଇ ଦିଆଯିବ। ମାତ୍ର ଏହା ପଛରେ ଅନେକ ଜଟିଳତା ରହିଛି। ବୀମା କମ୍ପାନୀଗୁଡ଼ିକ ଏଜେଣ୍ଟ କମିଶନ, ଅଫିସ ବିଦ୍ୟୁତ ବିଲ, ପ୍ରଶାସନିକ ଖର୍ଚ୍ଚ, ରି-ଇନସ୍ୟୁରାନ୍ସ ଓ ଆଉଟସୋର୍ସିଂ ଖରଚ ଉପରେ ଇନପୁଟ ଟ୍ୟାକ୍ସ କ୍ରେଡିଟ (ଆଇଟିସି) ପାଉଥିଲେ। ଏହା ସେମାନଙ୍କ ଖର୍ଚ୍ଚ ହ୍ରାସ କରୁଥିଲା। ଏବେ ଜିଏସଟି ହଟିବା ପରେ ଏହି ସୁବିଧା ମଧ୍ୟ ବନ୍ଦ ହେବ, ଫଳରେ କମ୍ପାନୀଗୁଡ଼ିକୁ ନିଜ ଖର୍ଚ୍ଚ ନିଜେ ବହନ କରିବାକୁ ପଡ଼ିବ। ଜିଏସଟି ଶୂନ୍ୟ ହେବା ପରେ ବୀମା କମ୍ପାନୀଗୁଡ଼ିକ ପାଖରେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ସେମାନେ ନିଜ ଲାଭ ହ୍ରାସ କରି ଗ୍ରାହକଙ୍କୁ ୧୮% ରିହାତି ଦେଇପାରନ୍ତି। ଦ୍ୱିତୀୟତଃ ସେମାନେ ବେସ ପ୍ରିମିୟମ କିଛି ବୃଦ୍ଧି କରି ଖର୍ଚ୍ଚ ପୂରଣ କରିପାରନ୍ତି। କମ୍ପାନୀଗୁଡ଼ିକ ଦ୍ୱିତୀୟ ବିକଳ୍ପ ବାଛିବାର ସମ୍ଭାବନା ଅଧିକ ରହିଛି। ଫଳରେ, ପ୍ରିମିୟମ ହ୍ରାସ ନହୋଇ ପ୍ରାୟ ୧୨-୧୫% ରିହାତି ଦେଇ ହେବ। ବାକି ୩-୫% କମ୍ପାନୀଗୁଡ଼ିକ ନିଜ ଖର୍ଚ୍ଚ ଭରଣା ପାଇଁ ରଖିବେ। ଟର୍ମ ଇନସ୍ୟୁରାନ୍ସରେ ଅଳ୍ପ ମୂଲ୍ୟ ବୃଦ୍ଧି ଗ୍ରାହକଙ୍କୁ ଅନ୍ୟ କମ୍ପାନୀ ଆଡ଼କୁ ଆକର୍ଷିତ କରିପାରେ। ତେଣୁ ଏହି ବର୍ଗରେ ଗ୍ରାହକଙ୍କୁ ପୂରା ରିହାତି ମିଳିବାର ସମ୍ଭାବନା ରହିଛି। ଯଦି କମ୍ପାନୀଗୁଡ଼ିକ ଏକଜୁଟ ହୋଇ ପ୍ରିମିୟମ ବୃଦ୍ଧି କରନ୍ତି, ତେବେ ଗ୍ରାହକଙ୍କୁ ପୂର୍ଣ୍ଣ ଲାଭ ନ ମିଳିପାରେ। ଆଜିର ସମୟରେ ସ୍ୱାସ୍ଥ୍ୟ ବୀମାର ଆବଶ୍ୟକତା ଅଧିକ ଅନୁଭୂତ ହେଉଛି। ଚିକିତ୍ସା ଖର୍ଚ୍ଚ ପ୍ରତିବର୍ଷ ଦୁଇ ଅଙ୍କରେ ବୃଦ୍ଧି ପାଉଛି। ଯଦି ପଲିସି ଶସ୍ତା ହୁଏ, ତେବେ ଅଧିକ ଲୋକ ବୀମା କଭରେଜ ନେବେ। ବୀମା କମ୍ପାନୀଗୁଡ଼ିକର ବ୍ୟବସାୟ ରିସ୍କ ପୁଲିଂ ଉପରେ ନିର୍ଭର କରେ। ଅଧିକ ଲୋକ ପଲିସି କିଣିଲେ ରିସ୍କ ସନ୍ତୁଳିତ ହେବ। ବର୍ତ୍ତମାନ ବୀମା କିଣୁଥିବା ଅଧିକାଂଶ ଲୋକ ବୟସ୍କ ଓ ରୋଗ ପ୍ରତି ଅଧିକ ସମ୍ଭାବନା ଥିବା ବ୍ୟକ୍ତି। ଏହା କମ୍ପାନୀଗୁଡ଼ିକୁ ଅଧିକ କ୍ଲେମ ଦେବାକୁ ବାଧ କରୁଛି। ଯଦି ଯୁବ ଓ ସୁସ୍ଥ ଲୋକେ ମଧ୍ୟ ବୀମା କିଣନ୍ତି, ତେବେ ରିସ୍କ ସନ୍ତୁଳିତ ହେବ ଏବଂ କ୍ଲେମ ସେଟଲମେଣ୍ଟ ସହଜ ଓ ଦ୍ରୁତ ହେବ।

# ବ୍ୟାଟେରି ଖଣିଜ ମୂଲ୍ୟ ଶୃଙ୍ଖଳାରେ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୯ (ବନ୍ଦନା ସେଠୀ)



ସିଏସ୍‌ଆଇଆର୍-ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି) ପକ୍ଷରୁ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ଅଧିକାରୀଙ୍କ ପାଇଁ 'ବ୍ୟାଟେରି ଖଣିଜ ମୂଲ୍ୟ ଶୃଙ୍ଖଳାରେ କ୍ଷମତା ନିର୍ମାଣ' ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୩ସପ୍ତାହ ଧରି ସେପ୍ଟେମ୍ବର୨୬ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ଆଇଆଇଟି ଖଡଗପୁରର ପୂର୍ବତନ ପ୍ରଫେସର ପି.କେ. ସେନ ଏବଂ ଆଇଓସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଗୌତମ ଦତ୍ତ ଉଦ୍‌ଘାଟନ କରିଥିଲେ। ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଡ. ରାମାନୁଜ ନାରାୟଣଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତି ସଂରକ୍ଷଣ ପ୍ରଯୁକ୍ତିବିଦ୍ୟାରେ ପ୍ରମୁଖ କଞ୍ଚାମାଲ, ତମ୍ବା, ନିକେଲ, କୋବାଲ୍ଟ ଏବଂ ଲିଥିୟମ୍ ଭଳି ବ୍ୟାଟେରି ଖଣିଜ ପଦାର୍ଥର ପ୍ରକ୍ରିୟାକରଣରେ ଜାତୀୟ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଖଣିଜ ବିଭାଗୀକରଣ, ଖଣିଜ ପ୍ରକ୍ରିୟାକରଣ, ନିଷ୍କାସନ ଧାତୁ ବିଜ୍ଞାନ ଏବଂ ବ୍ୟାଟେରି ଖଣିଜ ପାଇଁ ନିର୍ଦ୍ଦିଷ୍ଟ ପରିବେଶଗତ ଏବଂ ଇଞ୍ଜିନିୟରିଂ ଦିଗଗୁଡ଼ିକ ବିଷୟରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଏସ୍‌ଆଇଆର୍ - ଆଇଏମ୍‌ଏମ୍‌ଟି ମୁଖ୍ୟ ବୈଜ୍ଞାନିକ ଏବଂ ବ୍ୟବସାୟ ବିକାଶ ମୁଖ୍ୟ ଡ. କାଳୀ ସଞ୍ଜୟ ଏବଂ ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ. ଚିନ୍ମୟ କୁମାର ଷଡ଼ଙ୍ଗୀ ସଂଯୋଜନା କରିଥିଲେ।

# ବିଦ୍ୟୁତ୍ ବିତରଣରେ ଟେକ୍ନୋଲୋଜିକୁ ଗୁରୁତ୍ୱ

## ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌ର ବ୍ୟବହାର

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)



ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଅଟୋମେଶନ୍, ସ୍ମାର୍ଟ ଡିଭାଇସ୍ ଓ ଡିଜିଟାଲ୍ ଟୁଲ୍‌କୁ ସମନ୍ୱିତ କରି ବିଦ୍ୟୁତ୍ ବିତରଣରେ ଟେକ୍ନୋଲୋଜିର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ତୁରନ୍ତ ତ୍ରୁଟି ଚିହ୍ନଟ, ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଓ ସାରା ରାଜ୍ୟରେ ପ୍ରାୟ ୧୦ ନିୟୁତ ଗ୍ରାହକଙ୍କ ପାଇଁ ଅଧିକ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ସବ୍‌ଷ୍ଟେଶନ୍ ଓ ରିଙ୍ଗ ମେନ୍ ୟୁନିଟ୍ (ଆର୍‌ଏମ୍‌ୟୁ)ର ଅଟୋମେଶନ୍ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ରିମୋଟ୍ ତ୍ରୁଟି ଚିହ୍ନଟ, ଆଇସୋଲେଶନ୍ (ପୃଥକୀକରଣ), ବିଦ୍ୟୁତ୍ ଯୋଗାଣକୁ ଶୀଘ୍ର ସ୍ୱାଭାବିକ କରିବାକୁ ସକ୍ଷମ କରିଛି। ସହରାଞ୍ଚଳରେ ବିଦ୍ୟୁତ୍ ସରବରାହରେ ବିଭ୍ରାଟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦର୍ଶାଯାଇଛି। ଫଲ୍ଟ ପାସେଜ୍ ଇଣ୍ଡିକେଟର, ଅଟୋ ରିକ୍ଲୋଜର୍ ଭଳି ଡିଭାଇସ୍ ରିକ୍ଲୋଜିଂ ଚକ୍ରକୁ ଶୀଘ୍ର ଓ ବିଳମ୍ବ ଜରିଆରେ ସାମୟିକ ତ୍ରୁଟିକୁ ସୁଧାରିବା ପାଇଁ ସ୍ୱୟଂକ୍ରିୟ ଭାବେ ସର୍କିଟ୍‌କୁ ଟ୍ରିପ୍ ଓ ରିକ୍ଲୋଜ୍ କରୁଛି ଏବଂ ରିମୋଟ କଣ୍ଟ୍ରୋଲ୍ ବ୍ରେକର୍ ବିଭ୍ରାଟ ସମୟରେ ସେବାକୁ ଶୀଘ୍ର ସ୍ୱାଭାବିକ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି। ଡିସ୍‌କମ୍‌ଗୁଡ଼ିକ ଅତ୍ୟାଧୁନିକ ନିରୀକ୍ଷଣ ଟୁଲ୍ ମଧ୍ୟ ମୁତୟନ କରୁଛନ୍ତି। ଡ୍ରୋନ୍ ଆଧାରିତ ନେଟ୍‌ୱର୍କ ଅଡିଟ୍, ଥର୍ମୋସ୍କାନିଂ ଓ ଅଲ୍ଟ୍ରାସ୍କାନିଂ କୌଣସି ସମସ୍ୟା ଦେଖାଦେବା ପୂର୍ବରୁ ସେଥିରେ ରହିଥିବା ଦୁର୍ବଳ ସ୍ଥାନକୁ ଚିହ୍ନଟ କରିବାରେ ସହାୟକ ହେଉଛି, ଯାହା ଫଳରେ ତ୍ରୁଟିର ପ୍ରତ୍ୟକ୍ଷ ପ୍ରତିଷେଧକ ସକ୍ଷମ ହୋଇପାରିଛି। ଏହି ପ୍ରଯୁକ୍ତିଗୁଡ଼ିକ ପାରମ୍ପରିକ ଓ ପ୍ରତିକ୍ରିୟାତ୍ମକ ରକ୍ଷଣାବେକ୍ଷଣକୁ ପ୍ରତିଷେଧମୂଳକ ଓ ଡାଟା ପରିଚାଳିତ ମଡେଲ୍‌ରେ ରୂପାନ୍ତିତ କରିଛି। ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ହଜାର ହଜାର କିଲୋମିଟରରେ ଡ୍ରୋନ୍ ସର୍ଭେ କରିବା, ହଟ୍‌ସ୍ପଟ୍ ଚିହ୍ନଟ କରିବା ପାଇଁ ଥର୍ମୋଭିଜନ କ୍ୟାମେରା ବ୍ୟବହାର କରିବା ଏବଂ ଟ୍ରାନ୍ସଫର୍ମର ସ୍ୱାସ୍ଥ୍ୟ ନିରୀକ୍ଷଣ କରିବା ଲାଗି ନିଦାନ ପରୀକ୍ଷଣ ଆଦି ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର କରୁଛନ୍ତି। ସେହିପରି ଡିସ୍‌କମ୍‌ଗୁଡ଼ିକ ଦୃଢ଼ ଖୁଣ୍ଟ, ନିବୁଜ କଣ୍ଡକ୍ଟର, ସମ୍ବେଦନଶୀଳ ସହରାଞ୍ଚଳରେ ଭୂତଳ କେବୁଲ ବିଛାଇବା ଏବଂ ଦ୍ରୁତ ଗତିରେ ବିଦ୍ୟୁତ୍ ସେବା ସ୍ୱାଭାବିକ କରୁଥିବା ଅଟୋମେଶନ ବ୍ୟବସ୍ଥା ସହ ଏକ ବାତ୍ୟା ସହନଶୀଳ ବଣ୍ଟନ ବ୍ୟବସ୍ଥା ମୁତୟନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ନିୟମିତ କାଳବୈଶାଖୀ ଓ ବାତ୍ୟାକୁ ସାମ୍ନା କରୁଥିବା ଏକ ରାଜ୍ୟ ଭାବେ ଏଭଳି ସ୍ଥାୟୀ ନେଟ୍‌ୱର୍କ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଚରମ ଜଳବାୟୁ ଘଟଣା ଭଳି ସ୍ଥିତିରେ ଯୋଗାଣ ବଜାୟ ରଖିବା ଏବଂ ଦ୍ରୁତ ସୁଧାର ସକ୍ଷମ କରୁଛି।

## ରାଜ୍ୟ ଖବର


# ଦୁଇବର୍ଷ ହେଲା ମିଳିନି ଏସ୍‌ଡିସି ପାଣ୍ଠି

ଭୁବନେଶ୍ୱର, ୮।୯(ରବିନାରାୟଣ ଜେନା)

ଆଦିବାସୀଙ୍କ ବିକାଶ ଲାଗି ସରକାରଙ୍କ ପକ୍ଷରୁ ଗଠନ ହୋଇଥିବା ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ପକ୍ଷରୁ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକବର୍ଷ ଲାଗି କୌଣସି ପାଣ୍ଠି ପ୍ରଦାନ କରାଯାଇନାହିଁ, ଯାହା ୨୦୨୩-୨୪ ଆର୍ଥିକବର୍ଷରେ ଅନୁମୋଦନ ହୋଇଥିଲା ତାହା ଏବେ କାର୍ଯ୍ୟାନ୍ୱୟନ ହେଉଛି ବୋଲି ଚଳିତମାସ ୪ରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ଆଦିବାସୀଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଏସ୍‌ଡିସି ଗଠନ କରିଛନ୍ତି। ଏଥିରେ ଆଦିବାସୀମାନଙ୍କୁ ଅଧିକରୁ ଅଧିକ ସାମିଲ କରି ଉନ୍ନତି ପ୍ରକ୍ରିୟାରେ ଭାଗୀଦାରି କରିବାକୁ ଲକ୍ଷ୍ୟ ରହିଛି; ଯାହାଦ୍ୱାରା ଅନୁନ୍ନତ ଅଞ୍ଚଳଗୁଡ଼ିକ ଠିକଣା ଭାବେ ଚିହ୍ନଟ ହେବା ସହିତ ସେମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟାନ୍ୱୟନ କରିବା ଏବଂ ତଦାରଖକୁ ବ୍ୟାପକ କରାଯାଇପାରିବ। ଏହାକୁ ନେଇ ରାଜ୍ୟ ସରକାର ୨୦୧୭ରେ ୯ଟି ଆଦିବାସୀ ଅଧ୍ୟୁଷିତ ଜିଲା ଯଥା ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି ଓ କନ୍ଧମାଳକୁ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ଗଠନ କରିଥିଲେ। ମାତ୍ର ୨୦୨୩ରେ ଏଥିରେ ଅତିରିକ୍ତ ୧୪ଟି ଜିଲା, ଯଥା ଅନୁଗୋଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ନୟାଗଡ଼, ନୂଆପଡ଼ା ଓ ସମ୍ବଲପୁରର ୬୦ଟି ବ୍ଲକ୍ ସାମିଲ କରାଯାଇଥିଲା। ଫଳରେ ଏସ୍‌ଡିସି ଜିଲାଗୁଡ଼ିକର ସଂଖ୍ୟା ୨୩ରେ ପହଞ୍ଚିଥିଲା ଓ ସମୁଦାୟ ବ୍ଲକ୍ ୧୭୭ ହୋଇଥିଲା। ଏହି ପରିଷଦଗୁଡ଼ିକ ବିଶେଷକରି ଆଦିବାସୀ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପ୍ରତ୍ୟେକ ଜାତିର ବିଶିଷ୍ଟ ପରିଚୟର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଏ । ତେବେ ୧୭୭ଟି ବ୍ଲକ ମଧ୍ୟରୁ ୧୧୯ଟି ବ୍ଲକ୍ ସିଡ୍ୟୁଲ୍‌ଡ ଅଞ୍ଚଳରେ ରହିଛି।

ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ରୁ ପ୍ରତ୍ୟେକ ଏସ୍‌ଡିସି ପାଇଁ ଅନୁଦାନ ଦେବାର ବ୍ୟବସ୍ଥା କରାଯାଇଥିଲା। ଏହାକୁ ସେହି ଜିଲାର ବ୍ଲକ୍ ସଂଖ୍ୟା ଆଧାରରେ ନିର୍ଣ୍ଣୟ କରାଯିବ ଓ ପ୍ରତ୍ୟେକ ଏସ୍‌ଡିସି ବ୍ଲକ୍ ପାଇଁ ୧.୫୦ କୋଟି ଟଙ୍କା ଅନୁଦାନ ମିଳିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ ନୂଆ ଏସ୍‌ଡିସି ଜିଲାରେ ୫୦ହଜାରରୁ ଅଧିକ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୧.୫୦ କୋଟି ଓ ୫୦ହଜାରରୁ କମ୍ ଆଦିବାସୀ ଜନସଂଖ୍ୟା ଥିବା ବ୍ଲକକୁ ୭୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବାକୁ ସ୍ଥିର ହୋଇଛି। ଏହାକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ୯ଟି ପୁରୁଣା ଏସ୍‌ଡିସି ଜିଲାର ପ୍ରତ୍ୟେକ ବ୍ଲକ୍ ପାଇଁ ୩ କୋଟି ଅନୁଦାନ ଦିଆଯାଇଥିବାବେଳେ ୧୪ଟି ନୂଆ ଏସ୍‌ଡିସି ଜିଲାକୁ ଆଦିବାସୀ ଜନସଂଖ୍ୟା ଅନୁପାତରେ ୧.୫୦ କୋଟି ଓ ୭୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି। ହେଲେ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ କୌଣସି ଟଙ୍କା ସମ୍ପୃକ୍ତ ଏସ୍‌ଡିସି ଜିଲା ତଥା ବ୍ଲକ ପାଇଁ ଆବଣ୍ଟନ କରାଯାଇ ନ ଥିବା ରିପୋର୍ଟରୁ ଜଣାଯାଇଛି।



By Spl. Messenger/E-mail

GOVERNMENT OF ODISHA
S.T & S.C DEVELOPMENT, M&BCW DEPARTMENT
********

No. STSCD-TPR-REP-0002-2025/21477/SSD, Dated, Bhubaneswar the, 4th September, 2025

From
Shri Prabir Kumar Khilar, OAS(S),
Additional Secretary to Govt.

To
The Personal Secretary to the Governor,
Governor's Secretariat, Raj Bhavan, Odisha,
Bhubaneswar-751008.

Sub:- Submission of Monthly Progress Report (MPR) on the Development initiatives & welfare measures being undertaken in the Scheduled Areas of the State for the month of August, 2025.

Sir,

In inviting a reference on the subject cited above, I am directed to send herewith the monthly progress report (MPR) on the welfare measures and development initiatives being undertaken in the Scheduled Areas of the State for the month of August, 2025 (enclosed as Annexure-A) for your kind information and necessary action at your end.

Yours faithfully,
Additional Secretary to Govt.

Memo No.21500 /SSD; Dated 04.09.25
Copy forwarded to the OSD to Commissioner-cum-Secretary to Govt., ST & SC Development, M & BCW Department for kind information of the Commissioner-cum-Secretary to Govt.

Additional Secretary to Govt.

Memo No.21501 /SSD; Dated 04.09.25
Copy forwarded to the JEA to Director, ST, ST & SC Development, M & BCW Department for kind information of Director, ST.

Additional Secretary to Govt.

ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ମାସିକିଆ ରିପୋର୍ଟ।

# କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ

**ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ**

## ଭଦ୍ରକ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ସହ ମିଶ୍ରଣ ବିରୋଧରେ ହାଇକୋର୍ଟରେ ମାମଲା

କଟକ,୮।୯(କାର୍ତ୍ତିକ ସାହୁ)



ଭଦ୍ରକଠାରେ କାର୍ଯ୍ୟ କରୁଥିବା ରେଲୱେ ମେଲ୍ ସର୍ଭିସ୍ (ଆର୍‌ଏମ୍‌ଏସ୍)କୁ ବାଲେଶ୍ୱର ଆର୍‌ଏମ୍‌ଏସ୍ ସହ ମିଶାଇ ଦେବା ନିଷ୍ପତ୍ତି ବିରୋଧରେ ଭଦ୍ରକରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଚାଲିଛି। ଅପରପକ୍ଷରେ ଡାକ ବିଭାଗର ଏପରି ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ମାମଲାର ପ୍ରାଥମିକ ଶୁଣାଣିରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ପରବର୍ତ୍ତୀ ଶୁଣାଣି ନିମନ୍ତେ ସେପ୍ଟେମ୍ବର ୨୨କୁ ଧାର୍ଯ୍ୟ ହୋଇଛି।

ମାମଲାର ବିବରଣୀ ଅନୁସାରେ, ଭଦ୍ରକ ଜିଲା ସମେତ ନିକଟବର୍ତ୍ତୀ ଜିଲାର ଜନସାଧାରଣ ୪୪ଟି ଉପଡାକଘର ଜରିଆରେ ତୁରନ୍ତ ଡାକ ସେବା ପାଇ ଆସୁଛନ୍ତି। ସେଥିପାଇଁ ଭଦ୍ରକ ରେଳଷ୍ଟେଶନ ପାଖରେ ଆର୍‌ଏମ୍‌ଏସ୍ ଦୀର୍ଘ ୪୫ ବର୍ଷ ଧରି ନିରନ୍ତର ଚିଠିପତ୍ର ଆଦାନପ୍ରଦାନ ସେବା ଯୋଗାଇ ଆସୁଛି। ମାତ୍ର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ, ଓଡ଼ିଶାଙ୍କ ୨୦୨୫ ଅଗଷ୍ଟ ୨୫ରେ ନିର୍ଦ୍ଦେଶ ଅନୁସାରେ ଭଦ୍ରକ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ଆର୍‌ଏମ୍‌ଏସ୍ ସହ ମିଶ୍ରଣ ପାଇଁ ଚିଠି ହୋଇସାରିଛି। ଭଦ୍ରକରୁ ବାଲେଶ୍ୱର ୬୫ କି.ମି. ଓ ଯାଜପୁର ରୋଡ୍ ୪୫ କି.ମି.ଦୂର। ଭଦ୍ରକରେ ଦୈନିକ ୩୫୦୦ରୁ ଅଧିକ ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟ୍ରାର୍ଡ ସାମଗ୍ରୀ ଆଦାନପ୍ରଦାନ ହେଉଛି। ଭଦ୍ରକରେ ଆରଏମଏସ୍ ଚାଲିବା ପାଇଁ ସମସ୍ତ ପ୍ରକାର ମାନଦଣ୍ଡ ପୂରଣ କରୁଛି। ଏପରିସ୍ଥଳେ ତାହାକୁ ବନ୍ଦ କରି ବାଲେଶ୍ୱର ସହ ମିଶାଇବା ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି। ହାଇକୋର୍ଟ ଡାକ ବିଭାଗର ନିର୍ଦ୍ଦେଶନାମାକୁ ରଦ୍ଦ କରିବା ନିମନ୍ତେ ଆଦେଶ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟର ଡାକ ସଚିବ, ଓଡ଼ିଶା ସର୍କଲର ଚିଫ ପୋଷ୍ଟ ମାଷ୍ଟର ଜେନେରାଲ, ରେଲୱେ ମେଲ୍ ସର୍ଭିସର କଟକ ଡିଭିଜନ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଓ ଭଦ୍ରକ ଆରଏମ୍‌ଏସ୍‌ର ଏସ୍‌ଆର୍‌ଓଙ୍କୁ ପକ୍ଷଭୁକ୍ତ କରାଯାଇଛି। ଭଦ୍ରକ ଆରଏମ୍‌ଏସ୍‌ର ପୂର୍ବତନ କର୍ମଚାରୀ ତଥା ଭଦ୍ରକ ଚରମ୍ପା ଅରେଇଁ ବାସିନ୍ଦା ମାଧବାନନ୍ଦ ଓଝାଙ୍କ ପକ୍ଷରୁ ରୁଜୁ ମାମଲାକୁ ଆଇନଜୀବୀ ଶିବଶଙ୍କର ମହାନ୍ତି ପରିଚାଳନା କରୁଛନ୍ତି।

# ପ୍ରତାପଙ୍କ ଘରେ ବସିଲା ବୈଠକ

## ମୁଖ୍ୟମନ୍ତ୍ରୀଙ୍କ ସମେତ ସବୁ ଏମ୍‌ପି ଯୋଗଦେଲେ

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ଉପରାଷ୍ଟ୍ରପତି ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବାବେଳେ ଭାଜପାର ସମସ୍ତ ୨୦ ଲୋକ ସଭା ଏମ୍‌ପି ଏବଂ ୨ ରାଜ୍ୟ ସଭା ସଦସ୍ୟ ନୂଆଦିଲ୍ଲୀରେ ପହଞ୍ଚିସାରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଗସ୍ତ କରିସାରିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଭାଜପା ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଘରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ନିର୍ବାଚନର ଭୋଟିଂ ଉପରେ ବୈଠକରେ ଆଲୋଚନା ହୋଇଛି। ଏହାସହ ଦଳର ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଚର୍ଚ୍ଚା ହୋଇଥିବା ଜାଣିବାକୁ ମିଳିଛି। ନୂଆଦିଲ୍ଲୀ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଦିଲ୍ଲୀରେ ଦଳର ଏମ୍‌ପିମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଛି। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେ ବିଷୟରେ ଆଲୋଚନା କରିବା ଏବଂ ଦଳର ଏମ୍‌ପିମାନଙ୍କୁ ପୂର୍ବରୁ କହିଥିଲେ ସେମାନେ ଯେତେବେଳେ ଏକାଠି ଥିବେ ସେତେବେଳେ କହିଲେ ଆସିବେ। ସେଥିଲାଗି ସେମାନଙ୍କ ସହ ଆଲୋଚନା କରିବାକୁ ଆସିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ କିପରି ଅଧିକ ସମନ୍ୱୟ ରହିପାରିବ ସେ ବିଷୟରେ ଆଲୋଚନା କରାଯିବ। ଆଗକୁ ବିଧାନସଭା ଅଧିବେଶନ ଥିବାରୁ ଏମ୍‌ପିମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ଅଛି। ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ସଂଖ୍ୟା ଅଧିକ ରହିଛି। ତେଣୁ ଯାହାର ଅଧିକ ସଂଖ୍ୟା ତାଙ୍କ ପ୍ରାର୍ଥୀ ନିଶ୍ଚୟ ଜିତିବ ବୋଲି ସେ କହିଛନ୍ତି।

# ଗାଡ଼ି ଯାଞ୍ଚ ସମୟରେ ପୋଲିସ ଉପରେ ବୋଲେରୋ ମାଡ଼ିଗଲା

## ସବ୍‌ଇନ୍ସପେକ୍ଟର ଗୁରୁତର

ସୋହେଲା, ୮।୯
(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ ଗାଡ଼ି ଯାଞ୍ଚ ସମୟରେ ପୋଲିସ ଉପରେ ବୋଲେରୋ ମାଡ଼ିଯାଇଛି। ଫଳରେ ଅମିତ ଧଳ (୨୮) ନାମକ ଜଣେ ସବ୍‌ଇନ୍ସପେକ୍ଟର ଗୁରୁତର ହୋଇଛନ୍ତି। ତାଙ୍କୁ ବରଗଡ଼ସ୍ଥିତ ବିକାଶ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୋହେଲା ଥାନା ପୋଲିସ ରବିବାର ରାତିରେ ଦଶମାଇଲ ନିକଟସ୍ଥ ଲେବିଡ଼ି ଛକରେ ବିଭିନ୍ନ ଯାନବାହନର ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବୋଲେରୋ ଗାଡ଼ି ଓଡି୧୭ଜି ୩୭୧୯ ଦ୍ରୁତ ଗତିରେ ଆସି ସବ୍‌ଇନ୍ସପେକ୍ଟର ଅମିତଙ୍କୁ ଧକ୍କା ଦେଇଥିଲା। ସେ ପଡ଼ିଯାଇ ଗୁରୁତର ହୋଇଥିବାବେଳେ ତାଙ୍କୁ ଉଦ୍ଧାର କରାଯାଇ ହସ୍‌ପିଟାଲ ନିଆଯାଇଥିଲା। ଘଟଣା ପରେ ଗାଡ଼ି ଡ୍ରାଇଭର ଫେରାର ହୋଇଯାଇଥିଲେ। ପରେ ତାଙ୍କୁ କଳାହାଣ୍ଡିର କେସିଙ୍ଗା ଅଞ୍ଚଳରୁ ପୋଲିସ କାବୁ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପୋଲିସ ଜବତ କରି ଥାନାରେ ରଖିଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ. ୨୬୭/୨୦୨୫) ରୁଜୁ ହୋଇଛି।



ଜବତ ହୋଇଥିବା ବୋଲେରୋ ଗାଡ଼ି।

## ଜନ୍ମଦିନର ଶୁଭେଚ୍ଛା

ନାମ: .....................................
ବୟସ:....................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ଲେୟର ଅଫ୍ ଦି ମନ୍ଥ୍ ଦୌଡ଼ରେ ସିରାଜ

**ଦୁବାଇ, ୮।୯ (ପି.ଟି.)**

ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜଙ୍କ ନାମ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ସକାଶେ ସୁପାରିସ କରାଯାଇଛି। ପୁରସ୍କାର ଦୌଡ଼ରେ ରହିଥିବା ଅନ୍ୟ ଦୁଇ ଖେଳାଳି ହେଲେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ ଓ




ୱେଷ୍ଟଇଣ୍ଡିଜର ଜେଡେନ୍ ସିଲେସ। ସିରିଜରେ ଉଭୟ ଦଳର ବହୁ ଖେଳାଳି ଆଘାତପ୍ରାପ୍ତ ହୋଇଥିଲେ। ସିରାଜ କିନ୍ତୁ ଫିଟ୍‌ନେସ୍ ବଜାୟ ରଖି ସମସ୍ତ ୫ଟି ଯାକ ମ୍ୟାଚ ଖେଳି ୨୩ ଉଇକେଟ ଅକ୍ତିଆର କରିଥିଲେ। ଏଥିସହିତ କୌଣସି ରବରରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ସିରିଜ ଜୁନ୍‌ରେ ଆରମ୍ଭ ହୋଇ ଅଗଷ୍ଟ ପ୍ରଥମ ଭାଗରେ ଶେଷ ହୋଇଥିଲା। ୫ଟି ଟେଷ୍ଟ ମ୍ୟାଚରେ ସିରାଜ ୧୮୫.୩ ଓଭର ବୋଲିଂ କରିଥିଲେ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ସିରିଜକୁ ୨-୨ରେ ଡ୍ର ରଖିଥିଲା।


VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
**B.Ed.** Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


# 'ଯୁବ ଫିଜିଓମାନେ ଗବେଷଣା, ପ୍ରଯୁକ୍ତିରେ ଅପ୍‌ଡେଟ୍ ରୁହନ୍ତୁ'

**ସେପ୍ଟେମ୍ବର ୮କୁ ପ୍ରତିବର୍ଷ ବିଶ୍ୱ ଫିଜିଓଥେରାପି ଦିବସଭାବେ ପାଳନ କରାଯାଉଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପାଇଁ ଫିଜିଓଥେରାପିଷ୍ଟଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ପ୍ରତି ଖେଳାଳିଙ୍କ ସଫଳତା ପଛରେ ଫିଜିଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସମୟ ବଦଳିବା ସହ ଫିଜିଓମାନଙ୍କର ଦାୟିତ୍ୱ ମଧ୍ୟ ବଢ଼ିଛି। ଏ ସମ୍ପର୍କରେ ଭାରତ ଏବଂ ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ଓ ସ୍ପୋର୍ଟ୍ସ ଫିଜିଓଥେରାପିଷ୍ଟ ମୁକ୍ତି ପ୍ରସାଦ ଦାଶଙ୍କ ସହ ସାକ୍ଷାତ୍‌କାର...**

**–ତପନ ସ୍ୱାଇଁ**

**▶▶ ବିଶ୍ୱ ଫିଜିଓଥେରାପି ଦିବସ ପ୍ରତିବର୍ଷ ବିଶ୍ୱରେ ପାଳିତ ହୁଏ। ନିଜସ୍ୱ ଓ ପେସାଗତ ଭାବରେ ଏହି ଦିନର ମହତ୍ତ୍ୱ ଆପଣଙ୍କ ପାଇଁ କ'ଣ?**

● ମୋ ପାଇଁ ବିଶ୍ୱ ଫିଜିଓଥେରାପି ଦିବସ ହେଉଛି ଗର୍ବ ଓ ସମର୍ପଣର ଦିନ। ବ୍ୟକ୍ତିଗତଭାବେ ଏହା ମୋର ଯାତ୍ରାକୁ ସ୍ମରଣ କରାଇଥାଏ ଓ ମୋର ଗୁରୁଜନ, ସହକର୍ମୀ ଓ ରୋଗୀମାନଙ୍କୁ କୃତଜ୍ଞତା ଜଣେଇବାର ସୁଯୋଗ ଦେଇଥାଏ। ପେସାଗତ ଭାବେ ଏହିଦିନ ଫିଜିଓଥେରାପିର ମହତ୍ତ୍ୱକୁ ସମାଜରେ ପ୍ରଚାର କରିବାର ଅବସର। ଏହା ମାନବ ସେବା ପ୍ରତି ପୁନଃନବୀକୃତ ସମର୍ପଣ।

**▶▶ ଆଜିକାଲି ଖେଳାଳିମାନଙ୍କ ମଧ୍ୟରେ ଇଞ୍ଜୁରି ସାଧାରଣ ହୋଇପାରୁଛି। ପୁଣିଥରେ ରି-ଇଞ୍ଜୁରି ରୋକିବା ପାଇଁ ଯୁବ ଖେଳାଳିମାନଙ୍କୁ ଆପଣଙ୍କ ପରାମର୍ଶ କ'ଣ?**

● ଯୁବ ଖେଳାଳିମାନେ ନିୟମିତଭାବେ ୱାର୍ମ୍-ଅପ୍ ଓ କୁଲ୍-ଡାଉନ କରିବା, ପର୍ଯ୍ୟାପ୍ତ ବିଶ୍ରାମ ନେବା, ଠିକ ପୋଷଣ ଓ ପାନୀୟ ଆହାର କରିବା ଆବଶ୍ୟକ। ଷ୍ଟ୍ରେନ୍ଥ, ନମନୀୟତା ଓ ବାୟୋମେକାନିକ୍ସ ସୁଧାର ଅତ୍ୟନ୍ତ ଜରୁରୀ। ସାଧାରଣ ବେଦନାକୁ ଅବହେଳା ନ କରି, ଶୀଘ୍ର ଫିଜିଓଥେରାପିଷ୍ଟଙ୍କୁ ପରାମର୍ଶ କରିବା ହିଁ ଭବିଷ୍ୟତ ଇଞ୍ଜୁରି ରୋକିପାରିବ।

**▶▶ ପ୍ରଯୁକ୍ତି ଓ ଫିଜିଓଥେରାପି ଏବେ ସହଚର। ଏଆଇ, ୱେରେବଲ୍ସ, ଟେଲି-ରିହାବ ପରି ଅଗ୍ରଗତିକୁ ଆପଣ କିପରି ଦେଖୁଛନ୍ତି?**

● ଆସନ୍ତା ଦିନରେ ପ୍ରଯୁକ୍ତି ଫିଜିଓଥେରାପିକୁ ଅଧିକ ଶକ୍ତିଶାଳୀ କରିବ। ଏଆଇ ଦ୍ୱାରା ଶୀଘ୍ର ରୋଗଚିହ୍ନଟ ଓ ବ୍ୟକ୍ତିଗତ ଚିକିତ୍ସା ସମ୍ଭବ। ୱେରେବଲ୍ସ ଦେହର ପରିବର୍ତ୍ତନକୁ ଟ୍ରାକ୍ କରି ଆଘାତକୁ ପ୍ରତିରୋଧ କରିପାରିବ। ଟେଲି-ରିହାବ ଗ୍ରାମୀଣ ଅଞ୍ଚଳକୁ ସେବା ଯୋଗାଇବାରେ ସାହାଯ୍ୟ କରିବ। କିନ୍ତୁ ପ୍ରଯୁକ୍ତି କେବଳ


ଡ. ମୁକ୍ତି ପ୍ରସାଦ ଦାଶ

ସହାୟକ, ମାନବୀୟ ସ୍ପର୍ଶକୁ ପରିବର୍ତ୍ତନ କରିପାରିବ ନାହିଁ।

**▶▶ ଅନେକେ ପ୍ରାରମ୍ଭିକ ଶାରୀରିକ ସମସ୍ୟାକୁ ଅବହେଳା କରନ୍ତି। କେଉଁ ସଙ୍କେତ (ରେଡ୍ ଫ୍ଲାଗ୍ସ) ଦେଖାଦେଲେ ତୁରନ୍ତ ଫିଜିଓଥେରାପିଷ୍ଟଙ୍କୁ ପରାମର୍ଶ କରିବା ଉଚିତ?**

● ଯଦି କୌଣସି ବେଦନା କିଛି ଦିନଠାରୁ ଅଧିକ ସମୟ ରହେ, ଯଦି ପୁଣି SWELLING, STIFFNESS କିମ୍ବା ଗତି କମିଯାଏ, ଯଦି ହାତ କିମ୍ବା ପାଦ ଝିମ୍‌ଝିମ୍ (FEET TINGLING), ପାଦ ବଧିରା (NUMBNESS ) କିମ୍ବା ଦୁର୍ବଳତା ଦେଖାଦେଏ, ତା' ହେଲେ ତୁରନ୍ତ ଫିଜିଓଥେରାପିଷ୍ଟଙ୍କୁ ଦେଖାଇବା ଉଚିତ। ଏମିତି ଲକ୍ଷଣକୁ ଅବହେଳା କଲେ ଏହା ଦୀର୍ଘକାଳୀନ ସମସ୍ୟାରେ ପରିଣତ ହୋଇପାରେ।

**▶▶ ଆପଣ ସ୍ପୋର୍ଟସାଇନ୍ସ ସହିତ ଜଡ଼ିତ। ଆଧୁନିକ ଖେଳରେ ମଲ୍ଟି-ଡିସିପ୍ଲିନାରୀ ଆପ୍ରୋଚ୍ (ଡାକ୍ତର, ଟ୍ରେନର୍, ସାଇକୋଲଜିଷ୍ଟ, ଫିଜିଓଥେରାପିଷ୍ଟ) କେତେ ଗୁରୁତ୍ୱପୂର୍ଣ୍ଣ?**

● ଆଧୁନିକ ଖେଳରେ ଏକାକୀ ପ୍ରୟାସ ପର୍ଯ୍ୟାପ୍ତ ନୁହେଁ। ଖେଳାଳିମାନଙ୍କୁ ଶାରୀରିକ, ମାନସିକ, ପୋଷଣ ଓ ଚିକିତ୍ସାଗତ ଭାବରେ ୩୬୦ ଡିଗ୍ରୀ ଓ ଯତ୍ନ ଆବଶ୍ୟକ। ଫିଜିଓଥେରାପିଷ୍ଟ, ଡାକ୍ତର, ଟ୍ରେନର୍ ଓ ସାଇକୋଲଜିଷ୍ଟଙ୍କ ସହିତ ମିଶି କାମ କରିଲେ ଖେଳାଳି ଶୀଘ୍ର ସୁସ୍ଥ ହେବେ। ପୁଣିଥରେ ଆଘାତରୁ ବଞ୍ଚିବେ ଓ ସର୍ବୋଚ୍ଚ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିପାରିବେ। ଏ କ୍ଷେତ୍ରରେ 'ମିଟ୍ ଇୟୋର ଏକ୍ସପର୍ଟ' ଆପ୍ ବହୁ ସମସ୍ୟାର ସମାଧାନ କରିପାରିବ।

**▶▶ ଅଳସୁଆ ପରାୟଣ ଜୀବନଶୈଳୀରୁ ପିଠିବେଦନା ଓ ଅଙ୍ଗଭଙ୍ଗୀ ସମସ୍ୟା ବୃଦ୍ଧିପାଉଛି। ସାଧାରଣ ଲୋକେ ପ୍ରତିଦିନ କେଉଁ ସହଜ ପଦକ୍ଷେପ ନେଇ ମେରୁଦଣ୍ଡ (ସ୍ପାଇନ୍) ଓ ଗଣ୍ଠି (ଜଏଣ୍ଟ)କୁ ସୁରକ୍ଷା କରିପାରିବେ?**

● ପିଠି ଓ ସନ୍ଧି ସୁରକ୍ଷା ପାଇଁ ପ୍ରଥମେ ଠିକ୍ ଅଙ୍ଗଭଙ୍ଗୀ ରଖିବା ଆବଶ୍ୟକ। ଦୀର୍ଘ ସମୟ ବସି ରହିବାରୁ ଦେହରେ ଚାପପଡ଼େ। ସେଥିପାଇଁ ପ୍ରତି ୩୦-୪୦ ମିନିଟରେ ଉଠି ଚାଲିବା କିମ୍ବା ଷ୍ଟ୍ରେଚିଂ କରିବା ଦରକାର। ନିୟମିତ ବ୍ୟାୟାମ (କୋର୍ ଏକ୍ସରସାଇଜ୍) ଅଭ୍ୟାସ ପିଠିକୁ ଶକ୍ତିଶାଳୀ କରେ। ଲ୍ୟାପଟପ୍ ଓ ମୋବାଇଲ ବ୍ୟବହାର ସମୟରେ ଠିକ୍ ଅଙ୍ଗଭଙ୍ଗୀ ରଖିବା ଏବଂ ଶରୀରର ଓଜନ ସମ୍ଭାଳିବା ବହୁତ ଆବଶ୍ୟକ।

**▶▶ ଭାରତରେ ଫିଜିଓଥେରାପିଷ୍ଟଙ୍କ ସଂଖ୍ୟା ବଢ଼ୁଛି। ଏହି ପେସାକୁ ପ୍ରବେଶ କରୁଥିବା ଯୁବ ପେସାଜୀବୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ?**

● ମୋ ବାର୍ତ୍ତା ହେଉଛି ଯୁବ ଫିଜିଓଥେରାପିଷ୍ଟମାନେ ସବୁବେଳେ ନୂଆ ଗବେଷଣା ଓ ପ୍ରଯୁକ୍ତିରେ ଅପଡେଟ୍ ରୁହନ୍ତୁ। ରୋଗୀ ସହିତ ଠିକ୍ ସଂଯୋଗ ଓ ସହାନୁଭୂତିଶୀଳ ଆଚରଣରେ ଗୁରୁତ୍ୱ ଦିଅନ୍ତୁ। କ୍ଲିନିକ ସୀମିତ ନୁହେଁ – ସ୍ପୋର୍ଟ୍ସ, କମ୍ୟୁନିଟି ହେଲ୍‌ଥ, ରିସର୍ଚ୍ଚ ଓ କର୍ପୋରେଟ୍ ୱେଲ୍‌ନେସରେ ମଧ୍ୟ ବିଶାଳ ସୁଯୋଗ ଅଛି। ସେବା ଭାବ ସହିତ କାମକଲେ ଏହି ପେସା ଜୀବନକୁ ଅର୍ଥପୂର୍ଣ୍ଣ କରିଦେବ।

**▶▶ ଆଗାମୀ ୧୦ ବର୍ଷରେ ଭାରତରେ ଫିଜିଓଥେରାପି ପ୍ରତି ଭବିଷ୍ୟତ କ'ଣ? ସମଗ୍ର ହେଲ୍‌ଥ କେୟାରରେ କିପରି ପ୍ରଭାବ ପକାଇବ?**

● ମୋ ଦୃଷ୍ଟିରେ ଆଗାମୀ ୧୦ ବର୍ଷରେ ଫିଜିଓଥେରାପି ଭାରତର ହେଲ୍‌ଥ କେୟାରର ମୁଖ୍ୟ ଅଂଶ ହେବ। ଏହାକୁ ହସ୍ପିଟାଲ୍, ସ୍କୁଲ୍, କର୍ପୋରେଟ୍ ଓ ସ୍ପୋର୍ଟ୍ସ ସେଣ୍ଟରରେ ବ୍ୟାପକଭାବେ ସମାବେଶ କରାଯିବ।

# ପଞ୍ଜାବ ବନ୍ୟା ପ୍ରଭାବିତଙ୍କୁ ଟ୍ରଫି ଉତ୍ସର୍ଗ କଲେ ମନପ୍ରୀତ

**ରାଜଗିର, ୮।୯:** ଭେଟେରାନ ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଭାରତୀୟ ପୁରୁଷ ହକି ଦଳର ଏସିଆ କପ୍ ସଫଳତାକୁ ନିଜ ରାଜ୍ୟ ପଞ୍ଜାବରେ ହୋଇଥିବା ବନ୍ୟା ପ୍ରଭାବିତଙ୍କ ଲାଗି ଉତ୍ସର୍ଗ କରିଛନ୍ତି। ସୋମବାର ଭାରତୀୟ ଦଳ ୪-୧ ଗୋଲରେ କୋରିଆକୁ ହରାଇ ଚତୁର୍ଥ ଥର ପାଇଁ ହକି ଏସିଆ କପ୍ ଟାଇଟଲ ହାସଲ କରିଛି। ''ମୁଁ ଏହି ବିଜୟ ପଞ୍ଜାବର ଲୋକଙ୍କ ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛି, ଯେଉଁମାନେ ବିନାଶକାରୀ ବନ୍ୟାରେ ସେମାନଙ୍କର ଦୃଢ଼ତା ଓ ସାହସ ଦେଖାଉଛନ୍ତି। ନିଜ ଜୀବନକୁ ପୁଣି ଥରେ ସଜାଡ଼ିବାକୁ ଚେଷ୍ଟା କରୁଥିବା ପ୍ରତ୍ୟେକ ବନ୍ୟା ପ୍ରଭାବିତ ଏବଂ ଉଦ୍ଧାର କାର୍ଯ୍ୟରେ ଦିନ ଓ ରାତି କାମ କରୁଥିବା ନିଃସ୍ୱାର୍ଥପର ଭଲ୍ୟୁଣ୍ଟିୟର୍ସଙ୍କ ଲାଗି ଏହି ବିଜୟ'' ବୋଲି ୩୩ ବର୍ଷୀୟ ମନପ୍ରୀତ କହିଛନ୍ତି।

# ଭାରତକୁ ୩ୟ ସ୍ଥାନ

**ନୂଆଦିଲ୍ଲୀ, ୮।୯:** ଭାରତୀୟ ପୁରୁଷ ଫୁଟବଲ ଦଳ ସୋମବାର ପେନାଲ୍ଟି ଜରିଆରେ ଓମାନକୁ ହରାଇ କାଫା ନେଶନ୍ସ କପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଛି। ମ୍ୟାଚ୍‌ଟି ନିର୍ଦ୍ଧାରିତ ସମୟ ସୁଦ୍ଧା ୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚ୍‌ର ୫୫ତମ ମିନିଟ୍‌ରେ ଓମାନ ପାଇଁ ୟେମାଦି ଗୋଲ କରିଥିଲେ। ଜବାବରେ ଭାରତ ପାଇଁ ଉଡନ୍ତା ସିଂ ୮୦ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ପେନାଲ୍ଟି ଶୁଟ୍-ଆଉଟ୍‌ରେ ଭାରତୀୟ ଗୋଲକିପର ଗୁରପ୍ରୀତ ସିଂ ସାନ୍ଧୁ ଅନ୍ତିମ ପେନାଲ୍ଟି ବଞ୍ଚାଇ ଭାରତକୁ ୩-୨ ବ୍ୟବଧାନରେ ମ୍ୟାଚ୍ ଜିତାଇଥିଲେ। ଅନ୍ତର୍ଜାତୀୟ ଫୁଟବଲ ଇତିହାସରେ ଓମାନ ବିପକ୍ଷରେ ଏହା ଭାରତର ପ୍ରଥମ ବିଜୟ।


# Classified Everyday
0674-2580101, 9692975378


REAL ESTATE
SALE

ସିନ୍ଧିଆ High School ନିକଟ ଆଙ୍ଗୁଳାରେ Farmhouse, Cultivation, Business ପାଇଁ ଉପଯୁକ୍ତ land ସୁଲଭ ମୂଲ୍ୟରେ ଉପଲବ୍ଧ, ଯାହା ବାଲେଶ୍ୱର Railway Station ଠାରୁ 10 K.M. Direct owner. Contact- 7978551614, 9439049194. D-1873

**2047sqft. commercial (NH-57) boundarywall land sale at Pitapalli, Bhubaneswar-7008634668.** D-1877

ଉତ୍ତରା ନିକଟ ଗୁଡ଼ିଆପୋଖରୀ ଛକ ଠାରୁ 1.5KM ଓ 2.5.KM ଦୂରତାରେ 1750sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। 1460/- ଓ 1660/-. 7978551614. D-1872

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, **2BHK/3BHK Flat/ Duplex** ଅଛି। **8327785834.** D-1781

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Healthcare

Newly open health benefits spa by experts therapist con 8658088274. D-1866

AFFIDAVIT

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 06.09.2025, I, SYAMAGHANA SETHI, Son of Late Uchhab Sethi, Address: LIV-95, Ph-IV, Dumuduma Housing Board Colony, P.O.- Dumuduma, P.S.- Khandagiri, Bhubaneswar, Dist.- Khordha, Odisha-751019 declare that I have changed my name from SHAMA GHANA SETHI (Old Name) to SYAMAGHANA SETHI (New Name). Henceforth, I shall be known as SYAMAGHANA SETHI for all purposes.
SYAMAGHANA SETHI D-76591

I, Ashok Kumar Agrawal, S/o- Late Madan Lal Agrawalla, resident of At- Flat No.- 205, Parvati Villa, Nageswar Tangi, P.S.- Shree Lingaraj, Bhubaneswar, Dist.- Khurda, PIN- 751002 Odisha declare by this affidavit No.- 106, dtd. 06.09.2025 that now onwards I shall be known as Ashok Kumar Agrawalla for all purposes. D-76938

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Shyama Sundar Mohanty, S/o- Bajendra Nath Mohanty, Resident of Plot No.- 323/052/01, Kaliashani Temple, Kapilaprasad, Sundarpada, Bhubaneswar, P.S.- Air Field, Dist.- Khurdha, Odisha, Pin- 751002 declare by this affidavit No.- Vol.-II, Sl. No.- 1685, dated 06.09.2025 that now onwards I shall be known as **SHYAM SUNDAR MOHANTY** for all future purposes. D-1908

I, Sashikala Agarwal, W/o- Ashok Kumar Agrawalla, resident of At- Flat No.- 205, Parvati Villa, Nageswar Tangi, P.S.- Shree Lingaraj, Bhubaneswar, Dist.- Khurda, PIN- 751002, Odisha declare by this affidavit No.- 107, dtd. 06.09.2025 that now onwards I shall be known as Sashikala Agrawal for all future purposes. D-76937

ମୁଁ ସ୍ମିତ ସ୍ମରଣ ବେହେରା, ପିତା- ସମ୍ପଦ କୁମାର ବେହେରା, ମାତା ସସ୍ମିତା ବେହେରା, ଜନ୍ମ ତାରିଖ ୧୨।୧୨।୨୦୧୦, ଗ୍ରାମ- କୁସୁପୁର, ଗୋପ, ଜିଲ୍ଲା- ପୁରୀ ନିବାସୀ ଏକ କୋର୍ଟ ସତ୍ୟପାଠ ସଂଖ୍ୟା ୧୪ଏଏ- ୫୨୨୪୬୧, ତା ୨୧।୦୭।୨୦୨୫ ଅନୁସାରେ ମୋର ନାମ ପରିବର୍ତ୍ତନ କରୁଅଛି। ଆଜି ଦିନଠାରୁ ମୁଁ ମୋର ନୂତନ ନାମ ''ସ୍ମିତ ସ୍ମରଣ'' ନାମରେ ପରିଚିତ ହେବି। ଧ-୧୯୦୫

By virtue of an affidavit sworn before the Executive Magistrate, Tangi- Choudwar, dated 08.09.2025, I, SK Abdul Sidik, S/o- SK Abdul Gafur, Village/P.O.- Jaripada, P.S.- Tangi, Dist.- Cuttack- 754201, Odisha, declare that I, SK Abdul Sidik and SK. Abdul Siddik is one and same person. Henceforth, I shall be known as SK Abdul Sidik for all purposes.
SK Abdul Sidik D-1911

By virtue of an affidavit sworn before the Executive Magistrate, Angul, dated 8th day of September, 2025, I, Pramila Bagha, aged about 31 years, Wife of Hemanta Bagha, permanent resident of Dhanurjaypur, P.O.- Rageda, P.S./ SD- Narasinghpur, Dist.- Cuttack, PIN- 754032 Odisha bearing Aadhaar No.- xxxx xxxx 9695 declare that I have changed the name of my son from Janarddan Bagh to DANARDDAN AGHA. Henceforth, he shall be known as DANARDDAN AGHA for all purposes.
Pramila Bagha D-1912

By virtue of an affidavit sworn before the Executive Magistrate, Nimapara, Puri on dtd 6th September, I, Mrs "Baijayanti Swain", Address: At- Terahal, P.O.- Nuagopalpur, P.S.- Balanga, Dist.- Puri, Odisha, PIN- 752105, Odisha have been changed my name from "Baijanti Swain to "Baijayanti Swain". Henceforth, I shall be known as Baijayanti Swain for all purpose. D-1913

By virtue of an affidavit in the Notary Angul, I declare that my name is recorded as Vikaree Behera. S/o- Laxmidhara Behera, At/P.O.- Kandasar. P.S.- Nalco, Dist.- Angul. PIN- 759145. After 15 days of this publication any one complain about the in this advertisement. D-1910

I, Sanjeeb Kumar Sethi, S/o- Sarat Sethi, At- Aparna Nagar, Chauliaganj, Shantivihar, Cuttack, Dist.- Cuttack, PIN- 753004, Odisha declare by this affidavit No.- 77AA 135675, dated- 04.09.2025, that now onwards I shall be known as Sanjeep Kumar Sethi for all future purpose. D-1914


## LEGAL NOTICE

Letter No.-1697,
dt. 06.09.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍.)ଙ୍କ ଅଦାଲତ ନଂ. ୪ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୧୫୦୦/୨୦୨୨

ନୋଟିସ୍
(ସି.ପି.ସି. ଅର୍ଡର ୫, ରୁଲ୍-୨୦ ମୁତାବକ)

୧. ସୁଧାଂସୁ ଶେଖର ମିଶ୍ର, ବୟସ ୫୨ ବର୍ଷ, ୨. ଅମରେନ୍ଦ୍ର ଶେଖର ମିଶ୍ର, ବୟସ ୩୬ ବର୍ଷ,
ଏ ଦୁଇ ଜଣଙ୍କ ପିତା ପ୍ରତାପ ଚନ୍ଦ୍ର ମିଶ୍ର, ଠିକଣା ସା/ପୋଷ୍ଟ- ରୁଡ଼ିଆ, ଥାନା/ଜିଲ୍ଲା- ଯାଜପୁର, ଓଡ଼ିଶା .... ବାଦୀ

ବନାମ

ଲକ୍ଷ୍ମୀଧର ପୃଷ୍ଟି ଓଗେର ....ପ୍ରତିବାଦୀମାନେ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ୧ମ୍ବର: ଲକ୍ଷ୍ମୀଧର ପୃଷ୍ଟି,
ନଂ୨ମ୍ବର: ମନୋରଞ୍ଜନ ପୃଷ୍ଟି,
ଏ ଦୁଇ ଜଣଙ୍କ ପିତା ହାଡୁ ପୃଷ୍ଟି, ଠିକଣା: ସା/ପୋଷ୍ଟ/ଥାନା-ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ନଂ୩ମ୍ବର: ଘନ ବେହେରା, ନଂ୪ମ୍ବର: ଲିଙ୍ଗରାଜ ବେହେରା, ନଂ୫ମ୍ବର: ନାଥ ବେହେରା
ଏହି ତିନି ଜଣଙ୍କ ପିତା: କହ୍ନେଇ ବେହେରା, ନଂ୬ (A)ମ୍ବର : ହରେକୃଷ୍ଣ ଛୋଟରାୟ, ନଂ୬ (B)ମ୍ବର: ନିତ୍ୟାନନ୍ଦ ଛୋଟରାୟ, ନଂ୬ (C)ମ୍ବର : ନିମାଇଁ ଚରଣ ଜଗଦେବ
ଏହି ତିନି ଜଣଙ୍କ ପିତା- ସାଧୁ ଚରଣ ଜଗଦେବ।
ନଂ ୭ମ୍ବର: ନୀଳକଣ୍ଠ ବେହେରା, ପିତା- ଉଦି ବେହେରା, ନଂ୮ମ୍ବର: ମହନ ବେହେରା, ପିତା-ରଘୁ ବେହେରା, ନଂ୯ମ୍ବର: ଚୈତନ୍ୟ ବେହେରା, ପିତା- କୁଞ୍ଜ ବେହେରା, ନଂ୧୦ମ୍ବର: ନରେନ୍ଦ୍ର ବେହେରା, ପିତା ଗୋବିନ୍ଦ ବେହେରା, ନଂ୧୧ମ୍ବର: ଲକ୍ଷ୍ମୀଧର ବେହେରା, ନଂ.୧୨ମ୍ବର: ସୁରେନ୍ଦ୍ର ବେହେରା,
ଏ ଦୁଇ ଜଣଙ୍କ ପିତା- ଗୋପାଳ ବେହେରା
ନଂ୧୩ମ୍ବର: ବୁଲା ବେହେରା, ମଦନ ବେହେରା
ପ୍ରତିବାଦୀ ନମ୍ବର-୩ ଲଗାୟତ କ୍ରମିକ ସଂଖ୍ୟା ୧୩ ପର୍ଯ୍ୟନ୍ତ ସମସ୍ତଙ୍କ ଠିକଣା: ସା/ପୋଷ୍ଟ- ଅନ୍ଧାରୁଆ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।
ନଂ୧୪ମ୍ବର: ବିଜୟଲକ୍ଷ୍ମୀ ପ୍ରଧାନ, ସ୍ୱାମୀ- ଦୁଖବନ୍ଧୁ ବେହେରା, ଠିକଣା: ସା- ବାରବଙ୍କା, ଥାନା- ରାଇରାଖୋଲ, ଜିଲ୍ଲା- ସମ୍ବଲପୁର
ନଂ୧୫ମ୍ବର: ସ୍ନେହଲତା ପଟ୍ଟନାୟକ, ସ୍ୱାମୀ- ଭୁବନବିହାରୀ ପଟ୍ଟନାୟକ, ସା/ପୋଷ୍ଟ/ଥାନା- ଆଠଗଡ଼, ଜିଲ୍ଲା- କଟକ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନ ହୋଇ ବିଭିନ୍ନ କାରଣ ଦର୍ଶାଯାଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୧୩।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ଅନ୍ଧାରୁଆ, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା
ସାବିକ ଖାତା ନଂ.- ୧୭୯, ସାବିକ ପ୍ଲଟ୍ ନଂ.- ୧୮୩୭ (ଅଂଶ), ସାବିକ ରକବା- ଏ୦.୧୧୫ଡି., ହାଲ୍ ଖାତା ନଂ.- ୫୬୩, ହାଲ୍ ପ୍ଲଟ୍ ନଂ.- ୪୦୫୭/୮୧୫୫, ରକବା- ଏ୦.୧୧୫ଡି.।
ସାବିକ ମିୟୁଟେସନ ଖାତା ନଂ.- ୬୨୧/୬୭୮ମ୍ବର, ପ୍ଲଟ୍: ୧୮୩୭/୩୧୦୦, ଏ୦.୧୧୫ଡି.।

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ଓ ମୃତ ଥିବା ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ୪ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୯୦୪


# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଅବସରରେ



୰ ଶକୁନ୍ତଳା ନାୟକ
ନିଗମ ନଗର ୫ମ ଲାଇନ, ଆଙ୍କୁଲି, ବ୍ରହ୍ମପୁର
ଆବିର୍ଭାବ - ୨୬.୦୧.୧୯୪୫ / ତିରୋଧାନ : ୨୯.୦୮.୨୦୨୫

ଏବେ ମଧ୍ୟ ଆପଣଙ୍କ ହସ ହସ ମୁହଁ ସମସ୍ତେ ଭୁଲିପାରି ନାହାନ୍ତି। ଆମ୍ଭକୁ ବଞ୍ଚିବାର ରାସ୍ତା ଦେଖାଇ କେଉଁ ଅଫେରା ରାଇଜକୁ ଚାଲିଗଲ। ତୁମର ଆଦର୍ଶ, ଭଲପାଇବା, ସାଧୁତା ଆମ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା

ଶ୍ରଦ୍ଧାଞ୍ଜଳି ସହ :
ନାୟକ ପରିବାର ବର୍ଗ
ଧ-୧୯୧୧

ଫ୍ୟାଶନ

# ଫେଷ୍ଟିଭ ଜୁଏଲେରି



**ଆଉ କିଛି ଦିନ ପରେ ଦୁର୍ଗାପୂଜା ଏବଂ ଏହା ପରେ ବିବାହ ସିଜିନ୍ ଆସିଯିବ। ଏହି ସବୁ ସମୟରେ ଆପଣ କେଉଁ ଡିଜାଇନ୍‌ର ଜୁଏଲାରୀ ପିନ୍ଧିଲେ ଆପଣଙ୍କୁ ଭଲ ମାନିବ ଜାଣନ୍ତୁ ସେ ସମ୍ପର୍କରେ....**

ଆସେସରିଜ୍ ଏବଂ ଜୁଏଲେରି ବିନା ପୂଜା ପାର୍ବଣ ଫିକାଫିକା ଲାଗେ। ଏହି ମଉକାରେ ମହିଳା ନିଜର ଡ୍ରେସ୍‌ଅପ୍ ସହ ଜୁଏଲେରିରେ ଟ୍ରାଡିସ୍‌ନାଲ୍ ଟଚ୍ ପସନ୍ଦ କରିଥାନ୍ତି।

-ହେଭି ନେକ୍‌ଲେସ୍ ପିନ୍ଧିଲେ ଏହା ଆପଣଙ୍କୁ ଫେଷ୍ଟିଭ୍ ଟଚ୍ ଦେଇଥାଏ, ଏଥିପାଇଁ ମହିଳାମାନେ କୌଣସି ପର୍ବପର୍ବାଣିରେ ନେକ୍‌ପିସ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏବେ କୁନ୍ଦନ ୱାର୍କରେ ହେଭି ନେକ୍‌ଲେସ୍ ଟ୍ରେଣ୍ଡରେ ଚାଲୁଛି।

-ରିଙ୍ଗ୍ସ ଷ୍ଟାଇଲ୍‌ର ଇୟରରିଂ ବି ଟ୍ରେଣ୍ଡରେ ଚାଲିଛି। ଏହା ବ୍ୟତୀତ ଝୁମୁକା ,ଘୁଙ୍ଗୁର ଥିବା ଇୟର ରିଙ୍ଗ୍ସ ପିନ୍ଧିପାରିବେ।

-ପାଦରେ ବିଛା ପାଉଁଜି ପିନ୍ଧିପାରିବେ। ଏହା ପାଦକୁ ଭଲ ମାନିଥାଏ।

- କୌଣସି ଫେଷ୍ଟିଭ୍‌ରେ ମୟୂର ଡିଜାଇନ୍‌ର ଜୁଏଲେରିକୁ ଅଧିକ ଧ୍ୟାନ ଦିଆଯାଉଛି।

ଏହି ଡିଜାଇନ୍‌ରେ ମୁଦି, ଇୟର ରିଙ୍ଗ୍ସ ଏବଂ ନେକ୍‌ଲେସ୍ ବହୁତ ସୁନ୍ଦର ମାନିଥାଏ।

# ଘରେ ସୁଖ ସମୃଦ୍ଧି ପାଇଁ ...

**ଘରେ ସୁଖ ସମୃଦ୍ଧି ବଢ଼ିବାକୁ ସମସ୍ତେ ଚାହାନ୍ତି। ନିଜ ଘରେ ଏକ ଶାନ୍ତିର ପରିବେଶ ପାଇଁ କେତେକ ବାସ୍ତୁ ଶାସ୍ତ୍ରରେ ଉଲ୍ଲେଖ କରାଯାଇଥିବା ନିୟମ ପାଳନ କରିପାରନ୍ତି। ଜାଣନ୍ତୁ କେତୋଟି ଟିପ୍ସ...**

**ମୁଖ୍ୟ ଦ୍ୱାର ଉପରେ ଧ୍ୟାନ ଦିଅନ୍ତୁ**

ଘରର ମୁଖ୍ୟ ଦ୍ୱାର ସବୁବେଳେ ସଫାସୁତୁରା ରଖନ୍ତୁ। ମୁଖ୍ୟ ଦ୍ୱାରରେ ଓମ୍ କିମ୍ବା ସ୍ୱସ୍ତିକ ଚିତ୍ର ବନାନ୍ତୁ। ଏହାଦ୍ୱାରା ଘରେ ସକାରାତ୍ମକ ଭାବନା ପ୍ରବେଶ କରିଥାଏ। ସନ୍ଧ୍ୟା ସମୟରେ ମୁଖ୍ୟ ଦ୍ୱାରରେ ଦୀପ ଜଳାନ୍ତୁ। ଏହାଦ୍ୱାରା ଲକ୍ଷ୍ମୀ ମା' ପ୍ରସନ୍ନ ହୁଅନ୍ତି।

**ପୂଜାଘରର ଠିକ୍ ଦିଗ**

ପୂଜାଘରକୁ ସବୁବେଳେ ଉତ୍ତର-ପୂର୍ବ ଦିଗରେ କରନ୍ତୁ। ଏହି ଦିଗରେ ପୂଜାଘର ରଖିବା ଦ୍ୱାରା ଦେବତାମାନେ ପ୍ରସନ୍ନ ହୋଇଥାନ୍ତି।

**ଝାଡୁକୁ ଲୁଚାଇ ରଖନ୍ତୁ**

ଝାଡୁକୁ ଲକ୍ଷ୍ମୀଙ୍କ ପ୍ରତୀକ ବୋଲି ବୁଝାଯାଏ। ଏହାକୁ ସବୁବେଳେ ଏପରି ସ୍ଥାନରେ ରଖନ୍ତୁ ଏହା ଯେପରି ବାହାର ଲୋକଙ୍କ ନଜରରେ ନ ଆସେ। ଝାଡୁ କେବେ ବି ଠିଆକରି ରଖନ୍ତୁ ନାହିଁ କି କେବେ ଏଥିରେ ଗୋଡ଼ ଲଗାନ୍ତୁ ନାହିଁ।

**ପାଣି ଟ୍ୟାପ୍ ଠିକ୍ ରଖନ୍ତୁ**

ଘରେ ପାଣିର ଲିକେଜ୍ କେଉଁଠାରେ ହେବାକୁ ଦିଅନ୍ତୁ ନାହିଁ। ଏହାଦ୍ୱାରା ଧନହାନି ହୁଏ ବୋଲି କୁହାଯାଏ। ସୁନିଶ୍ଚିତ କରନ୍ତୁ ଯେ ଘରେ ଯେପରି କୌଣସି ବି ନଳ ଲିକ୍ ନ ରହୁ।

**ଲୁଣପାଣିରେ ଘର ପୋଛନ୍ତୁ**





ସପ୍ତାହରେ ଥରେ ଘରେ ଲୁଣପାଣିରେ ପୋଛା ଲଗାନ୍ତୁ। ଏହାଦ୍ୱାରା ଘରେ ନକାରାତ୍ମକ ଉର୍ଜା ଦୂରହୋଇଥାଏ ଏବଂ ସକାରାତ୍ମକ ଭାବନା ପ୍ରବେଶ କରିଥାଏ।

**ତୁଳସୀ ବୃକ୍ଷ**

ଘର ଦୁଆରମୁହଁରେ କିମ୍ବା ବାଲ୍‌କୋନିରେ ତୁଳସୀ ବୃକ୍ଷ ଲଗାନ୍ତୁ। ଏହାକୁ ନିୟମିତ ଜଳ ଦେବା ସହ ଦୀପ ଦେଇ ପୂଜାକରନ୍ତୁ।

**ବାସିଖାଦ୍ୟ ରଖନ୍ତୁ ନାହିଁ**

ରାତିରେ ବଳିପଡ଼ିଥିବା ଖାଦ୍ୟକୁ ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକାରାତ୍ମକ ଭାବନା ବଢ଼ିଥାଏ।

**ଧନ ବାକ୍ସକୁ ଠିକ୍ ସ୍ଥାନରେ ରଖନ୍ତୁ**

ଧନ ରଖାଯାଉଥିବା ତିଜୋରିକୁ ସବୁବେଳେ ଘରର ଉତ୍ତର ଦିଗରେ ରଖନ୍ତୁ। କାରଣ ଏହି ଦିଗ କୁବେରଙ୍କ ସ୍ଥାନ ହୋଇଥାଏ।

**କାନ୍ଥରେ ଲଗାନ୍ତୁ ପରିବାରର ଫଟୋ**

କାନ୍ଥରେ ପରିବାରର ହସୁଥିବାର ଫଟୋ ଲଗାନ୍ତୁ। ଏହାକୁ ଲଗାଇବା ସମୟରେ ପୂର୍ବ ଏବଂ ଉତ୍ତର ଦିଗରେ ଲଗାନ୍ତୁ। ଏହାଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ପ୍ରେମ ବଢ଼ିଥାଏ।



# ଅଫିସ୍ ମ୍ୟାନରସ୍

**ଆଜିକାଲି ଅନେକ ମହିଳା କର୍ମଜୀବୀ। ତେଣୁ ନିଜର କର୍ମଭୂମିରେ ନିଜର ଦାୟିତ୍ୱ ସହ ଆଉ କେତେକ ବିଷୟ ପ୍ରତି ସେମାନେ ସଚେତନ ରହିବା ନିହାତି ଆବଶ୍ୟକ। ତନ୍ମଧ୍ୟରୁ ଅଫିସ୍‌ର ମ୍ୟାନରସ୍ ଅନ୍ୟତମ। ସେ ବିଷୟରେ ସୂଚନା....**

"ଅଫିସ୍‌ର ପରିବେଶରେ ନୀରବତା ହେଉଛି ସବୁଠାରୁ ବଡ଼ କଥା। ଯଦି ଏହା କୋଳାହଳପୂର୍ଣ୍ଣ ହୁଏ ତେବେ ତାହାର ପ୍ରଭାବ କାର୍ଯ୍ୟଧାରା ଉପରେ ପଡ଼ିଥାଏ। ତେଣୁ ଅଫିସ୍ ଭିତରେ କିପରି ଶାନ୍ତ ପରିବେଶ ରହିବ ସେ ନେଇ ଧ୍ୟାନ ଦିଅନ୍ତୁ। ନିଜେ ମଧ୍ୟ ଅଫିସ୍ ଭିତରେ ଶାନ୍ତ ରୁହନ୍ତୁ ଏବଂ ଏଭଳି ପରିବେଶ ସୃଷ୍ଟିକରନ୍ତୁ ନାହିଁ ଯାହାଦ୍ୱାରା ଅନ୍ୟମାନେ ଆପଣଙ୍କ ଆଡ଼କୁ ଆଙ୍ଗୁଠି ଉଠାଇବେ। ଅଫିସ୍‌ରେ କଥାହେବା ସମୟରେ ଧୀରେ କଥା ହୁଅନ୍ତୁ।"

**ଅନୁଶାସନ:** ଆପଣଙ୍କ ପାଇଁ ଅଫିସ୍‌ର ଡିସିପ୍ଲିନ୍ ବା ଅନୁଶାସନ ଖରାପ ନ ହେଉ ଏଥିପାଇଁ ଆପଣ ବି ଅଫିସ୍ ମ୍ୟାନରସ୍ ଜାଣିବା ନିହାତି ଜରୁରୀ। ଅଫିସ୍‌ରେ ସମସ୍ତେ ଚାହାନ୍ତି ନିଜ ପାଇଁ ଏକ ପ୍ରାଇଭେଟ୍ ସ୍ପେସ୍। ଫଳରେ ସେମାନେ କୌଣସି ପ୍ରତିବନ୍ଧକ ଦ୍ୱାରା କାମ ସହଜରେ କରିପାରିବେ। ଆମେରିକାରେ ହୋଇଥିବା ଏକ ସର୍ଭେରେ ଦେଖାଯାଇଛି ପ୍ରାୟ ୭୦ ପ୍ରତିଶତ ଲୋକଙ୍କର ଅଫିସ୍ କାମରେ ହୋହାଲ୍ଲା ବାତାବରଣ କାରଣରୁ କାମ କରିବାରେ ବାଧା ଉପୁଜିଥାଏ। ତେଣୁ ଅଫିସ୍‌ରେ ଡିସିପ୍ଲିନ୍‌ର ଆବଶ୍ୟକତା ରହିଛି। ଅଫିସ ପରିବେଶ ଯେପରି ଆପଣଙ୍କ ଦ୍ୱାରା ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଆବଶ୍ୟକତା ନ ଥିଲେ କାହା ସହ କଥା ନ ହେବା ଭଲ। ଅଯଥାରେ ନିଜ କାମକୁ ପଛରେ ପକାଇ ଅନ୍ୟମାନଙ୍କ ସହ ଗପିବା ଠିକ୍ ନୁହେଁ।

**ସମୟାନୁବର୍ତ୍ତିତା:** ଆଉ ଏକ କଥା ହେଲା ସମୟାନୁବର୍ତ୍ତିତା। ଅଫିସରେ ସବୁବେଳେ ଠିକ୍ ସମୟରେ ପହଞ୍ଚନ୍ତୁ। ଯଦି ବିଳମ୍ବରେ ଯିବା ଏକ ଅଭ୍ୟାସରେ ପରିଣତ ହୋଇଗଲା ତେବେ ସମୟ ଆସିବ ଏଥିପାଇଁ ତୁମକୁ ଦିନେ ନିନ୍ଦିତ ହେବାକୁ ପଡ଼ିପାରେ। ତେଣୁ ନିଜର ଅଫିସ୍ ଟାଇମିଂ ନେଇ ସବୁବେଳେ ସଚେତନ ରୁହନ୍ତୁ।





**ଅଫିସ୍ ନିୟମ ମାନନ୍ତୁ:** ନିଜ ସ୍ଥାନରେ ଠିଆହୋଇ ଅନ୍ୟକୁ ଲକ୍ଷ୍ୟ କରିବା। ଅନ୍ୟ ଜଣକ ଅଫିସ୍ ସମ୍ବନ୍ଧୀୟ କାଗଜପତ୍ର କିମ୍ବା ଫାଇଲ୍ ପତ୍ର ଫୋପାଡ଼ିଦେବା ଆଦି ଏହା ଅଫିସ୍ ନିୟମ ବିରୁଦ୍ଧରେ ଯିବା। ଇଂରାଜିରେ ଏହାକୁ ପ୍ରେୟରି ଡଗିଂ କୁହାଯାଏ। ସହକର୍ମୀଙ୍କ ସିଟ୍ ପାଖକୁ ଯାଇ ତାଙ୍କ ସହ କଥା ହେବା, ଜୋର୍ ଜୋର୍‌ରେ ଗପିବା ଦ୍ୱାରା ଅନ୍ୟମାନଙ୍କ କାମ ପ୍ରଭାବିତ ହୋଇଥାଏ। ହୋଇପାରେ ଆପଣ କାମରୁ ଟିକେ ବ୍ରେକ୍ ନେଇ ଗପିବା ମୁଡ୍‌ରେ ଥାଇପାରନ୍ତି, କିନ୍ତୁ ଦେଖିବା କଥା ଯେ ଆପଣଙ୍କ ସହ କଥା ହେବା ପାଇଁ ଅନ୍ୟ ଜଣଙ୍କର ମୁଡ୍ ହୁଏତ ନ ଥାଇ ପାରେ।

**ସାଇଲେନ୍ସ ପ୍ଲିଜ୍:** ଅଫିସ୍‌ର ପରିବେଶରେ ନୀରବତା ହେଉଛି ସବୁଠାରୁ ବଡ଼ କଥା। ଯଦି ଏହା କୋଳାହଳପୂର୍ଣ୍ଣ ହୁଏ ତେବେ ତାହାର ପ୍ରଭାବ କାର୍ଯ୍ୟଧାରା ଉପରେ ପଡ଼ିଥାଏ। ତେଣୁ ଅଫିସ ଭିତରେ କିପରି ଶାନ୍ତ ପରିବେଶ ରହିବ ସେ ନେଇ ଧ୍ୟାନ ଦିଅନ୍ତୁ। ନିଜେ ମଧ୍ୟ ଅଫିସ୍ ଭିତରେ ଶାନ୍ତ ରୁହନ୍ତୁ ଏବଂ ଏଭଳି ପରିବେଶ ସୃଷ୍ଟିକରନ୍ତୁ ନାହିଁ ଯାହାଦ୍ୱାରା ଅନ୍ୟମାନେ ଆପଣଙ୍କ ଆଡ଼କୁ ଆଙ୍ଗୁଠି ଉଠାଇବେ। ଅଫିସ୍‌ରେ କଥାହେବା ସମୟରେ ଧୀରେ କଥା ହୁଅନ୍ତୁ।

**ସହଯୋଗ:** ଅଫିସ୍‌ରେ ଯଦି କେହି ଆପଣଙ୍କ ସହଯୋଗ ଲୋଡୁଛନ୍ତି ତେବେ ନିଜର ସାମର୍ଥ୍ୟ ଅନୁସାରେ ସାହାଯ୍ୟ କରନ୍ତୁ। ଏହାଦ୍ୱାରା ଯେପରି ନିଜର କାର୍ଯ୍ୟ ପ୍ରଭାବିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଏପରି ବି ସମୟ ଆସିପାରେ ଆପଣ ଅନ୍ୟମାନଙ୍କର ସହଯୋଗ ଚାହିଁବେ। ତେଣୁ ଅଫିସ ଭିତରେ ଏକ ବନ୍ଧୁତ୍ୱର ପରିବେଶ ରହିବା ନିହାତି ଦରକାର। କାରଣ ଅଫିସ କାମ ହେଉଛି ଏକ ଟିମ୍ ୱାର୍କ। ଅଫିସ୍‌ରେ କର୍ମଚାରୀମାନଙ୍କ ଭିତରେ ସହଯୋଗ ରହିଲେ ସବୁ କିଛି ଠିକ୍‌ଠାକ୍ ଚାଲିବ।


**ସ୍ମାର୍ଟଫୋନ୍‌ର ସାଉଣ୍ଡ:** ଆପଣଙ୍କ ଫୋନ୍‌ରେ ଥିବା ରିଂଟୋନ୍ କିମ୍ବା ଅଧିକ ଶବ୍ଦ ଅନ୍ୟମାନଙ୍କୁ ଅସୁବିଧାରେ ପକାଇପାରେ , ଖାସ୍‌କରି ଯେତେବେଳ ଆପଣଙ୍କର ଅଧିକ କଲ୍ ଆସୁଥିବା କାରଣରୁ। ଏଥିପାଇଁ ମୋବାଇଲର ରିଂଟୋନ୍ ଭଲ୍ୟୁମ୍ କମ୍ ରଖନ୍ତୁ। ଯଦି ଆପଣଙ୍କର ଜୋର୍‌ରେ କାହା ସହ କଥା ହେବାର ଅଛି ତେବେ ବାହାରକୁ ଯାଇ କଥା ହୋଇଯାଆନ୍ତୁ। କାମରୁ ଯଦି ଟିକେ ବ୍ରେକ୍ ନେଇ ମୋବାଇଲ ଭିଡିଓ ଦେଖିବାକୁ ଇଚ୍ଛା ଥିଲେ କିମ୍ବା ଗୀତ ଶୁଣିବାର ଥିଲେ ଫୋନ୍‌କୁ ସାଇଲେଣ୍ଟ ମୋଡ୍‌ରେ ରଖିବା ସହ କାନରେ ହେଡ୍‌ଫୋନ୍ ଲଗାଇ ଶୁଣନ୍ତୁ। ଚୁପ୍‌ଚାପ୍ ଶୁଣନ୍ତୁ। ଗୁଣୁଗୁଣେଇବା ଆପଣଙ୍କୁ ହୁଏତ ଭଲ ଲାଗିପାରେ, କିନ୍ତୁ ଅନ୍ୟଙ୍କୁ ଖରାପ ।

**ଭଲ ନୁହେଁ କାହାର ଜିନିଷ ନେବା:** କୌଣସି କଲିଗ୍‌ଙ୍କର କୌଣସି ବି ଜିନିଷ ଉଠାଇବା ପୂର୍ବରୁ ପଚାରିନେବା ଭଲ। ସେ ଆପଣଙ୍କର ଯେତେ ଭଲ ସାଙ୍ଗ ହୋଇଥାଆନ୍ତୁ ନା କାହିଁକି , ଯେଉଁ ଜିନିଷ ନେଇଛନ୍ତି ତାକୁ ଫେରାଇବା ଏବଂ ସେହି ସ୍ଥାନରେ ରଖିବା ହେଉଛି ଆପଣଙ୍କ ଦାୟିତ୍ୱ।

**କାମ ସହ ମ୍ୟାଚିଂ:** ଆପଣ ବସି ଯେଉଁଠି କାମ କରୁଛନ୍ତି ତାହା ଯଦି ବହୁତ ଛୋଟ ଡେସ୍କ ତେବେ ସେଠାରେ ବସିକି ଖାଆନ୍ତୁ ନାହିଁ। ଖାସ୍‌କରି ଯେଉଁ ଖାଦ୍ୟ ଖାଇବା ଅନ୍ୟମାନେ ଏହାଦ୍ୱାରା ପ୍ରଭାବିତ ହେବେ ତା' ଠାରୁ ଦୂରେଇ ରୁହନ୍ତୁ। ଡେସ୍କରେ ବସି ଖାଇବା ଦ୍ୱାରା ସ୍ଥାନ ଅପରିଷ୍କାର ହେବା ସହ କି ବୋର୍ଡ ପରି କେତେକ ଡେଲିକେଟ୍ ଜିନିଷ ଖରାପ ହେବାର ଆଶଙ୍କା ରହିଛି। ଖାଦ୍ୟ ଖାଇବା ପାଇଁ ଅଧିକ ସମୟ ନିଅନ୍ତୁ ନାହିଁ। ଏଥିପାଇଁ ପାଇଁ କିଛି ସମୟ ରହିଥାଏ।

**ସୋବର ହେବ ଅଫିସ୍ ଡେସ୍କ**

ଆପଣ ଅଫିସ୍ ଡେସ୍କକୁ ସୁନ୍ଦର ଭାବେ ସଜାଇ ଥାଇପାରନ୍ତି, କିନ୍ତୁ ଏହାର ଅର୍ଥ ନୁହେଁ ଯେ ଡେସ୍କ ଉପରେ ଆପଣ ଫେଙ୍ଗ୍ ଶୁଇ ଆଇଟମ୍, ଏକ କାର୍ଟୁନ କ୍ୟାରେକ୍ଟର, ଭଗବାନ୍‌ଙ୍କ ମୂର୍ତ୍ତି,ଏକ ଟେବୁଲ କ୍ୟାଲେଣ୍ଡର, ଏକ ଫ୍ୟାମିଲ ଫଟୋ ଆଦି ସବୁ ରଖିବେ। ଡେସ୍କ ଉପରେ ସଜାସଜି ଜିନିଷ ରଖନ୍ତୁ ନାହିଁ । କେବଳ ଭଗବାନ୍‌ଙ୍କ ମୂର୍ତ୍ତି ରଖିବା ସହିତ ସେଥିରେ ପ୍ରତିଦିନ ଫୁଲ ମଧ୍ୟ ଚଢ଼ାଯାଇଥାଏ। ଅଫିସ୍‌ରେ ଏସବୁ ଜିନିଷଠାରୁ ଦୂରେଇରହିବା ଭଲ।





ସୌନ୍ଦର୍ଯ୍ୟ

# ୱାଟରପ୍ରୁଫ୍ ମସ୍କରା

**ମସ୍କରା ଲଗାଇଲେ ଆଖି ସୁନ୍ଦର ଦେଖାଯାଇଥାଏ। କିନ୍ତୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଆଖିର କେଶ ଝଡ଼ିବା,ଆଲର୍ଜି, ଇନ୍‌ଫେକ୍‌ସନ ଭୟ ରହିଥାଏ। ଜାଣନ୍ତୁ ଏଥିରୁ ରକ୍ଷା ପାଇବାକୁ ହେଲେ କେତୋଟି ଉପାୟ...**




ଏବେ ମେକ୍‌ଅପ୍‌ର ଟ୍ରେଣ୍ଡ ଚାଲିଛି, ଏଥିପାଇଁ ସମସ୍ତେ ଚାହାନ୍ତି ସେମାନେ କିପରି ସୁନ୍ଦର ଦେଖାଯିବେ ଏଥିଲାଗି ଅଲଗା ଅଲଗା ପ୍ରଡକ୍ଟ ବ୍ୟବହାର କରୁଛନ୍ତି। ଖାସ୍‌କରି ୱାଟରପ୍ରୁଫ୍ ମସ୍କରା ମହିଳାମାନେ ଅଧିକ ପସନ୍ଦ କରିଥାନ୍ତି। କାରଣ ଏହା ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ପାଣି କିମ୍ବା ଝାଳରେ ଏହା ସହଜରେ ଧୋଇହୋଇ ନ ଥାଏ। ଯେଉଁଠି ୱାଟରପ୍ରୁଫ୍ ମସ୍କରା ଆଖି ପଲକକୁ ସୁନ୍ଦର, ଡାର୍କ ଦେଖାଯିବା ସହ ଏହା ଆଖି ପାଇଁ କ୍ଷତିକାରକ ହୋଇଥାଏ। ଆସନ୍ତୁ ଜାଣିବା କିପରି:

**ଆଖି ପଲକ ଝଡ଼ିଥାଏ**

ୱାଟରପ୍ରୁଫ୍ ମସ୍କରା ଛଡାଇବା ସହଜ ନୁହେଁ। ଏଥିପାଇଁ ଆମକୁ ମେକ୍‌ଅପ୍ ରିମୁଭରର ଅଧିକ ବ୍ୟବହାର କରିବାକୁ ପଡ଼ିଥାଏ। ଏହାଦ୍ୱାରା ଆଖି ପଲକର ମୂଳ ଦୁର୍ବଳ ହୋଇଯାଏ। ଫଳରେ ଆଖି ପଲକରେ ଥିବା କେଶଗୁଡିକ ଝଡ଼ିବା ଆରମ୍ଭ କରିଥାଏ।

**ଆଖିରେ ଆଲର୍ଜି ଦେଖାଯାଇପାରେ**

ଅଧିକାଂଶ ମସ୍କରା ୱାଟରପ୍ରୁଫ୍ କେମିକାଲ ବାଲା ହୋଇଥାଏ। ଯାହା ଆଖିକୁ କ୍ଷତି ପହଞ୍ଚାଇଥାଏ। ଯେଉଁ କାରଣରୁ କୁଣ୍ଡେଇହେବା,ଜ୍ୱଳନ ପରି ସମସ୍ୟା ଦେଖାଯାଇଥାଏ। ଯେଉଁମାନଙ୍କର ତ୍ୱଚା ସେନ୍‌ସିଟିଭ୍ ହୋଇଥାଏ ତାଙ୍କ ଲାଗି ଏହା ଅଧିକ କ୍ଷତିକାରକ ହୋଇଥାଏ।



**ଶୁଷ୍କ ଭଳି ଲାଗିଥାଏ**

ୱାଟରପ୍ରୁଫ୍ ମସ୍କରା ପଲକକୁ ଡ୍ରାଏ କରିଦେଇଥାଏ। ଯେତେବେଳେ ଏହା ଅଧିକ ସମୟ ପର୍ଯ୍ୟନ୍ତ ଲାଗି ରହିଥାଏ ଆଖିର ଓଦାଳିଆପଣ ଶୁଖିଯାଇଥାଏ। ଫଳରେ ଆଖିପଲକରେ ଜୀବନ ନ ଥିବା ଭଳି ଲାଗିବା ସହ ଆଖିର ନାଚୁରାଲ ଚମକ ବି ହଜିଲା ପରି ଲାଗିଥାଏ।

**ମସ୍କରା ଲଗାଇବା ସମୟରେ ସାବଧାନତା**

★ୱାଟରପ୍ରୁଫ୍ ମସ୍କରାକୁ ପ୍ରତିଦିନ ବ୍ୟବହାର କରନ୍ତୁ ନାହିଁ କିମ୍ବା ଜରୁରୀ ନ ଥିଲେ ଏହାକୁ ଲଗାନ୍ତୁ ନାହିଁ।

★ସବୁବେଳେ ଭଲ କ୍ୱାଲିଟିର ମସ୍କରା ବ୍ୟବହାର କରନ୍ତୁ।

★ମସ୍କରା ସଫାକରିବା ଲାଗି ଅଏଲ ବେସ୍‌ଡ ମେକ୍‌ଅପ୍ ରିମୁଭରର ବ୍ୟବହାର କରନ୍ତୁ। ଫଳରେ ପଲକ ଅଧିକ କ୍ଷତିଗ୍ରସ୍ତ ହେବ ନାହିଁ।

★ରାତିରେ ଶୋଇବା ପୂର୍ବରୁ ମେକ୍‌ଅପ୍ ନିଶ୍ଚିତ ସଫା କରନ୍ତୁ।

ଖାଦ୍ୟରୁଚି

# ବଟନ୍ ମସ୍‌ରୁମ୍ ପକୋଡ଼ା

**ଆବଶ୍ୟକ ସାମଗ୍ରୀ**

ମସ୍‌ରୁମ୍ ୫୦୦ଗ୍ରାମ୍, ଗରମ ମସଲା, ହଳଦୀ ପାଉଡର, ଜିରା ପାଉଡର, ଟମାଟୋ, ପିଆଜ ରସୁଣ ଅଦା ପେଷ୍ଟ, ବେସନ, ଧନିଆ ପାଉଡର, କର୍ନଫ୍ଲୋର, ସ୍ୱାଦ ଅନୁସାରେ ଲୁଣ, ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ମସ୍‌ରୁମ୍‌କୁ ଭଲଭାବେ ଧୋଇଦିଅନ୍ତୁ। ଏହା ପରେ ସେଥିରୁ ଭଲଭାବେ ପାଣି ଅଂଶ କାଢ଼ି ଦିଅନ୍ତୁ। ଏବେ ସେଥିରେ ଧନିଆ ପାଉଡର, ଜିରା ପାଉଡର, ହଳଦୀଗୁଣ୍ଡ, ଗରମ ମସଲା,ସ୍ୱାଦ ଅନୁସାରେ ଲୁଣ,ବେସନ, କର୍ନଫ୍ଲୋର, ଅଦା ରସୁଣ ପିଆଜ ଟମାଟୋ ପେଷ୍ଟକୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଗ୍ୟାସ୍ ଚୁଲାରେ କଡ଼େଇ ବସାନ୍ତୁ। ତେଲ ପକାଇ ଗରମ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।

ଏବେ ଗୋଳା ହୋଇଥିବା ମସ୍‌ରୁମ୍‌କୁ କଡ଼େଇରେ ପକାନ୍ତୁ। ଏହା ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ମସ୍‌ରୁମ୍ ହୋଇଗଲା ପରେ ତାକୁ କାଢ଼ି ଟମାଟୋ ସସ୍ ଏବଂ ଚିଲି ସସ୍‌ରେ ଖାଇପାରିବେ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୯/୨୦୨୫ Bhubaneswar, Tuesday, September 9/ 2025

# ଚାମ୍ପିୟନ ସହ ଅଲ୍‌କାରାଜ ନଂ-୧


**ନ୍ୟୁୟର୍କ, ୮।୯(ଏପି)**

ଚଳିତ ଟେନିସ ସିଜନର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ସ୍ପେନର କାର୍ଲୋସ ଅଲ୍‌କାରାଜ ଚାମ୍ପିୟନ ହୋଇଛନ୍ତି। ସେ ତାଙ୍କର ଚିରପ୍ରତିଦ୍ୱନ୍ଦ୍ୱୀ ତଥା ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନରଙ୍କୁ ହରାଇ ୟୁଏସ୍ ଓପନ ଜିତିବା ସହ ଏଟିପି ର‌୍ୟାଙ୍କିଙ୍ଗ୍‌ସରେ ନଂ-୧ ପୋଜିଶନ ହାସଲ କରିଛନ୍ତି। ୨୨ ବର୍ଷୀୟ ଅଲ୍‌କାରାଜଙ୍କ କ୍ୟାରିୟରର ଏହା ଷଷ୍ଠ ଗ୍ରାଣ୍ଡସ୍ଲାମ ଓ ଦ୍ୱିତୀୟ ୟୁଏସ୍ ଓପନ ଟାଇଟଲ। ଚଳିତ ସିଜନରେ ଏହା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ।

## ୟୁଏସ୍ ଓପନ ଟେନିସ

ହେଲେ ସେ ୱିମ୍ବଲଡନ ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ପରାସ୍ତ ହୋଇଥିଲେ। ଟେନିସ ଇତିହାସରେ ପ୍ରଥମ ଥର ପାଇଁ ଗୋଟିଏ ସିଜନରେ ଲଗାତର ୩ ଗ୍ରାଣ୍ଡସ୍ଲାମ ଫାଇନାଲରେ ଅଲ୍‌କାରାଜ ଓ ସିନର ପରସ୍ପରକୁ ଭେଟିଥିଲେ। ଏହା ସିନରଙ୍କ ବିପକ୍ଷରେ ଅଲକାରାଜଙ୍କର ୧୦ମ ବିଜୟ। ଦୁଇ ଖେଳାଳିଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ୧୫ ଥର ମୁକାବିଲା ହୋଇଥିବା ବେଳେ ସିନର ୫ ଥର ବିଜୟୀ ହୋଇଛନ୍ତି। ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଦୁହେଁ ପରସ୍ପରକୁ ୧୦ ଥର ଭେଟାଭେଟି ହୋଇଥିବା ବେଳେ ଏହା ଅଲ୍‌କାରାଜଙ୍କର ଷଷ୍ଠ ବିଜୟ ଥିଲା। ଏହି ଦୁଇ ଖେଳାଳି ଗତ ୮ରୁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରୁ ୪ଟି ଲେଖାଏ ଟ୍ରଫି ଜିତିଛନ୍ତି।

ରବିବାର ଆର୍ଥର ଆଶ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦ୍ୱିତୀୟ ସିଡ୍ ଅଲକାରାଜ ୬-୨, ୩-୬, ୬-୧, ୬-୪ ସେଟ୍‌ରେ ପ୍ରଥମ ସିଡ୍ ସିନରଙ୍କୁ ପରାସ୍ତ କରିଛନ୍ତି। ୨ ଘଣ୍ଟା ୪୨ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ରେ ବିଜୟ ସହ ଅଭିଯାନ ଅଲକାରାଜଙ୍କୁ ଦ୍ୱିତୀୟ ସେଟ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହେଲେ ସେ ତୃତୀୟ ସେଟ୍‌କୁ ଜିତି ମ୍ୟାଚ୍‌କୁ ଫେରିଥିଲେ। ଚତୁର୍ଥ ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ ସିନରଙ୍କର ସର୍ଭିସରେ ତ୍ରୁଟି କାରଣରୁ ଅଲକାରାଜ ବାଜି ମାରି ନେଇଥିଲେ। ଏହି ବିଜୟ ଅଲ୍‌କାରାଜ ଗତ ୱିମ୍ବଲଡନ ଫାଇନାଲରେ ସିନରଙ୍କଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ସିନର ପୂରା ଟୁର୍ନାମେଣ୍ଟରେ ମାତ୍ର ଗୋଟିଏ ସର୍ଭିସ ଗେମ୍‌ରେ ପରାଜିତ ହୋଇଥିଲେ। ହେଲେ ରବିବାର ଅଲ୍‌କାରାଜ ୫ ଥର ସିନରଙ୍କ ସର୍ଭିସ ଗେମ୍ ଜିତିଥିଲେ। ଏହି ପରାଜୟ ସହ ହାର୍ଡକୋର୍ଟରେ ସିନରଙ୍କର ଚାଲିଥିବା ବିଜୟଧାରାରେ ବ୍ରେକ୍ ଲାଗିଛି। ସେ ହାର୍ଡ କୋର୍ଟ ଟୁର୍ନାମେଣ୍ଟରେ ଲଗାତର ୨୭ ମ୍ୟାଚ୍ ଜିତିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତି ଯୋଗୁ ଷ୍ଟାଡିୟମରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଥିଲା, ଯାହା ଫଳରେ ହଜାର ହଜାର ପ୍ରଶଂସକ ଷ୍ଟାଡିୟମ ବାହାରେ ଅଟକି ରହିଥିଲେ। ଏଥିଯୋଗୁ ଫାଇନାଲ ମ୍ୟାଚ୍ ଅଧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।



ଟ୍ରଫି ସହ କାର୍ଲୋସ ଅଲ୍‌କାରାଜ।

# ଆଜିଠୁ ଏସିଆ କପ୍ କ୍ରିକେଟ

**ଆବୁଧାବି, ୮।୯:** ମଙ୍ଗଳବାରଠାରୁ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ହଂକଂ ପରସ୍ପରକୁ ଭେଟିବେ। ଏହି ଗ୍ରୁପ୍-ବି' ମ୍ୟାଚ୍ ଆବୁଧାବିରେ ଖେଳାଯିବ। ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ଓ ଆୟୋଜକ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଦୁବାଇଠାରେ ପରସ୍ପରକୁ ଭେଟିବେ। ଏସିଆ କପ୍‌ର ୧୭ତମ ସଂସ୍କରଣରେ ୮ ଦଳ ଭାଗ ନେଉଛନ୍ତି। ପ୍ରତ୍ୟେକ ଦଳକୁ ୨ ଗ୍ରୁପ୍‌ରେ ଭାଗ କରାଯାଇଛି।

## ଆଜିର ମ୍ୟାଚ୍

**ଆଫଗାନିସ୍ତାନ ବନାମ ହଂକଂ**
ଭେନ୍ୟୁ: ଆବୁଧାବି
ସମୟ: ରାତି ୮ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ

# ଏସିଆ କପ୍ ମହିଳା ହକି: ସୁପର-୪ରେ ଭାରତ



ଭାରତ-ସିଙ୍ଗାପୁର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ହାଙ୍ଗଝୋ, ୮।୯ (ପି.ଟି.)**

ନବନୀତ କୌର ଓ ମମ୍‌ତାଜ ଖାନ୍‌ଙ୍କ ହ୍ୟାଟ୍ରିକ୍ ବଳରେ ଭାରତ ଏଠାରେ ଚାଲିଥିବା ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ପୁଲ୍ 'ବି'ରେ ୩୪ ର‌୍ୟାଙ୍କିଙ୍ଗପ୍ରାପ୍ତ ସିଙ୍ଗାପୁରକୁ ୧୨-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଦଳ ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ନବନୀତ ୧୪ତମ, ୨୦ତମ ଓ ୨୮ତମ ମିନିଟରେ ଗୋଲ ସ୍କୋର କରିଥିବା ବେଳେ ମମ୍‌ତାଜ ୨ୟ, ୩୨ତମ ଓ ୩୯ତମ ମିନିଟ୍‌ରେ ତାଙ୍କ ଗୋଲ୍‌ଗୁଡ଼ିକ ସ୍କୋର କରିଥିଲେ। ନେହା ୧୧ଶ ଓ ୩୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିବା ବେଳେ ଲାଲ୍‌ରେମ୍‌ସିଆମି (୧୩ତମ), ଇଦିତା (୨୯ତମ) ଓ ଋତୁଜା ପିସାଲ (୫୩ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଟୁର୍ନାମେଣ୍ଟ ଓପନରରେ ଥାଇଲାଣ୍ଡକୁ ୧୧-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ସୁପର-୨ରେ ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ଭେଟିବ। ଏସିଆ କପ୍‌ର ବିଜେତା ବେଲଜିୟମ ଓ ନେଦରଲାଣ୍ଡ୍ସରେ ଖେଳାଯିବାକୁଥିବା ୨୦୨୬ ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ।

# କ୍ଲବ ଶକ୍ତି ଉତ୍ତୋଳନ: ଅନୁପମା, ଆଶିଷ ଶ୍ରେଷ୍ଠ

**ଭୁବନେଶ୍ୱର, ୮।୯ (ତପନ ସ୍ୱାଇଁ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୩ୟ କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବିଭାଗ ମହିଳାରେ ଅନୁପମା ସ୍ୱାଇଁ ଓ ପୁରୁଷରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଛନ୍ତି। ଅନ୍ୟ ଅତିଥି ଭାବେ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିଶନର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଆଡ୍‌ଭୋକେଟ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

କାଳି ପ୍ରସାଦ ନନ୍ଦ ଓ ସନତ ନାୟକ ଯୋଗଦେଇଥିଲେ। ପୁରସ୍କାର ଭାବେ କ୍ରୀଡ଼ାବିତ୍‌ଙ୍କୁ ୮୦ ହଜାର ଟଙ୍କା ଓ ଦେଢ଼ଲକ୍ଷ ଟଙ୍କାର କ୍ରୀଡ଼ା ଉପକରଣ ଓ ସ୍ପୋର୍ଟ୍ସ ନ୍ୟୁଟ୍ରିଶନ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଓ ରାଜ୍ୟ ବାହାରୁ କ୍ଲବ ମାନଙ୍କରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲର ମିଳିତ ଉଦ୍ୟମରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ୧୯ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ, ଫିଟନେସ ମନ୍ତ୍ର ୫ଟି ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଡି ଜିମ ୩ ସ୍ୱର୍ଣ୍ଣ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି। ପ୍ରତିଯୋଗିତାକୁ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ, ବି.ପି. ବେହେରା, ଜାଭେଦ ଅର୍ଶଦ, ରାକେଶ ଶତପଥୀ, ଲକି ରାଣୀ ପାତ୍ର, ସ୍ୱାଗତିକା ସାହୁ, ଶ୍ରୀଜିତା ବରାଳ ପ୍ରମୁଖ ପରିଚାଳନା କରିଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ